# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 42 ♦ISSUE-251 ♦BHUBANESWAR ♦SATURDAY ♦8 MARCH 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୫୧ ♦ଭୁବନେଶ୍ୱର ♦ଶନିବାର ♦୮ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦




ହେନ୍‌ରୀଙ୍କ ଖେଳିବା ନେଇ ଆଶଙ୍କା

▶କ୍ରୀଡ଼ା ପୃଷ୍ଠାରେ...

# ବିଜୁଙ୍କ ଅସମ୍ମାନ; ବିଧାନସଭା ଅଚଳ

## ବିଜୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ବିଜେଡି ବିଧାୟକ

**ବିଜୁଙ୍କ ଅସମ୍ମାନ ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି**

**ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଗର୍ଜିଲା କଂଗ୍ରେସ**

**ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିଲେ କଂଗ୍ରେସ ବିଧାୟକ**

**ହୋ-ହଲ୍ଲା ମଧ୍ୟରେ ଗୃହରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ**



■ **ଭୁବନେଶ୍ୱର, ୭।୩ (ସମିସ):** ବିଜୁବାବୁଙ୍କ ଅସମ୍ମାନ ପ୍ରସଙ୍ଗରେ ଆଜି ବିଧାନସଭା କମ୍ପାଇଛି ବିରୋଧୀ ବିଜେଡି । ଦଳର ବିଧାୟକମାନେ ରାଜ୍ୟ ସରକାରଙ୍କ ହୀନ ରାଜନୀତିକୁ କଟୁ ସମାଲୋଚନା ସହ ଗୃହରେ ପ୍ରତିବାଦ କରିବା ସହ ବିଧାନସଭା ପରିସରରେ ବିଜୁଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ କଂଗ୍ରେସ ଘେରିବା ସହ ଦଳର ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିଅମ ଉପରକୁ ଚଢ଼ି ପ୍ରତିବାଦ କରିଛନ୍ତି । ଫଳରେ ଗୃହକାର୍ଯ୍ୟ ପୂର୍ଣ୍ଣତଃ ବାଧାପ୍ରାପ୍ତ ହୋଇଛି। ବିରୋଧୀଙ୍କ ବିରୋଧ ଓ ପ୍ରତିବାଦ ମଧ୍ୟରେ ସରକାର ଗୃହରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ କରିଛନ୍ତି ।

ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ । ବିଜୁଙ୍କୁ ଅସମ୍ମାନ କରାଯାଇଥିବା ପ୍ରତିବାଦ କରି ସରକାର ବିରୋଧୀ ସ୍ଲୋଗାନରେ ଗୃହ କମ୍ପମାନ କରିଥିଲେ। ଅନୁରୂପ ଭାବରେ କଂଗ୍ରେସ ମଧ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ବେକରେ ପୋଷ୍ଟର ଲଗାଇବା ସହ ପ୍ଲାକାର୍ଡ ପ୍ରଦର୍ଶନ ଏବଂ ନାରାବାଜି କରିଥିଲା। ବିଜେଡି ବିଧାୟକ ଅଧିରାଜ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ ମାର୍ସଲ ସେମାନଙ୍କୁ ଅଟକାଇଥିଲେ। ଫଳରେ ବାଚସ୍ପତି ୧୦ଟା ୩୬ରୁ ୧୨ଟା ଯାଏଁ ▶ପୃଷ୍ଠା-୭

**ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବ ବିରୋଧରେ ଏକାଠି ହେବାପାଇଁ ଷ୍ଟାଲିନ୍‌ଙ୍କ ଆହ୍ୱାନ**

# ଓଡ଼ିଶା ସମେତ ୭ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

**ରାଜନୈତିକ ଦଳମାନଙ୍କର ମିଳିତ କ୍ରିୟାନୁଷ୍ଠାନ ଗଠନ ସପକ୍ଷରେ ଷ୍ଟାଲିନ୍**

**୨୨ରେ ଚେନ୍ନାଇରେ ଜେଏସିର ପ୍ରଥମ ବୈଠକରେ ଯୋଗଦେବାକୁ ନିମନ୍ତ୍ରଣ**

**ବିଜେଡି, କଂଗ୍ରେସକୁ ପ୍ରତିନିଧି ପଠାଇବାକୁ କଲେ ନିବେଦନ**

■ **ଚେନ୍ନାଇ, ୭।୩ (ଏଜେନ୍ସି):** ଆସନ୍ତା ବର୍ଷଠାରୁ କେନ୍ଦ୍ର ସରକାର ସଂସଦୀୟ କ୍ଷେତ୍ରଗୁଡିକର ସୀମା ପୁନଃନିର୍ଦ୍ଧାରଣ କରିବାକୁ ଯାଉଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିରୋଧ କରି ବିଭିନ୍ନ ରାଜ୍ୟର ରାଜନୈତିକ ଦଳମାନଙ୍କୁ ଏକାଠି ହେବାଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଆହ୍ୱାନ ଦେଇଛନ୍ତି। ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସାଂସଦଙ୍କ ସଂଖ୍ୟା ୮୦୦କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। କିନ୍ତୁ ଏହାକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଆଶଙ୍କା ବଢ଼ିବାରେ ଲାଗିଛି।

ଏହି ପ୍ରକ୍ରିୟାରେ ତାମିଲନାଡୁର ସାଂସଦଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଷ୍ଟାଲିନ୍ ମତ ଦେଇଛନ୍ତି। ଜନସଂଖ୍ୟା ହ୍ରାସ ପାଇଥିବାର ଫଳ ରାଜ୍ୟ ଭୋଗିବ ବୋଲି ସେ କହିଛନ୍ତି। ଏହାକୁ ନେଇ କେନ୍ଦ୍ର ସହ ତାଙ୍କର ବିବାଦ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସବୁ ରାଜ୍ୟର ସାଂସଦ ଏବଂ ପ୍ରତିନିଧିଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରିବା ସପକ୍ଷରେ ଷ୍ଟାଲିନ ମତ ରଖିଛନ୍ତି। ଏଥିପାଇଁ ସେ ଓଡ଼ିଶା ସମେତ ୭ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ▶ପୃଷ୍ଠା-୭

**୮ ମାସରେ ୧୬୦୦ ମହିଳା ବିରୋଧୀ ହିଂସା**

# ସୁରକ୍ଷା ଖୋଜୁଛି 'ସୁଭଦ୍ରା'

■ **ଭୁବନେଶ୍ୱର, ୭।୩ (ସମିସ):** ରାଜ୍ୟ ସରକାର ମହିଳାମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥିବା 'ମିଶନ ଶକ୍ତି'କୁ କବର ଦେଇଛନ୍ତି। 'ସୁଭଦ୍ରା' ଯୋଜନାରେ ବର୍ଷକୁ ଦୁଇଟି କିସ୍ତିରେ ମହିଳାମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦେଇ ସେମାନଙ୍କୁ ଲକ୍ଷପତି କରିବାକୁ ସ୍ୱପ୍ନ ଦେଖୁଛନ୍ତି । ମାତ୍ର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ରାଜ୍ୟର କୋଣ ଅନୁକୋଣରେ 'ସୁଭଦ୍ରା'ମାନଙ୍କୁ ଅସୁରକ୍ଷିତ କରି ଦେଇଛି। ମହିଳା ବିରୋଧୀ ହିଂସା ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇଛି ଓ ୮ ମାସରେ ୧୬୦୦ ମହିଳା ବିରୋଧୀ ହିଂସାର ଲିଖିତ ଅଭିଯୋଗ ଆସିଛି । ଏହାମଧ୍ୟରେ ରହିଛି ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ପରି ସଙ୍ଗୀନ ଅପରାଧ । ଏହାବ୍ୟତୀତ ସାରା ରାଜ୍ୟରେ ପ୍ରତିଦିନ ଏମିତି ଶହଶହ ମହିଳା ବିରୋଧୀ ହିଂସା ଲୋକଲୋଚନକୁ ଆସି ନ ପାରି ଭିତରେ ଭିତରେ ଚପି ଯାଉଛି।

**ଗଣଦୁଷ୍କର୍ମ ଓ ହତ୍ୟା ତାଲିକା ଦୀର୍ଘ**

କିଛି ବର୍ଷ ପୂର୍ବେ ଓଡ଼ିଶାରେ ଆଇନ ଶୃଙ୍ଖଳା ଭୁଷୁଡ଼ି ପଡିଛି କହି ସାରା ରାଜ୍ୟରେ ବିଜେପି ସତ୍ୟାଗ୍ରହ କରିଥିଲା। ଦଳର ନେତାମାନେ ରାଜରାସ୍ତାରେ ବୁକୁ ଫଟା ଚିତ୍କାର କରୁଥିଲେ। ମାତ୍ର ବିଜେପି ସରକାରରେ ପୂର୍ବାପେକ୍ଷା ରାଜ୍ୟରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇଛି। ଗତ ୮ମାସର ବିଜେପି ଶାସନରେ ୧୬୦୦ ମହିଳାଙ୍କ ଉପରେ ଅତ୍ୟାଚାର ମାମଲା ରୁଜୁ ହୋଇଛି। ବାଲେଶ୍ୱରରୁ ବଲାଙ୍ଗିର, କେନ୍ଦ୍ରାପଡ଼ାରୁ ନେଇ ରାଉରକେଲା ପର୍ଯ୍ୟନ୍ତ ସବୁଠି ଅପରାଧୀ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦଳିମଛି ସରକାରଙ୍କୁ ଚାଲେଞ୍ଜ ଦେଇଛନ୍ତି ।

ବାଲେଶ୍ୱରର ସୋର ବ୍ଲକ୍‌ରେ ମହିଳାଙ୍କୁ ବଳାତ୍କାର କରାଯାଇଛି। ଜଳେଶ୍ୱରରେ ୬୫ ବର୍ଷିୟ ମହିଳା ଦୁଷ୍କର୍ମ ପରେ ହତ୍ୟାର ଶିକାର ହୋଇଛନ୍ତି। ନୀଳଗିରି ▶ପୃଷ୍ଠା-୭

# ସପ୍ତାହକ ଭିତରେ ୪ ଡିଗ୍ରୀ ବଢ଼ିବ ତାତି

■ **ଭୁବନେଶ୍ୱର, ୭।୩ (ସମିସ):** ଆସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟର ତାପମାତ୍ରା ବଢ଼ିବ ୪ ଡ଼ିଗ୍ରୀ। କେବଳ ଦିନ ନୁହେଁ, ରାତି ତାପମାତ୍ରାରେ ମଧ ଅନ୍ୟୂନ ୨ରୁ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆସନ୍ତା ୧୧ କିମ୍ବା ୧୨ ତାରିଖ ବେଳକୁ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍) ସ୍ଥିତି ପାଇଁ ପାଗ ଅନୁକୂଳ ହେବ। ୧୪ ତାରିଖରୁ ୨୦ ତାରିଖ ମଧ୍ୟରେ ଏହି ସ୍ଥିତି ଗୁରୁତର ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ରାଜ୍ୟରେ ବଢୁଥିବା ଖରା ଓ ଆଗାମୀ ୨ ସପ୍ତାହର ସ୍ଥିତିକୁ ନେଇ ଏଭଳି କିଛି ଆକଳନ କରାଯାଇଛି। ଆଗକୁ ଖରାର ପ୍ରଭାବ

**ଏବର୍ଷ ମାର୍ଚ୍ଚରୁ ଗ୍ରୀଷ୍ମ ଲହରୀ**

**ହୋଲିରେ ପ୍ରବଳ ଗରମ ସମ୍ଭାବନା**

ବୃଦ୍ଧି ହେବା ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ବିସ୍ତାରିତ ପରିସର ଆକଳନରେ ଆଗାମୀ ଦୁଇ ସପ୍ତାହ ମାର୍ଚ୍ଚ ୭ ତାରିଖରୁ ୨୦ ତାରିଖ ମଧ୍ୟରେ ଗ୍ରୀଷ୍ମପ୍ରବାହ (ହିଟ୍ ୱେଭ୍) ସ୍ଥିତି ନେଇ ମଧ ଆଶଙ୍କା କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ଏହି ସମୟରେ ତାତିର ପ୍ରଭାବ ଅଧିକ ଅନୁଭୂତ ହେବା ସହ ଏହି ଅଞ୍ଚଳଗୁଡ଼ିକରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ନେଇ ଆଇଏମ୍‌ଡି ଆକଳନ କରିଛି। ରାଜ୍ୟରେ ସାଧାରଣତଃ ଏପ୍ରିଲ୍ ଓ ମେ' ମାସରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ▶ପୃଷ୍ଠା-୭

**ପ୍ରଶ୍ନ ଘେରରେ ସରକାରଙ୍କ ମହିଳା ସଶକ୍ତିକରଣ ଆନ୍ତରିକତା**

# ଅନ୍ୟ ରାଜ୍ୟରେ ୨୫୦୦; ଓଡ଼ିଶାରେ ୮୩୩

■ **ଭୁବନେଶ୍ୱର, ୭।୩ (ସମିସ):** ଆସନ୍ତାକାଲି ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ଦ୍ୱିତୀୟ କିସ୍ତି ପ୍ରଦାନ କରିବେ। ଏଥିପାଇଁ ସରକାରୀସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ସୁଭଦ୍ରା ଯୋଜନାରେ ୫ ବର୍ଷରେ ମିଳିବାକୁ ଥିବା ୫୦ ହଜାର ଟଙ୍କାର ଅର୍ଥ ରାଶିରେ ମହିଳା ଉଦ୍ୟୋଗୀ ହୋଇ ଲକ୍ଷପତି ହେବେ ବୋଲି ରାଜ୍ୟ ସରକାର ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି। ଏପରିକି ଏହି ଯୋଜନାରୁ ରାଜନୈତିକ ଫାଇଦା ନେବାକୁ ରାଜ୍ୟ ସରକାର ଉଦ୍ୟମ ମଧ ଜାରି ରଖିଛନ୍ତି। ତେବେ ବାସ୍ତବତାକୁ ଅନୁଧ୍ୟାନ କଲେ ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ନୀତି, ଯୋଜନା ତଥା ମହିଳା ସ୍ୱାବଲମ୍ବନ କ୍ଷେତ୍ରରେ

**ହରିଆଣାରେ ମାସିକ ୨୧୦୦, ମହାରାଷ୍ଟ୍ରରେ ମିଳୁଛି ୧୫୦୦ ଟଙ୍କା**

ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ମାସିକ ୮୩୩ ଟଙ୍କା ତଥା ଦୈନିକ ହାରାହାରି ୨୭ ଟଙ୍କା ୭୬ ପଇସାରେ ଜଣେ ମହିଳା କିପରି ଉଦ୍ୟୋଗୀ ହୋଇପାରିବେ ବୋଲି ପ୍ରଶ୍ନ ଉଠିଛି। ଅନ୍ୟ ବିଜେପି ଶାସିତ ରାଜ୍ୟ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଥିବା ବେଳେ ରାଜ୍ୟରେ ପ୍ରଥମ ଥର ସରକାର ଗଠନ କରିଥିବା ବିଜେପି ଓଡ଼ିଶାର ମହିଳାମାନଙ୍କୁ ୮୩୩ ଟଙ୍କିଆ ସହାୟତା ଦେଇ ବାହାବା ନେଉଛି। ନିକଟରେ ୨୭ବର୍ଷ ପରେ ବିଜେପି ଦିଲ୍ଲୀ ଦଖଲ କରିଛି। ଆସନ୍ତାକାଲି ମାର୍ଚ୍ଚ ୮ ତାରିଖ ପରଠାରୁ ଦିଲ୍ଲୀର ମହିଳାମାନଙ୍କୁ ସେଠାକାର ▶ପୃଷ୍ଠା-୭






**ଅଭିଯୁକ୍ତଙ୍କୁ ଖୋଜି ପାରିଲେନି ଯୁବକ**

# ଥାନାରେ ଥାର୍ଡ ଡିଗ୍ରୀ!

■ **ବାରିପଦା, ୭।୩ (ସମିସ):** ଅଭିଯୁକ୍ତଙ୍କୁ ଖୋଜି ଆଣି ନପାରିବାରୁ ଥାନା ଭିତରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ। ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ବିରୋଧରେ ଡିପାସାହି ଗ୍ରାମର ସୁଦାମ ସିଂ ନାମକ ଜଣେ ଯୁବକ ଏପରି ଏକ ସଂଗିନ୍ ଅଭିଯୋଗ ଆଣିଛନ୍ତି। ପୁଲିସ୍ ତାଙ୍କୁ ଥାନା ହାଜତରେ ନିର୍ଦ୍ଧୁମ୍ ମାଡ଼ ମାରିଥିବା ବେଳେ ଜଣେ ପୁଲିସ୍ ଅଧିକାରୀ ତାଙ୍କ ଛାତିରେ ଚଢ଼ିଯାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ ମୁହଁ, ଆଖି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଗତ ଫେବୃଆରୀରେ ଶରତ ଥାନା କଟୁରିଆ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ସନ୍ଦେହ କରି ଶରତ ପୁଲିସ୍ ଫେବୃଆରୀ ୧୦ରେ ଡିପାସାହି ଗ୍ରାମର ସୁଦାମଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। କିନ୍ତୁ ପ୍ରାଥମିକ ତଦନ୍ତ ପରେ ସେ ନିର୍ଦ୍ଦୋଷ ଥିବା ଜାଣି ଛାଡ଼ି ଦେଇଥିଲେ। ଏଥିସହ ▶ପୃଷ୍ଠା-୭









## ତମନ୍ନା-ବିଜୟଙ୍କ ବ୍ରେକ୍‌ଅପ୍



ମୁମ୍ବାଇ, ୭।୩ (ଏଜେନ୍ସି): ବଲିଉଡ ଓ ଟଲିଉଡ୍‌ର ଚର୍ଚ୍ଚିତ ଯୋଡି ବିଜୟ ବର୍ମା ଏବଂ ତମନ୍ନା ଭାଟିଆଙ୍କ ଦୀର୍ଘଦିନର ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ବିବାହ ପାଇଁ ଉଭୟେ ମୁମ୍ବାଇରେ ଫ୍ଲାଟ ଖୋଜୁଥିବା ଚର୍ଚ୍ଚା ମଧ୍ୟରେ ଚିରାଚରିତ ଢଙ୍ଗରେ ଏହି ଯୋଡ଼ି ମଧ୍ୟ ବ୍ରେକ୍‌ଅପ୍ କରି ନେଇଛନ୍ତି। ଏହି ସମ୍ପର୍କର ଅନ୍ତ ପାଇଁ ପ୍ରତିବଦ୍ଧତାକୁ ଦାୟୀ କରାଯାଉଛି। ପ୍ରେମୀ ବିଜୟଙ୍କଠାରୁ ସାରା ଜୀବନ ଏକାଠି ରହିବା ପାଇଁ ତମନ୍ନା ପ୍ରତିଶ୍ରୁତି ଚାହିଁଥିଲେ। ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ବିଜୟ ଏଥିରେ ରାଜି ହୋଇ ନ ଥିଲେ ବୋଲି କୁହାଯାଉଛି। କିଛି ଦିନ ତଳେ ଏହି ଦମ୍ପତିଙ୍କ ଜଣେ ଘନିଷ୍ଠ ଏକ ସାକ୍ଷାତକାର ଦେଇ ଗୁମର ଖୋଲି ଦେଇଥିଲେ। ଭବିଷ୍ୟତକୁ ନେଇ ତମନ୍ନା ଏବଂ ବିଜୟଙ୍କ ବିଚାର ମେଳ ଖାଉନାହିଁ ବୋଲି କହିଥିଲେ। ତମନ୍ନା ଶୀଘ୍ର ବିବାହ କରିବାକୁ ଚାହୁଁଥିବାବେଳେ ବିଜୟ ଏଥିପାଇଁ ପ୍ରସ୍ତୁତ ନ ଥିଲେ। ଏହା ପୂର୍ବରୁ ଉଭୟେ ଚଳିତ ବର୍ଷ ଶେଷ ସୁଦ୍ଧା ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଆଉ କିଛି ରିପୋର୍ଟରେ ବ୍ରେକ୍‌ଅପ୍ ଖବରକୁ ମିଛ ବୋଲି କୁହାଯାଉଛି।

### ପ୍ରେମ ପାଇଁ ପରୀକ୍ଷାରେ ଜାଲିଆତି

## ପ୍ରେମିକା ପାଇଁ ପରୀକ୍ଷା ଦେଇ ୩୪ ଗିରଫ

ଚଣ୍ଡିଗଡ଼, ୭।୩ (ଏଜେନ୍ସି): ଏବେ ହରିୟାଣାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଚାଲିଛି। ଆଉ ଏହା ପ୍ରେମିକଙ୍କ ପାଇଁ ପ୍ରେମ ପରୀକ୍ଷା ମଧ୍ୟ ପାଲଟି ଯାଇଛି। ପ୍ରେମିକ ଫିଲ୍ମି ଡାଏଲଗ 'ପ୍ରେମ ପାଇଁ ସବୁ କିଛି କରିପାରିବୁ'କୁ ସାକାର କରିବାକୁ ଲାଗି ପଡ଼ିଛନ୍ତି। ପ୍ରେମର ପ୍ରମାଣ ଦେବା ପାଇଁ କିଏ ପ୍ରେମିକା ଭାଇର ପରୀକ୍ଷା ଦେଇ ତ ଆଉ କିଏ ସାଙ୍ଗ ବଦଳରେ ଲେଖିବାକୁ ଆସି ଧରାପଡିଛି। ଅନ୍ୟ ଛାତ୍ରଛାତ୍ରୀଙ୍କ ସ୍ଥାନରେ ପରୀକ୍ଷା ଦେଉଥିବା ଅଭିଯୋଗରେ ହରିୟାଣା ପୁଲିସ ୩୪ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୬ ଜଣ ନାବାଳକ ସାମିଲ ଅଛନ୍ତି। ପ୍ରେମିକାକୁ କେତେ ଭଲ ପାଉଛୁ ଏବଂ ପ୍ରେମ ପାଇଁ କିଛି କରିପାରିବୁ ଦେଖାଇବା ପାଇଁ ଅଧିକାଂଶ ପରୀକ୍ଷା ଦେବାକୁ ଆସି ଥିଲେ ବୋଲି କହିଛନ୍ତି। ଆଉ କିଛି ନିଜ ସମ୍ପର୍କୀୟ ଏବଂ ବନ୍ଧୁଙ୍କ ପାଇଁ ପରୀକ୍ଷା ଦେବାକୁ ଆସି ଧରା ପଡିଛନ୍ତି।

ହରିୟାଣା ନୁହର ମାଉଣ୍ଟ ଅରାବଲୀ ପବ୍ଲିକ ସ୍କୁଲରୁ ଏହି ମାମଲା ସାମ୍ନାକୁ ଆସିଛି। କିଛି ଦିନ ତଳେ ହରିୟାଣା ବୋର୍ଡର ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ଏହା ପରେ ଶିକ୍ଷା ବିଭାଗ ସକ୍ରିୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ଅନ୍ୟ ପାଇଁ ଖାତା ଲେଖିବାକୁ ଆସିଥିବା ପରୀକ୍ଷାର୍ଥୀ ଧରା ପଡ଼ିଥିଲେ।

## ହଲିଉଡ ଅଭିନେତ୍ରୀ ପାମେଲା ବାଚ୍‌ଙ୍କ ଆତ୍ମହତ୍ୟା



ୱାସିଂଟନ, ୭।୩ (ଏଜେନ୍ସି): ହଲିଉଡ ଅଭିନେତ୍ରୀ ପାମେଲ୍ ବାଚ୍ (୬୨) ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ହଲିଉଡ୍ ହିଲ୍ସ ସ୍ଥିତ ଘରୁ ବୁଧବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଅଭିନେତା ଡେଭିଡ ହେସଲହୋଫଙ୍କ ପୂର୍ବତନ ପତ୍ନୀ ଥିଲେ। ସେ ହିଁ ଏହି ସୂଚନା ଦେଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଅଭିନେତ୍ରୀଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ଲସ୍ ଆଞ୍ଜେଲସ୍‌ର ମେଡିକାଲ ଏଗ୍‌ଜାମିନରଙ୍କ କାର୍ଯ୍ୟାଳୟ ଏହା ଜାଣିବା ପାଇଁ ଯାଞ୍ଚ ଜାରି ରଖିଛନ୍ତି। ୧୯୭୦ ଦଶକରୁ ଅଭିନୟ ଆରମ୍ଭ କରିଥିବା ପାମେଲା 'ଦ ୟଙ୍ଗ ଆଣ୍ଡ ଦ ରେଷ୍ଟଲେସ', ଚିଅର୍ସ, ଦ ଫଲ୍ ଗାଏ, ଟିଜେ ହୁକର, ସୁପରବୟ ଏବଂ ଭାଇପର ଆଦି ହଲିଉଡ ଚଳଚ୍ଚିତ୍ରରେ କାମ କରିଥିଲେ।

### ଆମେରିକା ସହ ଶୁଳ୍କ ଯୁଦ୍ଧ

## ଏକାଠି ହେବାକୁ ଭାରତକୁ ଆହ୍ୱାନ ଦେଲା ଚୀନ୍

ବେଜିଂ, ୭।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ରେସିପ୍ରୋକାଲ ଟାରିଫ (ସମାନ ଶୁଳ୍କ) ଧମକ ଦେଇ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛନ୍ତି। ସେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ଶୁଳ୍କ ଲଗାଇବାରୁ ଧମକ ଦେଇ ଶୁଳ୍କ ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଚୀନ୍ ଆମଦାନୀ ଉପରେ ଆମେରିକା ୨୦ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଏହାକୁ ନେଇ ଆମେରିକା ଏବଂ ଚୀନ୍ ମୁହାଁମୁହିଁ ହୋଇଛନ୍ତି। ଏସବୁ ଭିତରେ ଚୀନ ଏବେ ଭାରତର ସହାୟତା ଲୋଡ଼ିଛି। ଏପରି କଠିନ ସମୟରେ ଚୀନ୍‌କୁ ଭାରତ କଥା ମନେ ପଡିଛି। ଉତ୍ତେଜନା ଭୁଲି ପୁଣି ଏକାଠି ହେବାକୁ ଚୀନ୍ ଭାରତକୁ ଆହ୍ୱାନ ଦେଇଛି। ନୂଆଦିଲ୍ଲୀ ଓ ବେଜିଂ ମଧ୍ୟରେ ସହଯୋଗ କରିବା ସହ ଆମେରିକାର ଆଧିପତ୍ୟ ଓ କ୍ଷମତା ରାଜନୀତିକୁ ବିରୋଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଶୁକ୍ରବାର ନିବେଦନ କରିଛନ୍ତି। ଆମେରିକା ସହ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଚୀନ୍ ମନ୍ତ୍ରୀ ଏପରି ବୟାନ ଦେଇଥିବା କୁହାଯାଉଛି। ନ୍ୟାସନାଲ ପିପୁଲ୍ସ କଂଗ୍ରେସ ବୈଠକ ପରେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ଡ୍ରାଗନ୍ (ଚୀନ) ଓ ହାତୀ(ଭାରତ)



ଏକାଠି ନୃତ୍ୟ କରିବା ଏକ ବାସ୍ତବତା। ଏହା ହିଁ ଏକମାତ୍ର ଉପଯୁକ୍ତ ବିକଳ୍ପ। ପରସ୍ପରକୁ ଦୁର୍ବଳ କରିବା ପରିବର୍ତ୍ତେ ପରସ୍ପରକୁ ସମର୍ଥନ କରିବା ଏବଂ ସହଯୋଗକୁ ସୁଦୃଢ଼ କରିବା ଉଭୟ ଦେଶ ଓ ଜାତିର ମୌଳିକ ସ୍ୱାର୍ଥରେ ରହିଛି ବୋଲି ସେ କହିଛନ୍ତି।

ସେ ଆମେରିକା ଶୁଳ୍କକୁ ନେଇ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। କହିଛନ୍ତି ଯେ ଆମରିକା ମନଇଚ୍ଛା ଶୁଳ୍କ ବଢ଼ାଉଛି। ଦେଶ ଏହାକୁ ଜବାବ ଦେବା ଜାରି ରଖିବ। ଆମେରିକା ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ସମୟରେ ଚୀନ୍ ସହାୟତା କରିଥିଲା। କିନ୍ତୁ ଆମେରିକା ଶୁଳ୍କ ବଢ଼ାଇ ଏହି ସହାୟତାର ଜବାବ ଦେଇଥିଲା। ମନଇଚ୍ଛା ଆମେରିକା ଲଗାଉଥିବା ଏହି ଟାରିଫ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରୁଛି। କୌଣସି ଦେଶ ଏକପାଖିଆ ଭାବେ ଚୀନ୍‌କୁ ଦବାଇ ପାରିବ ନାହିଁ। ମାତ୍ର ଚୀନ୍ ସହ ଭଲ ସମ୍ବନ୍ଧ ରଖିପାରିବ। ଏଭଳି ଦୋମୁହାଁ ନୀତି ଦ୍ୱିପାକ୍ଷିକ ସମ୍ବନ୍ଧ ପାଇଁ ଆଦୌ ଶୁଭଙ୍କର ନୁହେଁ।

ଏହା ପୂର୍ବରୁ ଜାନୁଆରୀ ୨୭ରେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ଚୀନ୍ ବିଦେଶମନ୍ତ୍ରୀ ବେଜିଂରେ ପରସ୍ପରକୁ ଭେଟିଥିଲେ। ଏହି ସମୟରେ ମିଶ୍ରି କହିଥିଲେ ଯେ ଦୁଇ ଦେଶର ସନ୍ଦେହ ଏବଂ ବିଚ୍ଛିନ୍ନତାବାଦ ବଦଳରେ ସମର୍ଥନ ଓ ଉପଲବ୍ଧିକୁ ପ୍ରାଧାନ୍ୟ ଦେବା ଉଚିତ। ସେହିପରି ଚୀନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଉଭୟ ପକ୍ଷ ଏହି ସୁଯୋଗର ଲାଭ ଉଠାଇବା ଆବଶ୍ୟକ।

## ଆତଙ୍କବାଦୀ ତହବୁର ରାଣାର ଆବେଦନ ଖାରଜ

ୱାସିଂଟନ, ୭।୩ (ଏଜେନ୍ସି): ମୁମ୍ବାଇ (୨୦୦୮) ଆତଙ୍କବାଦୀ ଆକ୍ରମଣର ଦୋଷୀ ତହବୁର ରାଣାକୁ ଗୁରୁବାର ଝଟ୍‌କା ଲାଗିଛି। ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ସେ ଦାଏର



କରିଥିବା ଆବେଦନକୁ ଆମେରିକା ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସେ ଏଥିରୁ ବର୍ତ୍ତିବା ପାଇଁ ପାକିସ୍ତାନ ବଂଶୋଦ୍ଭବ ଏବଂ ମୁସଲମାନ ହୋଇଥିବାର ବାହାନା କରିଥିଲା। ଏଥିଯୋଗୁଁ ତା'କୁ ଭାରତରେ କଠୋର ନିର୍ଯାତନା ଦିଆଯିବ ବୋଲି କହିଥିଲା। ପ୍ରତ୍ୟର୍ପଣ ଉପରେ କଟକଣା ନ ଲଗାଇଲେ ଭାରତରେ ଶୀଘ୍ର ମରିଯିବ ବୋଲି ଆବେଦନରେ ଦର୍ଶାଇ ଥିଲା। ତେବେ ସୁପ୍ରିମକୋର୍ଟ ବିଚାରପତି ଏଲେନା କଗାନ ତାରୁ ଦାବିକୁ ଗ୍ରହଣ କରି ନ ଥିଲେ। ଆବେଦନକୁ ଖାରଜ କରିଦେଇଥିଲେ। ୨୦୦୯ରେ ଏଫ୍‌ବିଆଇ ତହବୁରକୁ ଗିରଫ କରିଥିଲା। ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ମାମଲାରେ ତାକୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏବେ ସେ ଲସ୍ ଏଞ୍ଜେଲସ୍‌ର ଏକ ଜେଲ୍‌ରେ ଅଛି।

### ସୁନା ଚୋରାଚାଲାଣ ମାମଲା

## ଡିଆରଆଇ ହେପାଜତକୁ ଗଲେ ରନ୍ୟା

ବେଙ୍ଗାଲୁରୁ, ୭।୩ (ଏଜେନ୍ସି): ସୁନା ଚୋରାଚାଲାଣ (୧୪.୮ କେଜି) କରି ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଧରାପଡ଼ିଥିବା ଡିଜିପିଙ୍କ ସାବତ ଝିଅ ତଥା ଅଭିନେତ୍ରୀ ରନ୍ୟା ରାଓଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବେଙ୍ଗାଲୁରୁର ସ୍ଥାନୀୟ କୋର୍ଟ ତାଙ୍କୁ ୧୦ ତାରିଖ ପର୍ଯ୍ୟନ୍ତ ଡିଆରଆଇ ହେପାଜତକୁ ପଠାଇ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ସେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିଛନ୍ତି ବୋଲି ଡିଆରଆଇ ପକ୍ଷରୁ କୁହାଯାଇଥିଲା। ଏହା ସହିତ ଡିଆରଆଇ ପକ୍ଷରୁ କୁହାଯାଇଥିଲା ଯେ ରନ୍ୟା ବର୍ଷକ ଭିତରେ ୨୭ ଥର ଦୁବାଇ ଗସ୍ତରେ ଯାଇଥିଲେ। ଏହି ସମୟରେ ବିନା ସୁଟିଂ ଏବଂ ଚାକିରିରେ ୨୭ ଦେଶ ବୁଲିଥିଲେ। ସୁନା ଚୋରାଚାଲାଣ ନେଟୱର୍କରେ ସେ ଦୀର୍ଘ ଦିନ ହେଲା କାମ କରୁଥିବା ସନ୍ଦେହକୁ ଏହା ଅଧିକ ଘନୀଭୂତ କରିଛି। ସେ କେବଳ ଗତ ୧୫ ଦିନରେ ଚାରି ଥର ଦୁବାଇ ଗସ୍ତ କରିଥିଲେ ଏବଂ ପ୍ରତିଥର ସମାନ ପୋଷାକ ଓ ବେଲ୍ଟ ପିନ୍ଧି ଥିଲେ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି। ଏହି ମାମଲାରେ ଅନ୍ୟ କୌଣସି ବ୍ୟକ୍ତି ତଥା ରାଜନେତାଙ୍କ ସମ୍ପୃକ୍ତି ଅଛି କି ନାହିଁ ତାହା ଜାଣିବାକୁ ଯାଞ୍ଚ ଜାରି ରହିଛି।



ଡିଜିପି ବାପା ରାମଚନ୍ଦ୍ର ରାଓ ଏହି ମାମଲାରୁ ନିଜକୁ ଦୂରେଇ ରଖିଛନ୍ତି। ସେ ଝିଅ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ପାରିବାରିକ ବିବାଦ ପାଇଁ ରନ୍ୟା ତା'ର ଆର୍କିଟେକ ସ୍ୱାମୀ ଯତୀନ ହୁକେରୀଙ୍କ ସହ ରହୁଥିବା ସୂଚନା ଦେଇଛନ୍ତି। ଏବେ ସମସ୍ତଙ୍କ ନଜର ଯତୀନଙ୍କ ଉପରେ ରହିଛି। କିଛି ମାସ ତଳେ ଏକ ହୋଟେଲରେ ଯାକଜମକରେ ଉଭୟଙ୍କ ବିବାହ ହୋଇଥିଲା। ସିନେ ଜଗତରୁ ଜଣଙ୍କୁ ବାହାହେବା ପରିବର୍ତ୍ତେ ରନ୍ୟା କାହିଁକି ଆର୍କିଟେକ୍ଟଙ୍କୁ ବାହାହେଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ତେବେ ରନ୍ୟାଙ୍କ ଏହି ଚୋରାଚାଲାଣ ର‌୍ୟାକେଟ ସମ୍ପର୍କରେ ଯତୀନ ଜାଣିଥିଲେ କି ନାହିଁ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ଡିଆରଆଇ ରନ୍ୟାଙ୍କୁ ୪ ଦିନ ପାଇଁ ହେପାଜତକୁ ନେବାକୁ ଆବେଦନ କରିଛି। କୋର୍ଟ ଏହା ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ରନ୍ୟାଙ୍କ କାର୍ଯ୍ୟ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ରନ୍ୟା ନିଜ ଜଙ୍ଘରେ ସୁନା ଲୁଚାଇ ଆଣୁଥିଲେ ବୋଲି ଜଣାପଡ଼ିଛି। ସେ କେଜିଏ ସୁନା ଦୁବାଇରୁ ଆଣିବା ପାଇଁ ୪ରୁ ୫ ଲକ୍ଷ ଟଙ୍କା କମିଶନ ନେଉଥିଲେ।

## ପ୍ୟାରିସ ଷ୍ଟେସନରୁ ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ଜୀବନ୍ତ ବୋମା

ପ୍ୟାରିସ, ୭।୩ (ଏଜେନ୍ସି): ଫ୍ରାନ୍ସ ରାଜଧାନୀ ପ୍ୟାରିସର 'ଗାରେ ଡୁ ନର୍ଡ' ରେଳ ଷ୍ଟେସନର ଏକ ଟ୍ରାକରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ଜୀବନ୍ତ ବୋମା ମିଳିଛି। ଏହାକୁ ନେଇ ଷ୍ଟେସନରେ ଭୟର ବାତାବରଣ ଖେଳିଯାଇଛି। ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ଲଣ୍ଡନ ଯା'ଆସ କରୁଥିବା ସବୁ ୟୁରୋଷ୍ଟାର ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି। ଉତ୍ତର ଫ୍ରାନ୍ସ ଅଭିମୁଖେ ଯାଉଥିବା ଟ୍ରେନ ସେବାକୁ ମଧ୍ୟ ବନ୍ଦ ରଖାଯାଇଛି। ଷ୍ଟେସନ ଖାଲି କରିଦିଆଯାଇଛି। ଫ୍ରାନ୍ସ ପରିବହନ ମନ୍ତ୍ରୀ ଫିଲିପ ଟେବରୋଟ କହିଛନ୍ତି ଯେ ଏହି ବୋମା ପାଇଁ ଦିନକ ଯାକ ଟ୍ରାଫିକ ବନ୍ଦ ରହିଛି। ଅନେକ ସମୟରେ ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ବୋମା ଫ୍ରାନ୍ସର ଅଲଗା ଅଲଗା ସ୍ଥାନରୁ ମିଳୁଛି। କିନ୍ତୁ ଏଭଳି ଜନବହୁଳପୂର୍ଣ୍ଣ ଅଞ୍ଚଳରେ ବୋମା ମିଳିବା ବିରଳ ମାମଲା।

## ଚନ୍ଦ୍ରରେ ଅବତରଣ କଲା ଆମେରିକାର ଘରୋଇ ଲ୍ୟାଣ୍ଡର

ୱାଶିଂଟନ, ୭।୩ (ଏଜେନ୍ସି): ଆମେରିକା ଘରୋଇ କମ୍ପାନୀ 'ଇନଟ୍ୟୁଟିଭ ମସିନ୍ସ'ର ଏଥେନା ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ତେବେ ଅବତରଣ କିଛି ସମୟ ପରେ 'ମିଶନ କଣ୍ଟ୍ରୋଲର' ଏହାର ସ୍ଥିତି ସ୍ପଷ୍ଟ କରିପାରି ନାହାନ୍ତି। ଲ୍ୟାଣ୍ଡର ସିଧାସଳଖ ଭାବେ ଛିଡ଼ା ହୋଇଛି କି ପଡ଼ି ଯାଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ସ୍ପଷ୍ଟ ହେବା ପାଇଁ କିଛି ସମୟ ଲାଗିପାରେ। ରିପୋର୍ଟ ଅନୁଯାୟୀ ଚନ୍ଦ୍ରପୃଷ୍ଠରେ ଅବତରଣ ପରେ ଲ୍ୟାଣ୍ଡର ମିଶନ କଣ୍ଟ୍ରୋଲର ସହ ଯୋଗାଯୋଗ କରିଥିଲା। ସୌରଶକ୍ତି ଉତ୍ପନ୍ନ ମଧ୍ୟ କରିଥିଲା। କିନ୍ତୁ ଏହାର ଅଧଘଣ୍ଟା ପରେ ବି ଏଥେନାର ସ୍ଥିତି ବିଷୟରେ କମ୍ପାନୀ ସ୍ପଷ୍ଟ ସୂଚନା ଦେଇପାରି ନ ଥିଲା। ଏହା ମଧ୍ୟରେ ନାସା ଏବଂ ଏହି କମ୍ପାନୀ ଲାଇଭ ଲ୍ୟାଣ୍ଡିଂ ଟେଲିକାଷ୍ଟକୁ ଅଚାନକ ବନ୍ଦ କରିଦେଇଥିଲା। ପରେ ସୂଚନା ଦିଆଯିବ ବୋଲି କୁହାଯାଇଥିଲା।

## ଆଇଏଫଏସ୍ ଅଧିକାରୀଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଶୁକ୍ରବାର ସକାଳ ୬ଟାରେ ଭାରତୀୟ ବିଦେଶ ସେବା (ଆଇଏଫଏସ) ଅଧିକାରୀ ଜିତେନ୍ଦ୍ର ରାୱତ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ଏଠାକାର ବୈଦେଶିକ ମନ୍ତ୍ରାଳୟ ଅଧିକାରୀଙ୍କ କଲୋନୀରେ ରହୁଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମାମଲାର ତଦନ୍ତ ଜାରି ରଖିଛି। ଏହି ମାମଲାରେ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ଦିବଂଗତ ରାୱାତ ଅବସାଦରେ ରହୁଥିଲେ। ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ସରକାରୀ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ମାଆଙ୍କ ସହ ରହୁଥିଲେ। ତାଙ୍କ ପତ୍ନୀ ଏବଂ ଦୁଇ ପିଲା ଡେରାଡୁନରେ ରହୁଛନ୍ତି। ରାୱତ ଆତ୍ମହତ୍ୟା କରିବା ସମୟରେ ମାଆ ଘରେ ଥିଲେ ବୋଲି ଜଣାପଡ଼ିଛି।

### ପଣବନ୍ଦୀ କରି ରଖିଥିଲେ ପାଲେଷ୍ଟିନୀୟ

## ୱେଷ୍ଟ ବ୍ୟାଙ୍କରୁ ୧୦ ଭାରତୀୟଙ୍କୁ ଉଦ୍ଧାର କଲା ଇସ୍ରାଏଲ

ତେଲ ଆଭିଭ, ୭।୩ (ଏଜେନ୍ସି): ଗାଜା ଷ୍ଟ୍ରିପ୍‌ର ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟିନୀୟଙ୍କ କବ୍‌ଜାରେ ଥିବା ୧୦ ଭାରତୀୟ ଶ୍ରମିକଙ୍କୁ ଇସ୍ରାଏଲ ଅଧିକାରୀମାନେ ମୁକ୍ତ କରି ନେଇଛନ୍ତି। ସମସ୍ତଙ୍କୁ ଇସ୍ରାଏଲ ଅଣାଯାଇଛି। କାମ ଦେବା ବାହାନ କରି ଅଲ-ଜାୟମ ଗ୍ରାମରେ ଏହି ଶ୍ରମିକଙ୍କୁ ପାଲେଷ୍ଟିନୀୟମାନେ ପଣବନ୍ଦୀ କରି ରଖିଥିଲେ। ସମସ୍ତକୁ ବନ୍ଦୀ କରି ପାସପୋର୍ଟ ମଧ୍ୟ ଜବତ କରି ନେଇଥିଲେ। ଏହି ପାସୋପର୍ଟକୁ ବ୍ୟବହାର କରି ପାଲେଷ୍ଟିନୀୟମାନେ ଇସ୍ରାଏଲରେ ଅନୁପ୍ରବେଶ ପ୍ରୟାସ କରୁଥିଲେ। ଏହା ଜାଣିବା ପରେ ଇସ୍ରାଏଲ ଅଧିକାରୀମାନେ ଗୁରୁବାର ରାତିରେ ୱେଷ୍ଟବ୍ୟାଙ୍କରେ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇ ଶ୍ରମିକଙ୍କୁ ମୁକ୍ତ କରିଥିଲେ। ଇସ୍ରାଏଲ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏବେ ମାମଲାର ତଦନ୍ତ ଜାରି ରହିଛି। ଇସ୍ରାଏଲ ଅଧିକାରୀଙ୍କ ସହ ଭାରତୀୟ ଦୂତାବାସ ଯୋଗାଯୋଗରେ ଅଛି। ଟାଇମ୍ସ ଅଫ୍ ଇସ୍ରାଏଲର ରିପୋର୍ଟ ଅନୁଯାୟୀ ଗତ ବର୍ଷ ଏ ପର୍ଯ୍ୟନ୍ତ ପ୍ରାୟ ୧୬ ହଜାର ଭାରତୀୟ ଶ୍ରମିକ ଇସ୍ରାଏଲ ଯାଇଛନ୍ତି। ୨୦୨୩ ମେ'ରେ ଇସ୍ରାଏଲ ଏବଂ ଭାରତ ମଧ୍ୟରେ ଏକ ଶ୍ରମ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ଅଧିନରେ ୪୨ ହଜାର ଭାରତୀୟ ଶ୍ରମିକଙ୍କୁ ଇସ୍ରାଏଲ ପଠାଯିବାର ଥିଲା।

### ହତ୍ୟା ମାମଲା

## ୟୁଏଇରେ ଆଉ ୨ ଭାରତୀୟଙ୍କୁ ଫାଶୀ

ଆବୁଧାବି, ୭।୩ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆଉ ଦୁଇ ଭାରତୀୟ ନାଗରିକଙ୍କୁ ଫାଶୀ ଦିଆଯାଇଛି। ଉଭୟେ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ତେବେ ଗତ ୨୮ ତାରିଖରେ ୟୁଏଇ ଅଧିକାରୀ ଏହାର ସୂଚନା ଭାରତୀୟ ଦୂତାବାସକୁ ଦେଇଥିଲେ। କିନ୍ତୁ କେତେ ତାରିଖରେ ଉଭୟଙ୍କୁ ଫାଶୀ ଦିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନାହିଁ। ଏହି ଦୁଇ ଜଣ ମହମ୍ମଦ ରିନାଶ ଅରଙ୍ଗିଲୋଟ୍ଟୁ ଏବଂ ମୁରଲୀଧରନ ପେରୁମଥଟ୍ଟା ଭଲ୍ଲାପିଲ କେରଳର ବାସିନ୍ଦା ଥିଲେ। ଦୂତାବାସ ପକ୍ଷରୁ ଉଭୟଙ୍କ କ୍ଷମା ନିବେଦନ କରାଯାଇଥିଲା। ତେବେ ୟୁଏଇ ସୁପ୍ରିମକୋର୍ଟ ଏହାକୁ ଖାରଜ କରି ଦଣ୍ଡ ବଜାୟ ରଖିଥିଲେ।

ରିପୋର୍ଟ ଅନୁଯାୟୀ ରିନାଶ ଏକ ଟ୍ରାଭେଲ ଏଜେନ୍ସିରେ କାମ କରୁଥିଲେ। ସେ ୟୁଏଇର ଜଣେ ନାଗରିକଙ୍କୁ ହତ୍ୟା କରିଥିଲେ। ସେହିପରି ଜଣେ ଭାରତୀୟ ନାଗରିକଙ୍କୁ ହତ୍ୟା ପାଇଁ ମୁରଲୀଧରନଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା। ଉଭୟଙ୍କ ପରିବାର ସଦସ୍ୟଙ୍କୁ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ତିମ ସଂସ୍କାରରେ ସାମିଲ ହେବାର ବ୍ୟବସ୍ଥା କରାଯାଉଛି। ଏହା ପୂର୍ବରୁ ଗତ ୧୫ ତାରିଖରେ ଉତ୍ତର ପ୍ରଦେଶ ବାନ୍ଦାର ସହଜାଦି ଖାନକୁ ୟୁଏଇରେ ଫାଶୀ ଦିଆଯାଇଥିଲା। ବିଦେଶରେ ଦଣ୍ଡ ପାଉଥିବା ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ୟୁଏଇରେ ରହୁଛନ୍ତି। ଏହି ଦେଶରେ ୨୯ ଭାରତୀୟଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି।

## ଇମାମଙ୍କୁ ମାସକୁ ୬ ହଜାର ଟଙ୍କା ଭତ୍ତା

ବେଙ୍ଗାଲୁରୁ, ୭।୩ (ଏଜେନ୍ସି): କର୍ଣ୍ଣାଟକ ସରକାର ଶୁକ୍ରବାର ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ମୁସଲମାନଙ୍କ ପାଇଁ ୪, ୭୦୦ କୋଟି ଟଙ୍କାର ଯୋଜନା ଘୋଷଣା କରାଯାଇଛି। ବଜେଟରେ ମସ୍‌ଜିଦ୍‌ର ଇମାମଙ୍କୁ ମାସକୁ ୬ ହଜାର ଟଙ୍କା ଭତ୍ତା, ୱାକଫ ସମ୍ପତ୍ତିର ସୁରକ୍ଷା ପାଇଁ ୧୫୦ କୋଟି ଟଙ୍କା, ଉର୍ଦ୍ଦୁ ସ୍କୁଲ ନିମନ୍ତେ ୧୦୦ କୋଟି ଟଙ୍କା ଏବଂ ସଂଖ୍ୟାଲଘୁ କଲ୍ୟାଣ ପାଇଁ ହଜାରେ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ସହିତ ଲୋକ ନିର୍ମାଣ ବିଭାଗର ଠିକାରେ ମୁସଲମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବାକୁ ଘୋଷଣା କରାଯାଇଛି। ସରକାରଙ୍କ ଏହି ସବୁ ଘୋଷଣାକୁ ନେଇ ଏବେ ରାଜ୍ୟରେ ରାଜନୈତିକ ବିବାଦ ମୁଣ୍ଡ ଟେକିଛି। ବିଜେପି ପ୍ରବକ୍ତା ଅନିଲ ଆଣ୍ଟୋନି କହିଛନ୍ତି ଯେ ଔରଙ୍ଗଜେବଙ୍କଠାରୁ ପ୍ରେରଣା ନେଇ ସରକାର ଏହି ବଜେଟ ଉପସ୍ଥାପନ କରିଛନ୍ତି।

## ଦେଶରେ ୫୦% ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ

ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ବର୍ତ୍ତମାନ ସମୟରେ ମାନସିକ ସ୍ୱାସ୍ଥ୍ୟ ଏକ ବଡ଼ ସମସ୍ୟା ପାଲଟି ଯାଇଛି। ଅଧିକାଂଶ ମହିଳା ଏହାର ଶିକାର ହେଉଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ତଥ୍ୟ ଅନୁଯାୟୀ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରେ ୩୬.୬% ମହିଳା ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ୧୮ରୁ ୩୯ ବର୍ଷର ମହିଳା ସାମିଲ ଅଛନ୍ତି। ଏହା ସତ୍ତ୍ୱେ ମହିଳା ଚିକିତ୍ସା କରାଉ ନାହାନ୍ତି। ମାନସିକ ସ୍ୱାସ୍ଥ୍ୟକୁ ନେଇ ବ୍ୟାପିଥିବା ଭୟ ଏବଂ କଳଙ୍କ ଯୋଗୁଁ ମହିଳା ଚିକିତ୍ସାରୁ ଦୂରେଇ ରହୁଛନ୍ତି। 'ଏମ୍‌ପାୱାର' ସର୍ଭେରୁ ଏହି ସୂଚନା ମିଳିଛି। ରିପୋର୍ଟରେ କୁହାଯାଇଛି ଯେ ମାନସିକ ସ୍ୱାସ୍ଥ୍ୟ ବିଷୟରେ କଥା ହେବାକୁ ମହିଳା ଭୟ କରୁଛନ୍ତି। କାରଣ ଏହାର ପ୍ରଭାବ କ୍ୟାରିୟର ଉପରେ ପଡ଼ିବ ବୋଲି ସେମାନେ ଭାବୁଛନ୍ତି। ଏହା ବ୍ୟତୀତ ଯୌନ ଉତ୍ପୀଡ଼ନ, ଘରୋଇ ହିଂସା ଏବଂ ୱାର୍କ-ଲାଇଫ ବାଲାନ୍ସ (କର୍ମମୟ ଜୀବନରେ ସନ୍ତୁଳନ) ଯୋଗୁଁ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡିବାରେ ଲାଗିଛି।

**କର୍ମମୟ ଜୀବନରେ ସନ୍ତୁଳନ; ଆର୍ଥିକ ଚାପ ବିଗାଡୁଛି ସ୍ୱାସ୍ଥ୍ୟ**

ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ଆଦିତ୍ୟ ବିର୍ଲା ଏଜୁକେଶନ ଟ୍ରଷ୍ଟର ଏମ୍‌ପାୱାର ସଂସ୍ଥା ପକ୍ଷରୁ ଜାରି ରିପୋର୍ଟ 'ଅନଭେଲିଂ ଦ ସାଇଲେଣ୍ଟ ଷ୍ଟ୍ରଗଲ' ରେ ଏହି




ସୂଚନା ଦିଆଯାଇଛି। ଏହି ରିପୋର୍ଟ ଦେଶର ୧୩ ଲକ୍ଷରୁ ଅଧିକ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ତଥ୍ୟ ଉପରେ ଆଧାରିତ। ଏମାନଙ୍କ ମଧ୍ୟରେ କଲେଜ ଛାତ୍ରୀ, କର୍ପୋରେଟ ପ୍ରଫେସନାଲ, ଗାଁ ମହିଳା ଏବଂ ସେନାରେ କାର୍ଯ୍ୟରତ ମହିଳାଙ୍କ ମାନସିକ ଆହ୍ୱାନ ବିଷୟରେ ସୂଚନା ଦିଆଯାଇଛି। ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହେବା ପଛରେ ଅନେକ କାରଣ ରହିଛି। ରିପୋର୍ଟ ଅନୁଯାୟୀ ୫୦ ପ୍ରତିଶତ ମହିଳା ୱାର୍କ-ଲାଇଫ ବାଲାନ୍ସ, ଆର୍ଥିକ ଚାପ ଏବଂ ସାମାଜିକ ଉପେକ୍ଷା ପାଇଁ ଅବସାଦଗ୍ରସ୍ତ ହେଉଛନ୍ତି। ୪୭ ପ୍ରତିଶତ ମହିଳାଙ୍କୁ ନିଦ ଠିକ୍‌ରେ ହେଉନାହିଁ। ବିଶେଷ କରି ୧୮-୩୫ ବର୍ଷର ମହିଳା ନିଦ୍ରାହୀନତା ସମସ୍ୟାରେ ପୀଡିତ। ୪୧ ପ୍ରତିଶତ ମହିଳା ଏକାକୀ ରହିଥିବାରୁ ଚିନ୍ତାରେ ଅଛନ୍ତି। ୩୮ ପ୍ରତିଶତ ଛାତ୍ରୀ ଏବଂ ପ୍ରଫେସନାଲ ମହିଳା କ୍ୟାରିଅର ଏବଂ ଆର୍ଥିକ ସ୍ଥିରତାକୁ ନେଇ ଚିନ୍ତିତ ଅଛନ୍ତି।

କର୍ପୋରେଟ ଜଗତରେ କାମ କରୁଥିବା ୪୨ ପ୍ରତିଶତ ମହିଳା ଅବସାଦ ଏବଂ ଚିନ୍ତାର ଲକ୍ଷଣ ରହିଛି। ୮୦ ପ୍ରତିଶତ ମହିଳା ମାତୃତ୍ୱ ଅବକାଶ ଏବଂ କ୍ୟାରିୟର ଗ୍ରୋଥକୁ ନେଇ ଭେଦଭାବ ଶିକାର ହେଉଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ କାର୍ଯ୍ୟ ଉପରେ ପ୍ରଭାବ ପଡୁଛି ବୋଲି ୯୧ ପ୍ରତିଶତ ମହିଳା ମତ ଦେଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ସହ ମିଶି ଏହି ପ୍ରକଳ୍ପରେ ୧୨.୮ ଲକ୍ଷ ଗ୍ରାମୀଣ ମହିଳାଙ୍କ ଉପରେ ସର୍ଭେ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଆର୍ଥିକ ଅସ୍ଥିରତା, ସାମାଜିକ କଳଙ୍କ ଏବଂ ମାନସିକ ସ୍ୱାସ୍ଥ୍ୟ ସେବାର ଅଭାବ ଯୋଗୁଁ ମହିଳା ଗମ୍ଭୀର ଅବସାଦ ଏବଂ ଚିନ୍ତାରେ ପୀଡ଼ିତ ଅଛନ୍ତି।

## ମୁଡା ମାମଲାରେ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଆଶ୍ୱସ୍ତି

ବେଙ୍ଗାଲୁରୁ, ୭।୩ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀ ବିଏମ ପାର୍ବତୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ମହୀଶୁର ଅର୍ବାନ ଡେଭଲପମେଣ୍ଟ ଅଥରିଟି (ମୁଡା) ଜମି ଦୁର୍ନୀତି ମାମଲାର ପ୍ରମୁଖ ଅଭିଯୁକ୍ତ ପାର୍ବତୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ସମନକୁ ଶୁକ୍ରବାର କର୍ଣ୍ଣାଟକ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏହି ମାମଲାରେ ସିଦ୍ଧରମୈୟାଙ୍କ ନାମ ମଧ୍ୟ ରହିଥିଲା। ଏହା ସହିତ ସହରୀ ବିକାଶମନ୍ତ୍ରୀ ବ୍ୟର୍ଥୀ ସୁରେଶଙ୍କ ବିରୋଧରେ ଜାରି ସମନକୁ ଜଷ୍ଟିସ ଏମ ନାଗପ୍ରସନ୍ନାଙ୍କ ଏକକ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହା ପୂର୍ବରୁ କୋର୍ଟ ଜାନୁଆରୀରେ ଇଡି ସମନ ଉପରେ ସ୍ଥଗିତାଦେଶ ଲଗାଇ ଦେଇଥିଲେ। ପାର୍ବତୀଙ୍କ ପକ୍ଷରୁ କୋର୍ଟରେ କୁହାଯାଇଥିଲା ଯେ ପୂର୍ବରୁ ମୁଡା ସମ୍ବନ୍ଧିତ ଜମି ଦୁର୍ନୀତି ମାମଲାର ତଦନ୍ତ ଶେଷ ହୋଇଥିଲା। ଏବେ ପୁଣି ଇଡି ଏହାର ତଦନ୍ତ କରିବାକୁ ଚାହୁଁଛି।



ଦିଲ୍ଲୀକୁ ହରାଇଲେ ହର୍ଲିନ୍

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-251 ♦BHUBANESWAR ♦SATURDAY ♦8 MARCH 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୫୧ ♦ଭୁବନେଶ୍ୱର ♦ଶନିବାର ♦୮ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


# ଓଡ଼ିଶାକୁ 'ଲଜ୍ଜା' କିଶୋରୀ ମାତୃତ୍ୱ

## ଗୋଟିଏ ସପ୍ତାହରେ ୪ ଜିଲ୍ଲାରେ ଘଟିଲାଣି ୪ଟି ଘଟଣା

■ **ଭୁବନେଶ୍ୱର,୭।୩(ସମିସ):** କିଶୋରୀ ମାତୃତ୍ୱ କେବଳ ଏକ ପାରିବାରିକ ଓ ସାମାଜିକ ସମସ୍ୟା ନୁହେଁ, ଏଥିସହିତ ଯୋଡ଼ିହୋଇଛି ଜାତୀୟ ସ୍ୱାସ୍ଥ୍ୟ କଲ୍ୟାଣ ଓ ବିକାଶର ଚିତ୍ର। ବାଲ୍ୟବିବାହ ଓ କିଶୋରୀ ମାତୃତ୍ୱକୁ ନିରୁତ୍ସାହିତ କରିବା ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ପ୍ରଣୀତ ହୋଇଥିଲେ ସୁଦ୍ଧା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଦ୍ୟାଳୟରେ ପାଠପଢ଼ା ବୟସରେ କିଶୋରୀ ବାଳିକା ମାତୃତ୍ୱ ଲାଭ କରୁଛନ୍ତି। ଗତ ସପ୍ତାହକ ମଧ୍ୟରେ ଏଭଳି ଅଭାବନୀୟ ଘଟଣା ରାଜ୍ୟରେ ୪ଟି ସ୍ଥାନରେ ଏପରି ୪ଟି ଘଟଣା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି।



ମାଲାକାନଗିରି ଚିତ୍ରକୋଣ୍ଡା ବ୍ଲକରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ପରୀକ୍ଷାର ଦ୍ୱିତୀୟ ଦିନରେ କନ୍ୟା ସନ୍ତାନ ଜନ୍ମ ଦେଇଥିବା ବେଳେ କେନ୍ଦୁଝରର ଚମ୍ପୁଆ ଅଞ୍ଚଳର ଆଶ୍ରମ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ସୂଚନା ମିଳିଛି। ସେହିପରି ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ମଧ୍ୟ ଏହି ଲଜ୍ଜ୍ୟାଜନକ ଘଟଣା ସାମ୍ନାକୁ ଆସିଛି। ତେବେ ବିଦ୍ୟାଳୟ ହେଉ ଅବା ହଷ୍ଟେଲ ଗୁଡ଼ିକରେ ଛାତ୍ରୀମାନେ ଅନୁଶାସନ ମଧ୍ୟରେ ରହି ମଧ୍ୟ ଏଭଳି ଘଟଣା ବାରମ୍ବାର କିପରି ଘଟୁଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏନ୍‌ଏଫଏଚଏସ୍ ରିପୋର୍ଟ ଅନୁସାରେ ରାଜ୍ୟରେ କିଶୋରୀ ମାତୃତ୍ୱ ବୃଦ୍ଧି ପାଇଛି। ୧୫ରୁ ୧୯ ବର୍ଷ ବୟସ ମଧ୍ୟରେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ କିଶୋରୀ ମାତୃତ୍ୱ ଲାଭ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ୧୭.୨ ପ୍ରତିଶତ କିଶୋରୀ ମା' ହେଉଛନ୍ତି। ନୟାଗଡ଼ରେ କିଶୋରୀ ମାତୃତ୍ୱ ହାର ୧୦%ରୁ ୧୫.୨%କୁ, ମାଲକାନଗିରିରେ ୧୧.୭%ରୁ ୧୩.୮%କୁ ବୃଦ୍ଧି ପାଇଛି। ପହଞ୍ଚିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ୧୨.୨% ୧୫%କୁ ଓ , ବୌଦ୍ଧରେ ୮.୨%ରୁ ବୃଦ୍ଧି ପାଇ ୧୩% ଛୁଇଁଛି। ଏହାସହ ଅନୁଗୋଳ, କୋରାପୁଟ, ଦେବଗଡ଼, ବାଲେଶ୍ୱର, ରାୟଗଡ଼ା, ନବରଙ୍ଗପୁର, ଢେଙ୍କାନାଳ ଆଦି ଜିଲ୍ଲା ଗୁଡ଼ିକରେ ମଧ୍ୟ ଉପରମୁହାଁ ହୋଇଛି କିଶୋରୀ ମାତୃତ୍ୱ ହାର। ପାଠ ପଢ଼ିବା ଖେଳକୁଦ ବୟସରେ ଗର୍ଭ ଯନ୍ତ୍ରଣା ଭୋଗୁଛନ୍ତି ସାନସାନ ଝିଅମାନେ। ଫଳରେ ସେମାନଙ୍କ ଶାରୀରିକ ଏବଂ ମାନସିକ ସମସ୍ୟା ସୃଷ୍ଟି ହେଉଛି ଏବଂ ମାତୃ ଓ ଶିଶୁ ମୃତ୍ୟୁ ହାର ମଧ୍ୟ ବଢ଼ିବା ଆଶଙ୍କା ସୃଷ୍ଟି କରିଛି। ଏପରିକି କିଶୋରୀମାନେ ରକ୍ତହୀନତାର ଶିକାର ହେଉଥିବା ଜଣାପଡ଼ିଛି।

ଗ୍ରାମାଞ୍ଚଳରେ ଆଶାକର୍ମୀମାନେ ନିଜ ଅଞ୍ଚଳର କିଶୋରୀ ବାଳିକମାନଙ୍କ ସଠିକ୍ ତଥ୍ୟ ରଖିବା ସହ ବିଭିନ୍ନ ଆବାସିକ ବିଦ୍ୟାଳୟ ଏବଂ ଛାତ୍ରୀ ନିବାସରେ ଛୁଟି ପୂର୍ବରୁ ଏବଂ ଆସିବା ପରେ ପରୀକ୍ଷା ପାଇଁ ଗର୍ଭ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଥିଲା। ମାତ୍ର ଏବେ ଏହି ନିୟମ ପାଳନ ହେଉନଥିବାରୁ କିଶୋରୀ ମାତୃତ୍ୱ କମିବାର ନାଁ ଧରୁନି। ଏନେଇ ସାମାଜିକ କର୍ମୀ ଘାସିରାମ ପଣ୍ଡା କହିଛନ୍ତି ଯେ କିଶୋରୀ ମାତୃତ୍ୱ ମଧ୍ୟ ଲିଙ୍ଗଗତ ଭେଦଭାବର ଏକ ରୂପ। ଏହାସହ ଶିକ୍ଷାପାଇଁ ସୁଯୋଗ ଅଭାବ, ସାମାଜିକ ନୀତିନିୟମ, ଧାର୍ମିକ ରୀତିନୀତି, କନ୍ୟା ସନ୍ତାନଙ୍କ ସୁରକ୍ଷା ଚିନ୍ତା, ବିବାହ ବେଳେ ଯୌତୁକ ବୋଝ, ଅଣସମ୍ବେଦନଶୀଳ ପ୍ରଶାସନିକ ବ୍ୟବସ୍ଥା ଆଦି କାରଣରୁ କିଶୋରୀମାନଙ୍କ ମାତୃତ୍ୱ ହାର ବୃଦ୍ଧି ପାଉଛି।

# ମଧ୍ୟାହ୍ନଭୋଜନ ଚାଉଳରେ ପୋକ



■ **ଯାଜପୁର/ବରୀ, ୭ ।୩ (ସମିସ):** ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏହା ବଦଳରେ ପିଲାଙ୍କୁ ପୋକ ସାଲୁବାଲୁ ଚାଉଳର ଭାତ ଦିଆଯାଉଥିବା ଭଳି ଏକ ସଂଗିନ୍ ଅଭିଯୋଗ ଆସିଛି। ବରୀ ବ୍ଲକ୍ ରତ୍ନଗିରି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଚାଉଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏନେଇ ଅଭିଭାବକ ମହଲରେ ଘୋର୍ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଗତ ମାସ ୨୫ ତାରିଖରେ ରତ୍ନଗିରି ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ପାଇଁ ଚାଉଳ ଆସିଥିଲା। କିନ୍ତୁ ଏହି ଚାଉଳ ପୁରୁଣା ଓ ଏଥିରେ ପୋକ ସାଲୁବାଲୁ ହେଉଥିବା ଦେଖି ପ୍ରଧାନ ଶିକ୍ଷକ ଚାଉଳ ଯୋଗାଣ କରିଥିବା ଠିକାଦାରଙ୍କୁ ଅବଗତ କରିଥିଲେ। କିନ୍ତୁ ସମ୍ପୃକ୍ତ ଠିକାଦାର ଆଜିକାଲି କହି ଦିନ ଗଡ଼ାଇ ଚାଲୁଛନ୍ତି ବୋଲି ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି। ଏନେଇ ରତ୍ନଗିରି ପଞ୍ଚାୟତ ପଟଣାସ୍ଥିତ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ରୋଷେଇ ବନ୍ଦ କରିବେ ବୋଲି ଅବଗତ କରିଥିଲେ। ତେବେ ସ୍କୁଲଗୁଡ଼ିକରେ ମଧ୍ୟାହ୍ନଭୋଜନ ପରଖିବା ପାଇଁ ବରୀ ଶିକ୍ଷାମଣ୍ଡଳ ଅଧୀନରେ ଚାଉଳ ପରୀକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀ କ'ଣ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହାର ତଦନ୍ତ କରାଯାଇ ସଂପୃକ୍ତ ଚାଉଳ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ସ୍କୁଲ କମିଟି ପକ୍ଷରୁ ଦାବି ହୋଇଛି।

# ସ୍ନାତକ ଫଳ ପୂର୍ବରୁ ସ୍ନାତକୋତ୍ତର ନାମଲେଖା!

**ପ୍ରବେଶିକା ପରୀକ୍ଷା ପାଇଁ ୧୦ରୁ ଆବେଦନ; ଜୁଲାଇ ୧୦ ସୁଦ୍ଧା ପାଠପଢ଼ା**

**କ୍ୟାରିଅର୍ ମାର୍କ ହଟିଲା, ପ୍ରବେଶିକା ପରୀକ୍ଷା ମାର୍କ ଅନୁଯାୟୀ ମେଧା ତାଲିକା**

■ **ଭୁବନେଶ୍ୱର, ୭ ।୩(ସମିସ):** ସ୍ନାତକୋତ୍ତରରେ ନାମ ଲେଖାଇବାକୁ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଆଶାୟୀ ଆସନ୍ତା ୧୦ ତାରିଖରୁ ଆବେଦନ କରିପାରିବେ। ମେ ପ୍ରଥମ ସପ୍ତାହରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଦୁଇମାସ ମଧ୍ୟରେ ମେଧା ତାଲିକା ପ୍ରକାଶ କରିବା ସହ ନାମଲେଖା ସରିବ। ଜୁଲାଇ ୧୦ ତାରିଖ ସୁଦ୍ଧା ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ଏପରିକି ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ ସ୍ନାତକତ୍ତୋର ନାମଲେଖା କରିବାକୁ ବିଭାଗ ବିଚାର କରୁଛି।

ଚଳିତଥର ନାମଲେଖା ପ୍ରକ୍ରିୟାରେ ଏକାଧିକ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପ୍ରବେଶିକା ପରୀକ୍ଷା ସହ କ୍ୟାରିଅର୍ ମାର୍କକୁ ମଧ୍ୟ ବିଚାରକୁ ନେଇ ମେଧା ତାଲିକା ପ୍ରକାଶ କରାଯାଉଥିଲା। ଫଳରେ ଜଣେ ଭଲ ନମ୍ବର ରଖିଥିବା ପିଲା ପ୍ରବେଶିକା ପରୀକ୍ଷାରେ ସାମାନ୍ୟ ଖରାପ କଲେ ମଧ୍ୟ ନାମଲେଖା ପାଇଁ ସୁଯୋଗ ପାଉଥିଲା। ହେଲେ ଚଳିତଥର କେବଳ ପ୍ରବେଶିକା ପରୀକ୍ଷାରେ ରଖିଥିବା ନମ୍ବର ଆଧାରରେ ମେଧା ତାଲିକା ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ ନାମଲେଖା ହେବ। ମେ ଦ୍ୱିତୀୟ ସପ୍ତାହ ବେଳକୁ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବା ସହ ଜୁନ୍ ଦ୍ୱିତୀୟ ସପ୍ତାହରୁ ନାମଲେଖା ହେବ। ୨୦ ଦିନ ମଧ୍ୟରେ ନାମଲେଖା ସାରି ଜୁଲାଇ ୧୦ରୁ ପାଠପଢ଼ା ▶ପୃଷ୍ଠା-୭






## ଓଡ଼ିଶାରେ ବଢ଼ିଛି ମହିଳା ବିରୋଧୀ ହିଂସା

# ଦିଲ୍ଲୀରୁ ରାଜ୍ୟ ସରକାରଙ୍କୁ କଂଗ୍ରେସର ନିଶାଣ

**ନୂଆଦିଲ୍ଲୀ,୭।୩(ସମିସ):** ଓଡ଼ିଶାରେ ମହିଳାମାନେ ସବୁଠାରୁ ଅସୁରକ୍ଷିତ। ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ମହିଳା ବିରୋଧୀ ହିଂସା ରାଜ୍ୟରେ ବୃଦ୍ଧି ପାଇଛି। ଯୌନ ଶୋଷଣର ଶିକାର ହୋଇ ପରୀକ୍ଷା ଦେଉଥିବା ସମୟରେ ଜଣେ ଛାତ୍ରୀ ଏକ ଶିଶୁକୁ ଜନ୍ମ ଦେଇଛି। ତେଣୁ ସୁପ୍ରିମକୋର୍ଟ ଏହି ଘଟଣାରେ ସ୍ୱତଃସ୍ଫୁର୍ତ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି କଂଗ୍ରେସ। ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ଓ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶା ସରକାରଙ୍କୁ ନିଶାଣ କରିଛନ୍ତି ।

ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ବିଧାନସଭାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ବିରୋଧରେ ବର୍ଦ୍ଧିତ ଅପରାଧ ହାରକୁ ସ୍ୱୀକାର କରିଛନ୍ତି। ୬ ବର୍ଷ ବୟସର ଝିଅମାନଙ୍କ ସହ ଯୌନ ଶୋଷଣ, ବଳାତ୍କାର ଏବଂ ଗଣବଳାତ୍କାରର ଅନେକ ଘଟଣା ଉଲ୍ଲେଖ କରି ଶ୍ରୀ ଦାସ ପ୍ରଧାନମନ୍ତ୍ରୀଙ୍କ 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନର କ'ଣ ହେଲା ବୋଲି



**ଝିଅମାନଙ୍କ ଯୌନ ଶୋଷଣ ମାମଲା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି**

**ସ୍ୱତଃସ୍ଫୂର୍ତ୍ତ ଦୃଷ୍ଟି ଦେବାକୁ ସୁପ୍ରିମକୋର୍ଟଙ୍କୁ କଂଗ୍ରେସର ଅନୁରୋଧ**

ପଚାରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ୮ ମାସର କାର୍ଯ୍ୟକାଳ ମଧ୍ୟରେ ୩୪୨୦ ମହିଳା ଏବଂ ୮୪୩୦ ଶିଶୁ ନିଖୋଜ ହୋଇଛନ୍ତି। ଏହି ସମୟରେ ୫୪ଟି ଗଣବଳାତ୍କାର ଘଟିଛି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏକ ଆବାସିକ ବିଦ୍ୟାଳୟରେ ପଢୁଥିବା ଦଶମ ଶ୍ରେଣୀର ଜଣେ ଛାତ୍ରୀ ଗର୍ଭବତୀ ହୋଇ ପରୀକ୍ଷା ଦିନ ପରୀକ୍ଷା ହଲରେ ଏକ ଶିଶୁକୁ ଜନ୍ମ ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ବଳାତ୍କାରର ଶିକାର ହେବା ପରେ ଗର୍ଭବତୀ ହୋଇଛି। ରାଜ୍ୟରେ ଏହି ଘଟଣା ପାଇଁ ସମସ୍ତେ ଲଜ୍ଜିତ ଅନୁଭବ କରୁଥିବା ସରକାର ନିର୍ଲଜ୍ଜ ସାଜିଛି ବୋଲି ପିସିସି ସଭାପତି କହିଛନ୍ତି।

ଓଡ଼ିଶାରେ ମହିଳାଙ୍କ ବିରୋଧରେ ହେଉଥିବା ଏପରି ଜଘନ୍ୟ ଅପରାଧ ପ୍ରତି ଧ୍ୟାନ ଦେବାକୁ ଭାରତର ରାଷ୍ଟ୍ରପତି ଏବଂ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରି ସେ କହିଛନ୍ତି, ଯଦି ଏହାକୁ ବନ୍ଦ ନ କରାଯାଏ, ତେବେ ଏହା ବଢ଼ି ଚାଲିବ। ଯଦି ସରକାର ପରିସ୍ଥିତି ପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ଭାରତର ସୁପ୍ରିମକୋର୍ଟ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେବା ଉଚିତ ଏବଂ ସରକାରଙ୍କୁ ଉତ୍ତରଦାୟୀ କରିବା ଉଚିତ ବୋଲି ସେ କହିଛନ୍ତି। ଏହି ଅବସରରେ ଅଜୟ କୁମାର ଲଲ୍ଲୁ କହିଛନ୍ତି ଯେ ଯେ, ଓଡ଼ିଶାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ରାଜ୍ୟରେ ମହିଳା ଏବଂ ଶିଶୁଙ୍କ ବିରୋଧରେ ବଢୁଥିବା ଅପରାଧ ବିଷୟରେ ମୁଖ୍ୟମନ୍ତ୍ରୀ ନିଜେ ବିଧାନସଭାରେ ସ୍ୱୀକାର କରିଛନ୍ତି। ଓଡ଼ିଶାରେ ପ୍ରତିଦିନ ୧୩ ଜଣ ମହିଳା ନିଖୋଜ ହେଉଛନ୍ତି। ବିଜେପି ▶ପୃଷ୍ଠା-୭

# ରୋଗଣା ହୋଇଗଲାଣି ରାଜ୍ୟ ଅର୍ଥନୀତି: ବିଜେଡି

■ **ଭୁବନେଶ୍ୱର,୭।୩(ସମିସ):** ୨୦୩୬ ସୁଦ୍ଧା ରାଜ୍ୟ ସରକାର ଓଡ଼ିଶାର ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ସ୍ୱପ୍ନ ଦେଖାଉଛନ୍ତି; କିନ୍ତୁ ଅର୍ଥନୀତିକୁ ପଛକୁ ଟାଣି ନେବା ପରି କାମ କରୁଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ ବାହାସ୍ଫୋଟ ମାରୁଛନ୍ତି କିନ୍ତୁ ଋଣ ପରେ ଋଣ କରି ଚାଲିଛନ୍ତି। ଓଡ଼ିଶା କିପରି ପଛକୁ ପଛକୁ ଚାଲିଛି ସେହି ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଉଛି। ବିଜେପି ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାରେ ଅର୍ଥନୀତି ଦୋଦୁଲ୍ୟମାନ ଅବସ୍ଥାକୁ ଆସିଯାଇଛି ବୋଲି ଅଭିଯୋଗ କରିଛି ବିଜେଡି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଗତ ୯ ମାସର ପ୍ରଦର୍ଶନ ନିରୁତ୍ସାହଜନକ ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲଠାରୁ ବହୁତ ଦୂରରେ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ବିଭିନ୍ନ ବିଭାଗ ପାଇଁ କରାଯାଇଥିବା ବ୍ୟୟ ବରାଦ ଅର୍ଥର ସିଂହ ଭାଗ ଖର୍ଚ୍ଚ ହୋଇ ପାରିନାହିଁ। ପଞ୍ଚାୟତିରାଜ, ପିଇବା ପାଣି, ପରିବହନ, ଗୃହ



**ଆଗକୁ ବଢ଼ିବା ବଦଳରେ ପଛକୁ ପଛକୁ ଚାଲିଛି**

**ବିକାଶ କରିବା ବଦଳରେ ଋଣ କରି ଚାଲିଛନ୍ତି**

ଓ ନଗର ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକରେ ବଜେଟ ଅର୍ଥରୁ ଜାନୁଆରୀ ମାସ ଶେଷ ସୁଦ୍ଧା ୫୦ % ଖର୍ଚ୍ଚ କରିବାରେ ବିଫଳ ହୋଇଛି। ସେହିପରି, ମିଶନ ଶକ୍ତି, ବିପର୍ଯ୍ୟୟ ପରିଚାଳନା, କ୍ରୀଡ଼ା ଓ ଯୁବ ବ୍ୟାପାର ଇତ୍ୟାଦି ବିଭାଗରେ ଜାନୁଆରୀ ମାସ ଶେଷ ସୁଦ୍ଧା ବ୍ୟୟ ବରାଦ ଅର୍ଥରୁ ମାତ୍ର ୩୦% ଖର୍ଚ୍ଚ ହୋଇ ପାରିଛି।

ସେ ପୁଣି କହିଛନ୍ତି ଯେ ରାଜ୍ୟରେ ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି କ୍ଷମତାକୁ ଆସିଥିବା ଆସିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ବଜେଟ ଖର୍ଚ୍ଚ ମାତ୍ର ୨୭.୧ % ହୋଇଛି। ବ୍ୟୟ ବରାଦ ଅର୍ଥର ସିଂହ ଭାଗ ଖର୍ଚ୍ଚ ନକରି ପାରିବା, ରାଜ୍ୟ ବିଜେପି ସରକାରଙ୍କ ଅପାରଗତାକୁ ଦର୍ଶାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତି ମାସରେ ଆର୍ଥିକ ପରିଚାଳନା ରିପୋର୍ଟ ପ୍ରକାଶିତ ହୋଇଥାଏ। ହେଲେ ଗତ ୯ ମାସ ଧରି ନୂଆ ସରକାର ଗୋଟିଏ ବି ରିପୋର୍ଟ ପ୍ରକାଶ କରି ନାହାନ୍ତି। ଏହା ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନାରେ ବିଫଳତାର ଏହା ଆଉ ଏକ ଉଦାହରଣ।

ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର କହିଛନ୍ତି ଯେ ଗତ ୯ ମାସରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଦୁଇଟି ବଜେଟରେ ରାଜ୍ୟର ଋଣ ଭାର ଅହେତୁକ ଭାବେ ବୃଦ୍ଧି ପାଇଛି। ୨୦୨୪-୨୫ରେ ୩୪, ୪୯୫ କୋଟି ଟଙ୍କା ଋଣ ପାଇଁ ପ୍ରସ୍ତାବ ଦେଇଥିଲା ବେଳେ ୨୦୨୫-୨୬ ବର୍ଷରେ ୪୬, ୪୦୦ କୋଟି ଟଙ୍କା ▶ପୃଷ୍ଠା-୭




# ତିହିଡ଼ି ବ୍ଲକରେ ମନରେଗା ଜନଶୁଣାଣି ଶିବିର




ତିହିଡ଼ି,୭।୩(ସମିସ): ତିହିଡ଼ି ବ୍ଲକ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଜିଲ୍ଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ ଯୋଗ ଦେଇ ପ୍ରକଳ୍ପର ସଠିକ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏବିଡିଓ ମାନସ କୁମାର ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ଜିପିଇଓ ପ୍ଲାବନ ପଣ୍ଡା ପ୍ରମୁଖ ଯୋଗ ଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏପିଓ କାମିନୀରାଣୀ ଓଝା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଇତିଶ୍ରୀ ଦାସ ଯୋଗ ଦେଇ ଯୋଜନାର ସଫଳ ରୂପାୟନ ହେବା ନେଇ ଆଲୋଚନା କରିଥିଲେ। ପଞ୍ଚଦଶ ଅର୍ଥ କମିଶନରେ ବ୍ଲକକୁ ମିଳିଥିବା ଅନୁଦାନ ବିନିଯୋଗ ହୋଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ଅଲେଖ ତିର୍କୀ, ଲଲାଟେନ୍ଦୁ ପାଲ୍, ଏମଜିଏନଆରଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ, ଜିଆରଏସ୍‌ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘର ଆଲୋଚନା




ଭଦ୍ରକ,୭ ।୩(ସମିସ): ଆଜି ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘର ଏକ ପ୍ରତିନିଧିତ୍ୱ ମଣ୍ଡଳୀ ନର୍ଥ ଇଡିଙ୍କ ସହିତ ଔପଚାରିକ ଭାବେ ଏକ ଆଲୋଚନା ହୋଇଥିଲା। ଏହି ଆଲୋଚନରେ ଓପିଟିସିଲ ଶ୍ରମିକ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବୀରେନ୍ଦ୍ର ପ୍ରତାପ ରାୟ, ଉପ ସଭାପତି ଅନନ୍ତ କୁମାର ଜେନା, ଡ଼ିଭିଜନ ସେକ୍ରେଟାରୀ ଜଗବନ୍ଧୁ ଦଳାଇ, ସୁଭ୍ରାଂଶୁ ପଣ୍ଡା, ଆଶିଷ ବିଶ୍ୱାଳ ଏବଂ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଓପିଟିସିଏଲ୍ ରେଗୁଲାର ଏବଂ କଣ୍ଟ୍ରାକ୍‌ଟୁଆଲ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହେଲା। ଓପିଟିସିଏଲ ର ୪ଟି ଜୋନ୍ ର ସମସ୍ତ କର୍ମଚାରୀ ମାନଙ୍କୁ ଆହ୍ୱାନ ଦିଆଯାଇଥିଲା ଯେ, ଯଦି ଆପଣମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ବିନା ସଂକୋଚ ନ କରି ସଂଘ ସହ ଯୋଗାଯୋଗ କରିବାକୁ କୁହାଯାଇଥିଲା।

# ‘ବସୁଧା’ ପ୍ରକଳ୍ପ ଥାଇ ମେଣ୍ଟୁନି ଶୋଷ

ବନ୍ତ/ଆଗରପଡ଼ା,୭।୩(ସମିସ)



ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ସରକାର ବସୁଧା ଯୋଜନା ପ୍ରଣୟନ କରିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁ ଏହାର ସଫଳ ରୂପାୟନ ହୋଇପାରୁନି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ବନ୍ତ ବ୍ଲକର ୨୫ ପଞ୍ଚାୟତର ବିଭିନ୍ନ ଗ୍ରାମରେ ‘ବସୁଧା’ ପ୍ରକଳ୍ପ ନିର୍ମାଣ ହୋଇଛି। ନିର୍ମାଣ ସରିଥିବା ବିଭିନ୍ନ ଗ୍ରାମରେ ପ୍ରକଳ୍ପ ଜଳ ଯୋଗାଣ ଆରମ୍ଭରୁ ଆଣ୍ଠେଇ ପଡ଼ିଛି। ପ୍ରକଳ୍ପ ଥାଇ ସୁଦ୍ଧା ଶୋଷ ମେଣ୍ଟୁନି ଅଞ୍ଚଳବାସୀଙ୍କର। ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ରହିବା ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆରଡ଼ବ୍ଲ୍ୟୁଏସ୍‌ଏସ୍ ମାଧ୍ୟମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧିନରେ ‘ବସୁଧା’ ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପ ବର୍ତ୍ତମାନ ଫେଲ୍ ମାରିଛି। ବନ୍ତ ବ୍ଲକ ସଦର ମହକୁମାରେ ଦୁଇଟି ପାଣି ଟାଙ୍କି ସହ ପମ୍ପ ହାଉସ ନିର୍ମାଣ ହୋଇଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଉକ୍ତ ଟାଙ୍କିଗୁଡ଼ିକରେ ରଙ୍ଗ ମାରି ଅଧିକ ଆକର୍ଷଣୀୟ କରାଯାଉଛି। ହେଲେ ଯୋଜନାର ସଫଳତା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଉକ୍ତ ପାଣି ଟାଙ୍କିରୁ ତହସିଲ କାର୍ଯ୍ୟାଳୟ ସମେତ ଉପନିବନ୍ଧକ କାର୍ଯ୍ୟାଳୟ, ଦୁଇ ଉଚ୍ଚ ବିଦ୍ୟାଳୟ ମହତାବ ଉପ୍ରା ବିଦ୍ୟାଳୟ ବ୍ଲକ କାର୍ଯ୍ୟାଳୟ ବନ୍ତ ବଜାର ସମେତ ପୁରୁଷୋତ୍ତମପୁର, ଦୁର୍ଗାପୁର, ଧନୀଓଝା ଆଦି ଗାଁକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନଥିବାରୁ କେଉଁ କାଳରୁ ନିର୍ମାଣ ହୋଇଥିବା ଟ୍ୟାପଗୁଡ଼ିକ ନଷ୍ଟ ହେବାକୁ ବସିଛି। ସେହିପରି କାଦବରାଙ୍ଗ, ବଡ଼ବର୍ଛିକୟାଁ ,ଓଡ଼ଙ୍ଗ,ଚାରିଗାଁ ଓ ବିଟିପୁର ଆଦି ବିଭିନ୍ନ ପଞ୍ଚାୟତରେ ବସୁଧା ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନାହିଁ। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଟ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ଠିକାଦାର-ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ପ୍ରକଳ୍ପରୁ ପାଣି ମିଳୁନାହିଁ। ନିର୍ମାଣ କାର୍ଯ୍ୟ ନିମ୍ନମାନର ଯୋଗୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିଯାଇ ତଳମୁଣ୍ଡରେ ପହଞ୍ଚି ପାରୁନି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଯେଉଁ ସ୍ଥାନରେ ସମସ୍ୟା ଦେଖାଯାଉଛି ସେହିସବୁ ସମସ୍ୟାର ସମାଧାନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆ ଯାଉଥିବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପ୍ରକୃତ ପକ୍ଷେ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଜଣାପଡ଼ିଛି। ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ସହ ଜଳ କଷ୍ଟ ଆରମ୍ଭ ହୋଇଛି। ତେଣୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନକରି ନିର୍ମିତ ପ୍ରକଳ୍ପ ଗୁଡ଼ିକର ପୁନଃ ତଦାରଖ ଏବଂ ନିର୍ମାଣଧିନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଠିକ ଭାବେ କରିବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟନ କରିବାକୁ ଚେଷ୍ଟିତ ହେବାକୁ ଗ୍ରାମବାସୀମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ରାଜେନ୍ଦ୍ରପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ



ମଞ୍ଜୁରୀରୋଡ,୭।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ଗୁଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଅଧୀର କୁମାର ତରାଇ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡକ୍ଟର ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମିତିସଭ୍ୟା ସରୋଜିନୀ ସାହୁ, ସାଧନ କେନ୍ଦ୍ର ସଂଯୋଜିକା ଜ୍ୟୋସ୍ନା କୁମାରୀ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ପରିଡା, ମୋ ସ୍କୁଲ ସଭାପତି ବ୍ୟମୋକେଶ ସେଠୀ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ମନସ୍ମିତା ବିଶ୍ୱାଳ ସ୍ୱାଗତଭାଷଣ, ଶିକ୍ଷକ କୈଳାସ ଚନ୍ଦ୍ର ସାମଲ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ବିଶ୍ୱମ୍ବର ମାଝୀ ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

ବନ୍ତ/ଆଗରପଡ଼ା,୭।୩(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ସ୍ଥିତ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପଞ୍ଚ ଦିବସ ଧରି ଅନୁଷ୍ଠିତ ହୋଇଯାଇଛି। ପୂଜକ ବିଷ୍ଣୁମୋହନ ପଣ୍ଡା, ପୀତବାସ ଶତପଥି, ବଳରାମ ଶତପଥି, ପିତାମ୍ବର ମିଶ୍ର, ମାଧବାନନ୍ଦ ପଣ୍ଡା, ଭରତ ଚରଣ ପଣ୍ଡା, ପିତାମ୍ବର ପଣ୍ଡା, ପ୍ରଭାତ ପାଢ଼ୀ, ପ୍ରମୁଖ ଜଗନ୍ନାଥ ପଞ୍ଚରାତ୍ର ପୂଜା, ଗୋପୂଜା, କାୟାଶୁଦ୍ଧି, ସୂର୍ଯ୍ୟପୂଜା, ଦଧିନିୟତି ପୂଜା, ସୁଦର୍ଶନ ଚକ୍ରପୂଜା, ପାର୍ଶ୍ୱ ଦେବାଦେବୀ ପୂଜା, ଚଣ୍ଡୀପାଠ, ଗୀତାପାଠ, ହୋମପୂଜା ସମେତ ପ୍ରମୁଖ ପଞ୍ଚ ଦିବସିୟ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଖଗେଶ୍ୱର ମିଶ୍ର, ଅନ୍ନପୂର୍ଣ୍ଣା ମିଶ୍ର, ଦିବାକର ମିଶ୍ର, ଫୁଲମଣି ମିଶ୍ର କାର୍ଯ୍ୟ ତୁଲାଇ ଥିଲେ। ଶୁକ୍ରବାର ଦିନ ଆଖପାଖ ଗ୍ରାମର ହଜାର ହଜାର ଭକ୍ତ ପୂର୍ଣ୍ଣାହୁତି କାର୍ଯ୍ୟରେ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ ଓ ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ।

# କୀର୍ତ୍ତନ ମଣ୍ଡପଠାରେ ପଞ୍ଚସଖା ପ୍ରତିଷ୍ଠା

ଭଣ୍ଡାରିପୋଖରୀ/ବାରିକପୁର,୭ ।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମରେ ନବନିର୍ମିତ କୀର୍ତ୍ତନ ମଣ୍ଡପଠାରେ ପଞ୍ଚସଖା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ବୈତରଣୀ ନଦୀରୁ ଜଳଘଟ ଉତ୍ତୋଳନ କରି ଏକ ଶୋଭାଯାତ୍ରାରେ ଆସି କୀର୍ତ୍ତନ ମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ମଣ୍ଡଳ ପ୍ରସ୍ତୁତ କରାଯାଇ ପୂଜାର୍ଚ୍ଚନା ହୋଇଥିଲା। ପୂଜକ ଭାବେ ମନୋଜ ତ୍ରିପାଠୀ, ନାରାୟଣ ପତୀ, ଦାମୋଦର ଧନୀ, ନରେନ୍ଦ୍ର ଧନୀ, ମଧୂସୁଦନ ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ଉମାକାନ୍ତ ପରିଡା, ମାନସୀ ପରିଡ଼ା, ଦୁଷ୍ମନ୍ତ ପରିଡା, ଗୀତାରାଣୀ ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, କଂଗ୍ରେସ ନେତା ସୁବ୍ରତ ଦାସ, ବିଜେପି ନେତା ବଦ୍ରିନାରାୟଣ ଧଳ, ଜିଲ୍ଲା ପରିଷଦ ଉତ୍କଳ କେଶରୀ ମହାନ୍ତି , ସରପଞ୍ଚ ମିନତୀ ପରିଡ଼ା, ସମିତି ସଭ୍ୟା ରୀତାଞ୍ଜଳି ସାମଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗାଁର ଆଦ୍ୱୈତ ପରିଡ଼ା, ପ୍ରସନ୍ନ ପରିଡ଼ା, ଭାଗିରଥି ପରିଡ଼ା, ଦେବୁ ପରିଡ଼ା, କୁନା ପରିଡ଼ା, ଆକାଶ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।



## ନୟନଯୋର ଜମିରେ ମାଟି ପକାଇ ଅବରୋଧ ଉଦ୍ୟମ

# ତହସିଲଦାର, ଖଣି ଅଧିକାରୀ ମାରିଲେ ନାଲି ପତାକା

ଭଦ୍ରକ,୭ ।୩(ସମିସ)



ଭଦ୍ରକ ସହର ଡାହାଣି ଗଡ଼ିଆ ମଠସାହି ମୌଜାରେ ସରକାରୀ ଲୁହାତାର, ବାଡରେ ଆବଦ୍ଧ ଥିବା ଏକ ମୂଲ୍ୟବାନ ସରକାରୀ ଜମିରେ ରାତି ଅଧିଆ ମାଟି ପକାଇ ଅବରୋଧ ଉଦ୍ୟମ ଘଟଣାରେ ଆଜି ଅପରାହ୍ନରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଖଣି ବିଭାଗ ଅଧିକାରୀ ଅନିଲ ଦାସ, ରେଭିନ୍ୟୁ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ଓ ସଦର ଆର୍‌ଆଇ ଶରତ ମହାନ୍ତି ପ୍ରମୁଖ ମିଳିତ କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ତଦନ୍ତ କାଳରେ ଉକ୍ତ ମୂଲ୍ୟବାନ ସରକାରୀ ନୟନଯୋର କିସମ ଜମିରେ ବେଆଇନ୍ ମାଟି ପକାଇବା ଓ ଗଛ କଟା ଯାଇଥିବା ଭଳି ଘଟଣା ଅଧିକାରୀ ଦ୍ୱୟ ଦେଖିଲେ। ପରେ ଏହି ୧୦ ଡେସିମିଲ ମୂଲ୍ୟବାନ ଜମି (ମୌଜା ମଠସାହି, ପ୍ଲଟ ନମ୍ବର-୧୨୬୨, କିସମ-ନୟନଜୋର) ର ମାଟି ପଡିଥିବା ସ୍ଥାନରେ ତହସିଲ ପକ୍ଷରୁ ନାଲି ପତାକା ମରାଯାଇ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ କରାଯାଇଥିଲା। ଖୁବ୍‌ଶୀଘ୍ର ଉକ୍ତ ଜମିରେ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ ଲେଖାଥିବା ସରକାରୀ ସାଇନ୍ ବୋର୍ଡ ଲଗାଯିବ ବୋଲି ତହସିଲଦାର ସୂଚନା ଦେଇଥିଲେ। ସେହିଭଳି ଜଳ ନିଷ୍କାସନ ପଥକୁ ମଧ୍ୟ ଅବରୋଧ ମୁକ୍ତ କରାଯିବ ବୋଲି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ମଠସାହି ମୌଜାର ଉକ୍ତ ଆବଦ୍ଧ ହୋଇଥିବା ମୂଲ୍ୟବାନ ସରକାରୀ ଜମିକୁ ଜମି ମାଫିଆମାନେ ନିୟମିତ ଭାବେ ଜବରଦଖଲ କରିବାକୁ ଉଦ୍ୟମ କରୁଛନ୍ତି। ଜିଲ୍ଲା ପ୍ରଶାସନ ଉକ୍ତ ଜମିରେ ପାଚେରୀ ନିର୍ମାଣ କରି ଆବଦ୍ଧ କରିବାକୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

# ମୁଣ୍ଡିମରାରେ ଚୋରା ମଦ କାରବାର ବୃଦ୍ଧି

ଭଦ୍ରକ,୭ ।୩(ସମିସ): ଭଦ୍ରକ ବ୍ଲକ ରାନ୍ଦିଆ ପଞ୍ଚାୟତ ଅଧିନ ମୁଣ୍ଡିମରା ଗାଁରେ ଏବେ ଚୋରା ମଦ କାରବାର ବୃଦ୍ଧି ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଏହି ଗାଁରେ ଏବେ ଖୋଲାଖୋଲି ଭାବେ ଚୋରା ଦେଶୀମଦ, ଗଂଜେଇ ଆଦି ନିଶା ସାମଗ୍ରୀ ଅବାଧରେ ବିକ୍ରି ହେଉଥିବାରୁ ନିଶାଡିମାନଙ୍କ ଉତ୍ପାତ ଦିନକୁ ଦିନ ଅସହ୍ୟ ହେଉଛି।

ବିଶେଷ କରି ଗାଁର ଯୁବଗୋଷ୍ଠୀମାନେ ଏହି ନିଶା ସେବନ କରି ନାନାଦି ଅସାମାଜିକ କାର୍ଯ୍ୟ କରି ଗାଁରେ ଉପଦ୍ରବ କରୁଛନ୍ତି। ଏଦିଗରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଓ ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରୁନଥିବାରୁ ନିଶା ବେପାରୀମାନେ ବେଧଡ଼କ ବେପାର ଚଳାଇଛନ୍ତି।




# ଘର ଆଗରୁ ବାଇକ୍ ଚୋରି

ବନ୍ତ/ଆଗରପଡ଼ା,୭।୩(ସମିସ): ବନ୍ତ ଥାନା ଅଧିନସ୍ଥ ଗଣିଜାଙ୍ଗ ପଞ୍ଚାୟତ ତରିଡ଼ିପାଳ ଗ୍ରାମର ଟୁଟୁ କୁମାର ପାଳ ଓ ପ୍ରଭାକର ପାଳ ୨ଭାଇଙ୍କ ଦୁଇଗୋଟି ବାଇକ୍ ଗୁରୁବାର ରାତିରେ ଚୋରି ହେଇଛି। ଟୁଟୁ ତାଙ୍କ ବାଇକ୍ (ନଂ. ଓଡି୨୨କ୍ୟୁ୨୦୮୯) ଓ ମନୋଜ ତାଙ୍କ ବାଇକ୍ (ନଂ. ଓଆର୦୧ଭି୨୦୩୮) ନିଜ ଘର ସମ୍ମୁଖରେ ବାରଣ୍ଡାରେ ଗୁରୁବାର ରାତିରେ ରଖିଥିଲେ। ଶୁକ୍ରବାର ସକାଳୁ ଉଠି ଦେଖିବାବେଳକୁ ୨ଟି ଯାକ ବାଇକ୍ ନଥିଲା। ଏନେଇ ବନ୍ତ ଥାନାରେ ଟୁଟୁ ଓ ମନୋଜ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଚୋରା ମଦ ବେପାରୀ, ବ୍ରାଉନ୍‌ସୁଗର ସେବନକାରୀଙ୍କ ହାତଥିବା ଆଲୋଚନା ହେଉଛି।









## ଛୁଟି ମିଳିଲାନି — ହାତରେ ସାଲାଇନ୍ ଲଗାଇ ସ୍କୁଲକୁ ଆସିଲେ ଶିକ୍ଷକ



ବଲାଙ୍ଗିର/ପାଟଣାଗଡ଼, ୭।୩(ସମିସ): ହାତରେ ସାଲାଇନ୍ ଲାଗିଥାଏ; ଅନ୍ୟ ଦୁଇଜଣ ସାହାରା ଦେଇ ଧରିଥା'ନ୍ତି। ଛୁଟି ନ ମିଳିବାରୁ ଏପରି ଗୁରୁତର ଅବସ୍ଥାରେ ଜଣେ ଶିକ୍ଷକ ଆଜି ସ୍କୁଲକୁ ପାଠ ପଢ଼ାଇବାକୁ ଆସିବା ବଲାଙ୍ଗିର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପାଟଣାଗଡ଼ ବ୍ଲକ୍ ଅନ୍ତର୍ଗତ ଭଇଁଷାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏହାକୁ ଶିକ୍ଷକମହଲରେ ନିନ୍ଦା କରାଯିବା ସହ ଘୋର୍ ବିରୋଧ କରାଯାଇଛି। ସଂପୃକ୍ତ ଗୁରୁତର ଶିକ୍ଷକଜଣଙ୍କ ହେଲେ, ବିଦ୍ୟାଳୟର ଗଣିତ ଶିକ୍ଷକ ପ୍ରକାଶ ଭୋଇ। ଏନେଇ ଶ୍ରୀ ଭୋଇ ସ୍କୁଲର ଭାରପ୍ରାପ୍ତ ଅଧକ୍ଷାଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି।

ଶ୍ରୀ ଭୋଇଙ୍କ କହିବାନୁଯାୟୀ, ଗୁରୁବାରସେଅସୁସ୍ଥଅନୁଭବକରିଥିଲେ। ତାଙ୍କର ଅଜାଙ୍କ ମଧ ଦେହାନ୍ତ ହୋଇଛି। ତେଣୁ ସେ ଗୋଟିଏ ଦିନ ପାଇଁ ଛୁଟି ଆବେଦନ କରିଥିଲେ। ଏଥିପାଇଁ ସେ ହ୍ୱାଟସ୍ଆପରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ବିଜୟଲକ୍ଷ୍ମୀ ପ୍ରଧାନଙ୍କ ନିକଟରେ ଛୁଟି ଆବେଦନ କରିଥିଲେ। କିନ୍ତୁ ଅଧକ୍ଷା ତାଙ୍କ ଛୁଟି ଆବେଦନକୁ ଖାରଜ କରି ତୁରନ୍ତ ଡିପିସି କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ତେଣୁ ବାଧ ହୋଇ ସେ ଅଜାଙ୍କ ଅନ୍ତିମ ସଂସ୍କାର ସାରି ଡିପିସି କାର୍ଯ୍ୟାଳୟକୁ ଆସିଥିଲେ ଏବଂ କାମ କରିଥିଲେ। ମଧାହ୍ନ ପ୍ରାୟ ୧୨ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିଯିବାରୁ ତାଙ୍କୁ ସାଲାଇନ ଲଗାଯାଇଥିଲା। ଶୁକ୍ରବାର ପର୍ଯ୍ୟନ୍ତ ତାଙ୍କ ଅସୁସ୍ଥତାରେ ସୁଧାର ନ ଆସିବାରୁ ସେ ପୁଣି ଅଧକ୍ଷାଙ୍କୁ ଛୁଟି ଆବେନ କରିଥିଲେ। କିନ୍ତୁ ବିଜୟଲକ୍ଷ୍ମୀ ପ୍ରଧାନ ଛୁଟି ଆବେଦନ ଗ୍ରହଣ ନକରି ବିଦ୍ୟାଳୟକୁ ଆସିବାକୁ କହିଥିଲେ। ଫଳରେ ଶ୍ରୀ ଭୋଇ ଚିକିତ୍ସାଧୀନ ଅବସ୍ଥାରେ ବିଦ୍ୟାଳୟକୁ ଆସିଥିଲେ। ଯେହେତୁ ତାଙ୍କର ଛୁଟି ଆବେଦନ ଗ୍ରହଣ ହୋଇନି ଏବଂ କାର୍ଯ୍ୟସ୍ଥଳରେ ଯୋଗନଦେଲେ ତାହା ବିଧି ଅସଙ୍ଗତ ବୋଲି ଧରାଯିବ; ତେଣୁ ସେ ବିଦ୍ୟାଳୟକୁ ଆସିଥିଲେ ବୋଲି କହିଥିଲେ। ଏହି ଅବସରରେ ସେ ଗଣମାଧମ ଆଗରେ ଭାରପ୍ରାପ୍ତ ଅଧକ୍ଷାଙ୍କ ବିରୋଧରେ ପାତରଅନ୍ତର ଏବଂ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ତେବେ ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏ ସଂପର୍କରେ ପାଟଣାଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝୀ କହିଛନ୍ତି ଯେ ଏଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଘଟଣାର ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୧୨ ମଧରାତ୍ରିରେ ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି



ବ୍ରହ୍ମପୁର, ୭।୩(ସମିସ): ବ୍ରହ୍ମପୁରଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଚଳିତବର୍ଷ ହେବାକୁ ଯାଉଛି। ମା'ଙ୍କ ଆଗମନକୁ ନେଇ ଏବେଠାରୁ ଚାରିଆଡ଼େ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଏହି

### ବୈଠକରେ ସିଦ୍ଧାନ୍ତି ଧାର୍ଯ୍ୟ କରିବେ ଯାତ୍ରା ଦିନ

କ୍ରମରେ ଆସନ୍ତା ୧୨ ତାରିଖ ମଧରାତ୍ରିରେ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ ହେବ। ଉକ୍ତ ଦିନ ହିଁ ସର୍ବସାଧରଣ ବୈଠକରେ ଦେଶୀ ବେହେରାଙ୍କ କୁଳପୁରୋହିତ ତଥା ସିଦ୍ଧାନ୍ତି ଯାତ୍ରାର ଦିନଧାର୍ଯ୍ୟ କରିବେ। କେଉଁ ଦିନ ମା' ଆସିବେ, ଆସିବା ପରେ ରୀତିନୀତି କ'ଣ ରହିବ, ପୁଣି ସ୍ୱମନ୍ଦିର ଫେରିବେ ଆଦି ସମ୍ପର୍କରେ ଏଠାରେ ସିଦ୍ଧାନ୍ତି ଘୋଷଣା କରିବେ।

ଏନେଇ ଦେଶୀ ବେହେରା ପରିବାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୨ ତାରିଖ ରାତି ସାଢ଼େ ୯ଟାରୁ ଦିନ ସାଢ଼େ ୨ଟା ମଧରେ ଶୁଭଖୁଣ୍ଟି ସ୍ଥାପନ ନେଇ ସିଦ୍ଧାନ୍ତି ସମୟ ଧାର୍ଯ୍ୟ କରିଛନ୍ତି। ଏହି କ୍ରମରେ ୧୨ତାରିଖ ସନ୍ଧ୍ୟାରେ ଦେଶୀ ବେହେରା ସାହିରେ ସର୍ବସାଧାରଣ ବୈଠକ ହେବ। ପ୍ରଥମେ ପୂଜାର୍ଚ୍ଚନା ଓ ବୈଠକ ଶେଷ ପରେ ଦେଶୀ ବେହେରା ପରିବାର ଓ ସହରବାସୀ ଦେଶୀବେହେରା ସାହିରୁ ବାହାରି ମାର୍ଥାପେଟା ସାହି, ସାନ୍ତାରାଣୀ ପେଟା ସାହି, ସାନବଜାର, କମଳାୱାରୀ ସାହି, କାଞ୍ଜିୱାରି ସାହି ଦେଇ ଠାକୁରାଣୀ ମନ୍ଦିରକୁ ଯିବେ। ଏଠାରେ ନୀତିକାନ୍ତି ପ୍ରକାରେ ପୂଜାର୍ଚ୍ଚାନ ଅନୁଷ୍ଠିତ ହେବ। ପରେ ଖଡ଼ୁରା ସାହି, ପୁଡ଼ି ପେଦାୱାରୀ ସାହି, ଖାସପା ସାହି, ନଡ଼ିଆ ବଜାର ଦେଇ ଦେଶୀ ବେହେରା ସାହିକୁ ଆସିବେ। ପରେ ଏଠାରେ ବାଦ୍ୟବାଜଣା ଓ ପୂଜାର୍ଚ୍ଚନା ସାରି ଆସିବା ପରେ ବିଳମ୍ବିତ ରାତିରେ ଶୁଭଖୁଣ୍ଟି ସ୍ଥାପିତ ହେବ।

## କିଟ୍ କ୍ୟାମ୍ପସ୍‌କୁ ଫେରିଲେ ନେପାଳ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୭।୩(ସମିସ): କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ କିଟ୍ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଫଳରେ ନେପାଳୀ ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍‌କୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ହଜାରେରୁ ଅଧିକ ଛାତ୍ରଛାତ୍ରୀ ହଷ୍ଟେଲ୍‌କୁ ଫେରିସାରିଲେଣି। ମୋଟ୍ ୧୧ଶହ ପିଲା ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ଆଉ ୧୦୦ ଜଣ ମଧ କ୍ୟାମ୍ପସ୍‌କୁ ଫେରୁଥିବା କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ସୁରକ୍ଷା ସହ ନିରବଚ୍ଛିନ୍ନ ଶୈକ୍ଷିକ କାର୍ଯ୍ୟକଳାପ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ସେମାନଙ୍କର ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ମଧ ଖୋଲାଯାଇଛି। ନେପାଳ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାରେ ରାଜ୍ୟ ସରକାର, ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ଓ ନେପାଳ ସରକାରଙ୍କ ସହଯୋଗ ପାଇଁ କିଟ୍ କର୍ତ୍ତୃପକ୍ଷ କୃତଜ୍ଞତା ଜଣାଇଛନ୍ତି।

## କନ୍ଧମାଳକୁ ଶୀତ ଛାଡୁନି



ରାଇକିଆ, ୭।୩(ସମିସ): ମାର୍ଚ୍ଚ ପ୍ରଥମ ସପ୍ତାହରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଗରମ ଅନୁଭୂତ ହେଲାଣି। ଏପରିକି, କିଛି କିଛି ସ୍ଥାନରେ ପାରଦ ୩୮ ଡିଗ୍ରି ଡେଇଁଗଲାଣି। ଏପରି ସ୍ଥିତିରେ କନ୍ଧମାଳ ଜିଲ୍ଲାକୁ କିନ୍ତୁ ଶୀତ ଛାଡ଼ିପାରୁନାହିଁ। ସକାଳୁ ବାହାରକୁ ଗଲେ ଶୀତବସ୍ତ୍ରର ଆବଶ୍ୟକ ପଡୁଛି। ରାତିରେ କିମ୍ବା ଭୋର୍‌ରୁ ବସ୍‌ଷ୍ଟାଣ୍ଡମାନଙ୍କରେ ଅପେକ୍ଷାରତ ଯାତ୍ରୀ ନିଆଁ ଜାଳି ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଶୀତ ଋତୁର ଶେଷ ଏବଂ ବସନ୍ତର ଆଗମନରେ କନ୍ଧମାଳ ଜିଲ୍ଲାରେ ଏହିଭଳି ଥଣ୍ଡା ଅନୁଭୂତ ହୁଏ। ପୂର୍ବରୁ ସକାଳୁ ଏହିପରି ଥଣ୍ଡା ଏପ୍ରିଲ୍ ପର୍ଯ୍ୟନ୍ତ ଅନୁଭୂତ ହେଉଥିବା ବେଳେ କିଛି ବର୍ଷ ହେବ ଏହା ମାର୍ଚ୍ଚ ଶେଷ ସପ୍ତାହ ପର୍ଯ୍ୟନ୍ତ ଖସି ଆସିଛି। ଅପରପକ୍ଷେ, ଏହି ସମୟରେ ଥଣ୍ଡା ଯୋଗୁଁ ମହୁଲ ଫୁଲ ଭଲ ହେଉଥିବାରୁ ଏହାକୁ ମହୁଲ ଥଣ୍ଡା ବୋଲି କୁହାଯାଉଥିବା କିଛି ବରିଷ୍ଠ ନାଗରିକ କହିଛନ୍ତି।

■ ସାହିତ୍ୟ ଅକାଦେମି ଅନୁବାଦ ପୁରସ୍କାର ୨୦୨୪ ଘୋଷିତ

## ଓଡ଼ିଆ ପାଇଁ ସୁଭାଷ ଶତପଥୀ ମନୋନୀତ



**ଭୁବନେଶ୍ୱର, ୭।୩ (ସମିସ):** ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାହିତ୍ୟ ଅକାଦେମିର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୦୨୪ ମସିହା ପାଇଁ ଅନୁବାଦ ପୁରସ୍କାର ଘୋଷିତ ହୋଇଛି। ଅକାଦେମିର ସଭାପତି ମାଧବ କୌଶିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୧ଟି ଭାଷାର ଅନୁବାଦ ପୁସ୍ତକ ପୁରସ୍କାର ପାଇଁ ନାମ ଘୋଷଣା କରାଯାଇଛି। ଏଥର ଓଡ଼ିଆ ଭାଷା ପାଇଁ ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଲେଖକ ଏବଂ ଅନୁବାଦକ ସୁଭାଷ ଶତପଥୀ। ଇଂରାଜୀରେ ରଚିତ ରସକିନ୍ ବଣ୍ଡଙ୍କ ଆତ୍ମଜୀବନୀ (ଲୋନ୍ ଫକ୍ସ ଡ୍ୟାନ୍ସିଂ)ର ଓଡ଼ିଆ ଅନୁବାଦ 'କୋକିଶିଆଳିର ଏକକନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏହାପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଶ୍ରୀ ଶତପଥୀଙ୍କ ପ୍ରକାଶିତ ଅନ୍ୟ ଅନୁବାଦ ପୁସ୍ତକ ମଧରେ ରହିଛି ସଂସାର, ପୂର୍ଣ୍ଣିମା ରାତ୍ରିର ଅଭିସାର ଓ ଅନ୍ୟାନ୍ୟ ଗଳ୍ପ, ସମୁଦ୍ରକୂଳର ଗାଁ, ଖୁଶୱନ୍ତ ସିଂହଙ୍କ ଗଳ୍ପ, ଏମ.ଟି. ବାସୁଦେବ ନାୟାରଙ୍କ ଗଳ୍ପ, ବିଭାଜନ ଇତ୍ୟାଦି ଅନ୍ୟତମ।

ସୂଚନା ଅନୁସାରେ, ଶ୍ରୀ ଶତପଥୀ ବର୍ତ୍ତମାନ ଓଡ଼ିଆ ଦୈନିକ ଖବରକାଗଜ 'ପ୍ରମେୟ'ର ସଂପାଦନା ବିଭାଗରେ କାର୍ଯ୍ୟରତ। ଏଥର ଓଡ଼ିଆ ଭାଷାର ଅନୁବାଦ ପୁରସ୍କାର ପାଇଁ ବିଚାରକମଣ୍ଡଳୀରେ ଅମରେଶ ପଟ୍ଟନାୟକ, ପ୍ରଭାସିନୀ ମହାକୁଡ଼ ଏବଂ ମୋନାଲିସା ଜେନା ପ୍ରମୁଖ ସ୍ଥାନ ପାଇଥିଲେ।

ସେହିପରି ଏହି ପୁରସ୍କାର ପାଇଁ ମନୋନୀତ ଅନ୍ୟ ଭାଷାର ଲେଖକମାନେ ହେଲେ, ଅଞ୍ଜନ ଶର୍ମା (ଅହମିଆ), ବାସୁଦେବ ଦାସ (ବଙ୍ଗଳା), ଉତ୍ତରା ବସୁମାତାରୀ (ବୋଡ଼ୋ), ଅର୍ଚ୍ଚନା କେସର (ଡୋଗ୍ରୀ), ଅନିସୁର ରହମାନ (ଇଂରାଜୀ), ରମଣିକ ଅଗ୍ରୱତ (ଗୁଜରାଟୀ), ମଦନ ସୋନି (ହିନ୍ଦୀ), ସିଦ୍ଧଲିଙ୍ଗ ପଉନସେଜୀ (କନ୍ନଡ), ଗୁଲାମ ନବୀ ଆତଶ (କଶ୍ମିରୀ), ମିଲିନ୍ଦ ମହମଲ (କୋଙ୍କଣୀ), କେଶକର ଠାକୁର (ମୈଥିଳି), କେ. ଭି. କୁମାରନ (ମାଲୟାଲମ), ଏସ୍ ଇନ୍ଦ୍ରକୁମାର (ମଣିପୁରୀ), ସୁଦର୍ଶନ ଅଠାୱଲେ (ମରାଠୀ), ଚନ୍ଦନ ନେଗୀ (ପଞ୍ଜାବୀ), ସୋହନ୍ଦନ ଚରଣ (ରାଜସ୍ଥାନୀ), ନାଜିର ହେମ୍ବ୍ରମ୍ (ସାନ୍ତାଳି), ଶୋଭା ଲାଲଚନ୍ଦାନୀ (ସିନ୍ଧୀ), ପି. ବିମଳା (ତାମିଲ) ଏବଂ ଟି. ରାଜେଶ୍ୱରୀ (ତେଲୁଗୁ)। ନେପାଳୀ ଏବଂ ସଂସ୍କୃତ ଭାଷାର ପୁରସ୍କାର ପରେ ଘୋଷଣା ହେବାକୁ ଥିବା ବେଳେ ଏଥର ଉର୍ଦ୍ଦୁ ଭାଷାରେ ପୁରସ୍କାର ଦିଆଯିବ ନାହିଁ ବୋଲି ପ୍ରେସ୍ ବିବୃତିରେ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଜଣାଇଛନ୍ତି। ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରତ୍ୟେକ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କାର ଅର୍ଥରାଶି ସହ ତାମ୍ରଫଳକ ପ୍ରଦାନ କରାଯିବ।

■ ପ୍ରେମିକର ଫୋନ୍ ବନ୍ଦ

## ଯୁବତୀଙ୍କୁ ବେଦିରୁ ଉଠାଇ ଅଡୁଆରେ ପୁଲିସ୍

ଅନୁଗୋଳ, ୭।୩(ସମିସ): ଇଚ୍ଛା ବିରୋଧରେ ପ୍ରେମିକାର ବାହାଘର ହେଉଥିବା ନେଇ ପ୍ରେମିକ ଥାନାରେ ଅଭିଯୋଗ କରିବା ପୁଲିସ୍ ହସ୍ତକ୍ଷେପ କରି ବିବାହକୁ ବନ୍ଦ କରିଛି। ଶୁକ୍ରବାର ଅଙ୍ଗାରବନ୍ଧ ନିକଟରେ ଥିବା ଶିବ ମନ୍ଦିରରେ ଶୁକ୍ରବାର ଏହି ଘଟଣା ଘଟିଛି। ପୁଲିସ୍ ଯୁବତୀଙ୍କୁ ବେଦିରୁ ଉଠାଇ ଆଣିଛି। କିନ୍ତୁ ଯୁବତୀଙ୍କୁ ଉଦ୍ଧାର କରିବା ପରେ ପ୍ରେମିକର ଫୋନ୍ ସୁଇଚ୍-ଅଫ୍ ରହିଥିବାରୁ ପୁଲିସ୍ ହରଡ଼ଘଣାରେ ପଡ଼ିଛି।

### ଇଚ୍ଛା ବିରୋଧରେ ହେଉଥିଲା ବିବାହ

ଅନୁଗୋଳ ସଦର ଥାନା ଚଣ୍ଡିଖମଣ ଶିବ ମନ୍ଦିରରେ ଶୁକ୍ରବାର ଏକ ବିବାହ ଚାଲିଥିଲା। କନ୍ୟା ଓ ବରପକ୍ଷ ଉପସ୍ଥିତ ଥିବା ବେଳେ ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ଏହି ସମୟରେ ୧୧୨ ହେଲ୍ପଲାଇନରୁ କଲ୍ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଝିଅର ଇଚ୍ଛା ବିରୋଧରେ ପରିବାରଲୋକ ତା' ବାହାଘର କରୁଥିବା ଯୁବତୀଙ୍କ ପ୍ରେମିକ ଅଭିଯୋଗ କରିଥିଲେ। ପୁଲିସ୍ ମନ୍ଦିରରେ ପହଞ୍ଚି ଯୁବତୀଙ୍କୁ ପଚରାଉଚରା କରିବାରୁ ସେ ଏହି ବାହାଘର ପାଇଁ ରାଜିନଥିବା କହିଥିଲେ। ଏପରିକି, ସେ ନିଜ ପରିବାର ସହ ମଧ ରହିବାକୁ ଚାହୁଁ ନଥିବା କହିଥିଲେ। ପୁଲିସ୍ କନ୍ୟା ସହ ବର ପରିବାର ସଦସ୍ୟଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

ଏ ସମ୍ପର୍କରେ ଯୁବତୀଜଣଙ୍କ କହିଛନ୍ତି ଯେ ପ୍ରେମିକ ସହ ତାଙ୍କର ଆଗରୁ ବାହାଘର ପ୍ରସ୍ତାବ ପଡ଼ିଥିଲା। କିନ୍ତୁ ପ୍ରେମିକଙ୍କ ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ଯୁବତୀଙ୍କ ପରିବାରଲୋକେ ସେଠାରେ ବିବାହ ଦେବାକୁ ରାଜି ହୋଇ ନଥିଲେ। ତେବେ ଯୁବତୀଜଣକ ପ୍ରେମିକ ସହ ଯିବାକୁ ଜିଦ୍ ଧରିଥିବା ବେଳେ ଠିକ୍ ବେଳକୁ ପ୍ରେମିକ ନିଜ ମୋବାଇଲ ସୁଇଚ୍-ଅଫ୍ କରିଦେଇଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଯୁବକଙ୍କ ସହ ପୁଲିସ ଯୋଗାଯୋଗ କରିପାରୁନାହିଁ। ସନ୍ଧ୍ୟା ସୁଦ୍ଧା ଯୋଗାଯୋଗ ହୋଇନପାରିଲେ ଯୁବତୀଙ୍କୁ ପୁଲିସ ସ୍ୱଧାରଗୃହକୁ ପଠାଇବ ବୋଲି କହିଥିବା ବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯୁବତୀ ଥାନାରେ ଅଛନ୍ତି।

## ରାଜ୍ୟରେ ମହିଳାଙ୍କ ଉପରେ ବଢୁଛି ଅତ୍ୟାଚାର / ୧୦ରେ ସବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ



ଭୁବନେଶ୍ୱର, ୭।୩(ସମିସ): ଗତ ୮ ମାସର ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ପାଶବିକ ଅତ୍ୟାଚାର ବଢ଼ିଚାଲିଛି। ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୦ ଭାଗ ହେଉଛନ୍ତି ମହିଳା, କିନ୍ତୁ ସେମାନେ ଅତିମାତ୍ରାରେ ଅତ୍ୟାଚାରିତ ଓ ଉତ୍ପୀଡ଼ନର ଶିକାର ବୋଲି କଂଗ୍ରେସ କହିଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପ୍ରଭାରୀ ନବଜ୍ୟୋତି ପଟ୍ଟନାୟକ କହିଛନ୍ତି ଯେ ବିଜେପି ସରକାରରେ ମା'କୁ ସମ୍ମାନ, ବେଟି ପଢାଓ, ବେଟି ବଚାଓ କେବଳ ସ୍ଲୋଗାନ ଭିତରେ ରହିଯାଇଛି। ବିଜେପି ସରକାର ଆସିବା ପରେ ମହିଳାଙ୍କ ପ୍ରତି ଅତ୍ୟାଚାର, ବ୍ୟଭିଚାର, ଗଣଦୁଷ୍କର୍ମ, ମହିଳା ନିଖୋଜ ହେବା ଘଟଣା ସାରା ଦେଶରେ ରେକର୍ଡ ଭାଙ୍ଗିଛି।। ଆଜି ସାରା ଦେଶରେ ମହିଳା ଅତ୍ୟାଚାର କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନ ଅଧିକାର କରିଛି। ଏଭଳି ସଂଗୀନ ଅପରାଧ ଘଟାଉଥିବା ଅପରାଧୀଙ୍କ ପ୍ରତି ସରକାର କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛନ୍ତି। ଫଳରେ ଅପରାଧୀମାନଙ୍କ ମନରେ ଭୟ ରହୁନାହିଁ। ତେଣୁ ଏହାର ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଆସନ୍ତା ୧୦ ତାରିଖ ସାରା ରାଜ୍ୟରେ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି ଯେ ଓଡ଼ିଶା ଆଜି ସାରା ଦେଶରେ ମହିଳାମାନଙ୍କ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସଂପୂର୍ଣ୍ଣରୂପେ ବିଫଳ ହୋଇଛି। ରାଜ୍ୟର ଆଦିବାସୀ, ଦଳିତ ଛାତ୍ରୀମାନଙ୍କୁ ଯେଉଁଭଳି ଭାବେ ଧର୍ଷଣ କରିବା ସହିତ ସେ ଗର୍ଭବତୀ ହେଉଛନ୍ତି ତାହା ଅତ୍ୟନ୍ତ ଚିନ୍ତାର ବିଷୟ। ଅନୁରୂପ ଭାବେ ରାଜ୍ୟ ଆଜି ଏକ ଅପରାଧ ପ୍ରବଣ ରାଜ୍ୟରୂପେ ସାରା ଦେଶରେ ପରିଗଣିତ ହୋଇଛି। ଏହା ପ୍ରତ୍ୟେକ ଓଡ଼ିଆ ପ୍ରତି ଘୋର ଅପମାନ। ଏହା ଆମ ଅସ୍ମିତା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

■ ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ଆଜୀବନ ଜେଲ୍ ଦଣ୍ଡାଦେଶ ରଦ୍ଦ

## ୧୭ ବର୍ଷ ପରେ ଅଭିଯୁକ୍ତ ହାଇକୋର୍ଟରୁ ଦୋଷମୁକ୍ତ

**କଟକ, ୭।୩(ସମିସ):** ଏକ ହତ୍ୟା ମାମଲାରେ ନିମ୍ନ ଅଦାଲତ ଦ୍ୱାରା ଆଜୀବନ ଜେଲ ଦଣ୍ଡାଦେଶରେ ଦଣ୍ଡିତ ଅଭିଯୁକ୍ତ ଦୀର୍ଘ ୧୭ ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ ହୋଇଛନ୍ତି। ଗତ ୨୦୦୫ ମସିହାର ଏକ ହତ୍ୟା ମାମଲାରେ ଅଭିଯୁକ୍ତ ମଦନ କୁଅଁର ଓରଫ୍ ମିଟୁଙ୍କୁ ଫୁଲବାଣୀ ଦୌରାଜଜ୍ ୨୦୦୮, ଜାନୁଆରି ୨ରେ ପ୍ରଦାନ କରିଥିବା ଆଜୀବନ ଜେଲ୍‌ଦଣ୍ଡ ରାୟକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଉପଯୁକ୍ତ ପ୍ରମାଣ ନଥିବା ବେଳେ ନିମ୍ନ ଅଦାଲତ ଅଭିଯୁକ୍ତଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ରାୟ ପ୍ରଦାନ କରିଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଏଣୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଜାମିନରେ ଥିବା ଅଭିଯୁକ୍ତକୁ ଏହି ମାମଲାରୁ ଦୋଷମୁକ୍ତ କରିଛନ୍ତି। ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଶେଷଦେବଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୦୫ ଏପ୍ରିଲରେ ତଲେମ୍ବା ପାହାଡ଼ରେ ଖଜୁରିପଡ଼ା ଥାନା ଅଞ୍ଚଳର କାଇନା ଜାନିଙ୍କ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଘଟଣାର ୧୦-୧୨ଦିନ ପୂର୍ବରୁ ସେହି ଅଞ୍ଚଳର ପାନମତିଙ୍କ ସହ ମୃତକଙ୍କ ଝଗଡ଼ା ହୋଇଥିଲା। ପାନମତିଙ୍କ ଘରେ ରହୁଥିବା ଅଭିଯୁକ୍ତ ମିଟୁ ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଖଜୁରୀପଡ଼ା ଥାନାରେ କାଇନା ଏତଲା ଦେଇଥିଲେ। ପୁଲିସ୍ ସେହିବର୍ଷ ଏପ୍ରିଲ ୧୩ରେ ଅଭିଯୁକ୍ତକୁ ଗିରଫ କରିଥିଲା। ଦାଖଲ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଆଇପିସିର ଦଫା ୩୦୨ରେ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ ନିମ୍ନ ଅଦାଲତ।

ଏମ୍ଏଚ୍‌ୟୁ ଆଟେଣ୍ଡାଣ୍ଟଙ୍କ ନିୟମିତୀକରଣ ପ୍ରସଙ୍ଗ

## ୩ ମାସ ମଧ୍ୟରେ ନିଷ୍ପତ୍ତି ନିଅ: ହାଇକୋର୍ଟ

**କଟକ, ୭।୩ (ସମିସ):** ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍ଆରଏଚ୍ଏମ୍) ଅଧୀନରେ ମୋବାଇଲ ହେଲଥ ୟୁନିଟ୍ (ଏମ୍ଏଚ୍‌ୟୁ)ରେ କାର୍ଯ୍ୟ କରିଆସୁଥିବା ଆଟେଣ୍ଡାଣ୍ଟମାନଙ୍କ ନିୟମିତୀକରଣ ପ୍ରସଙ୍ଗରେ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲରେ ୨୦୧୬ ମସିହାରେ ଦାୟର ଏହି ମାମଲା ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ହାଇକୋର୍ଟକୁ ସ୍ଥାନାନ୍ତର ହୋଇ ଶୁଣାଣି ହେଉଥିଲା। ଏମ୍ଏଚ୍‌ୟୁ ଆଟେଣ୍ଡାଣ୍ଟମାନଙ୍କ ନିୟମିତୀକରଣ ପ୍ରସଙ୍ଗରେ ଆସନ୍ତା ୩ ମାସ ମଧରେ ସାନି ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୟକୃଷ୍ଣ ଜେନା ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ସରକାର ନିଷ୍ପତ୍ତି ଗ୍ରହଣ କରିବା ପର୍ଯ୍ୟନ୍ତ

### କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ରୋକ ବଳବତ୍ତର

ଗତ ୨୦୧୬ ଡିସେମ୍ବର ୨୦ରେ ଆବେଦନକାରୀ ଆଟେଣ୍ଡାଣ୍ଟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଅନ୍ତରୀଣ ଆଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ୧୯୯୫ରୁ ଆବେଦନକାରୀମାନେ ଏମଏଚ୍‌ୟୁ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ସେମାନଙ୍କୁ ନିୟମିତ କରା ନଯାଇ ୨୦୧୬ ଡିସେମ୍ବର ୮ରେ ୧୧୬୧ଟି ଆଟେଣ୍ଡାଣ୍ଟ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି, ଗତ ୨୦୧୩ ଜୁଲାଇ ୨୦ରେ ଏମଏଚ୍‌ୟୁ ଆଟେଣ୍ଡାଣ୍ଟମାନଙ୍କୁ ସେଠାରୁ ଅପରସାରଣ କରାଯାଇ ସମ୍ପୃକ୍ତ ଜିଲ୍ଲାରେ ଥିବା ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆଟେଣ୍ଡାଣ୍ଟ ଭାବେ ନିୟୋଜିତ କରାଯିବ ବୋଲି ସରକାରଙ୍କ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ନିଷ୍ପତ୍ତି ନେଇଥିଲା ବୋଲି ସ୍ପଷ୍ଟ ହୋଇଥିଲା। ଟ୍ରିବ୍ୟୁନାଲ ମଧ ଆବେଦନକାରୀଙ୍କ ସଂଖ୍ୟାର ପଦ ପୂରଣ ହେବ ନାହିଁ ଓ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ଅନ୍ତରୀଣ ଆଦେଶ ଦେଇଥିଲେ। ଏହାକୁ ସରକାରଙ୍କ ସାନି ନିଷ୍ପତ୍ତି ପର୍ଯ୍ୟନ୍ତ ହାଇକୋର୍ଟ ବଳବତ୍ତର ରଖିଛନ୍ତି।




## ଟ୍ରକ୍ ଦୁର୍ଘଟଣାରେ ଚାଳକ ମୃତ

**ସୁକିନ୍ଦା, ୭ ।୩(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଡୁବୁରୀ ରାସ୍ତାର ସିଆରିଆ ଛକ ନିକଟରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି । ଗୁରୁବାର ରାତିରେ ସିଆରିଆ ଛକ ନିକଟ ରାଜପଥରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଅନ୍ୟଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ଦୀର୍ଘ ସମୟ ଧରି ଚାପିହୋଇ ରହିଥିଲେ। ଖବର ପାଇ ସୁକିନ୍ଦା ଦମକଳ ବାହିନୀ ପହଞ୍ଚି କଟର ମେସିନରେ ଚାଳକଙ୍କୁ ଉଦ୍ଧାର କରିଥିଲେ। ଚାଳକଙ୍କ ଦୁଇ ଗୋଡ଼ କଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ଚାଳକ ଦେବଗଡ଼ ଅଞ୍ଚଳର ଦିଲେଶ୍ୱର ସାହୁଙ୍କ ପୁଅ ଚନ୍ଦ୍ରଶେଖର ସାହୁ(୨୭) ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଟ୍ରକ୍ ତାଳଚେରରୁ ମାଲ ଲୋଡ୍ କରି କଳିଙ୍ଗନଗର ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । କଳିଙ୍ଗନଗର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ଘରୁ ଚୋରି

**ଧର୍ମଶାଳା, ୭ ।୩(ସମିସ):** ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ପଣ୍ଡୁଆ ଗ୍ରାମର ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁଙ୍କ ଘରୁ ଗୁରୁବାର ମଧ୍ୟାହ୍ନରେ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ପ୍ରାଧ୍ୟାପକ ଶ୍ରୀ ସାହୁ ଓ ତାଙ୍କ ପତ୍ନୀ ନିରୂପମା ପୃଷ୍ଟି କଲଣର ପୈତୃକ ଘରକୁ ବାପାଙ୍କ ଶ୍ରାଦ୍ଧ ପାଇଁ ଯାଇଥିଲେ। ଶ୍ରାଦ୍ଧ କାମ ସାରି ୩ଟାରେ ପାଣ୍ଡୁଆ ଘରେ ପହଞ୍ଚି ଦେଖନ୍ତି ତ ଘର ତାଲା ଭଙ୍ଗା ହୋଇଛି। ଦୁଇଟି ରୁମରେ ଲୁହା ଆଲମିରରୁ ସୁନା ଗହଣା ଓ ଏକ ଲକ୍ଷ ଟଙ୍କା ଚୋରି ହୋଇଥିବା ଦେଖିଥିଲେ । ପାଖାପାଖି ୨୦ ଭରି ସୁନା ଅଳଙ୍କାର ଚୋରି ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କାରୁ ଅଧିକ ହେବ। ଶ୍ରୀ ସାହୁ ଯିବା ସମୟରେ ଦୁଇଜଣ ଯୁବକ ବାଇକ୍‌ରେ ତାଙ୍କ ଘର ଆଗରେ ବୁଲୁଥିବା ପଡୋଶୀ କହୁଛନ୍ତି । ଏହି ଦୁଇ ଯୁବକ କିଛି ବାଟରେ ବାଇକ ରଖି ଘରର ପଛ ଗେଟ ତାଲା ଭାଙ୍ଗି ଘରେ ପ୍ରବେଶ କରି ଚୋରି କରିଥିବା କୁହାଯାଉଛି । ଏ ସମ୍ପର୍କରେ ପ୍ରାଧ୍ୟାପକ ଶ୍ରୀ ସାହୁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି । ଗତ ୨ଦିନ ତଳେ ଏହି ମୌଜାରେ ଜଣେ ସିଆରପିଙ୍କ ଘରୁ ଚୋରି ହୋଇଥିଲା ।

## ଟାଭେରାକୁ ଧକ୍କାଦେଇ ଓଲଟିଲା ହାଇୱା

**ପାଣିକୋଇଲି, ୭।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ହାଇୱା ଆଗରେ ଯାଉଥିବା ଏକ ଟାଭେରାକୁ ପଛରୁ ଧକ୍କା ଦେଇ ଓଲଟି ପଡ଼ିଛି । ସୌଭାଗ୍ୟବଶତଃ ଉଭୟ ଗାଡ଼ିର ଚାଳକଙ୍କ କିଛି କ୍ଷତି ଘଟିନାହିଁ। ଚଢେଇଧରାରୁ ଚିପ୍‌ସ ଗୁଣ୍ଡ ବୋଝେଇ କରି ଭଦ୍ରକ ଯାଉଥିବା ଏକ ହାଇୱା ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଆଗରେ ଯାଉଥିବା ଟ୍ରାଭେରା ଗାଡ଼ିକୁ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ହାଇୱାଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଟ୍ରାଭେରାର ପଛ ପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ହାଇୱା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ପାଣିକୋଇଲି ପୁଲିସ ପହଞ୍ଚି ଉଭୟ ଚାଳକଙ୍କୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଧର୍ମଶାଳା, ୭।୩(ସମିସ):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମସୁରକ୍ଷା ଶିବିର ଆରମ୍ଭ ହୋଇଛି । ଅଧ୍ୟକ୍ଷା ଡକ୍ଟର ଇନ୍ଦୁପ୍ରଭା ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦର୍ଶନ ବିଭାଗ ଅଧ୍ୟାପକ ଡଃ ସୁନାକର ଦାସ ଯୋଗଦେଇ ସାମ୍ପ୍ରତିକ ସମାଜରେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଯଥାର୍ଥ ଗୁରୁତ୍ୱ ପ୍ରଦାନ କରିଥିଲେ। ସଂଯୋଜିକା ଅଧ୍ୟାପିକା ଡଃ ସସ୍ମିତା ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଥମ ବର୍ଷର ୯୬ ଜଣ ଛାତ୍ରୀ ଶିବିରରେ ଯୋଗ ଦେଇଛନ୍ତି । ମାଷ୍ଟର ଟ୍ରେନର ଭାବେ ସୁଶ୍ରୀ ଜ୍ୟୋସ୍ନା ନନ୍ଦ ଯୋଗ ଦେଇଛନ୍ତି ।

## ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ପ୍ରୀତିପୁର, ୭।୩(ସମିସ):** ଯାଜପୁର ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍‌ଡିପିଓ) ଭାବେ ଯୋଗଦାନ କରିଥିବା ପ୍ରଶାନ୍ତ କୁମାର ମାଝିଙ୍କୁ ଖରସ୍ରୋତା ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ତାଙ୍କ କାର୍ଯ୍ୟାଳୟରେ ଖରସ୍ରୋତା ପ୍ରେସ୍ କ୍ଲବର ପ୍ରତିଷ୍ଠାତା ସଭାପତି ସଇଫୁର ରହେମାନ ଓ ବରିଷ୍ଠ ଉପଦେଷ୍ଟା ରତନଲାଲ ଭୂୟାଁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିଲେ। ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ସତର୍କ ଦୃଷ୍ଟି ଦେବା ସହିତ ଅସହାୟ ମଣିଷଙ୍କୁ ଆଇନଗତ ସହାୟତା ପ୍ରଦାନ କରିବା ନିମନ୍ତେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝିଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ମାଝି ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବରୀ, ୭।୩(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିବିଲ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲଙ୍କ ୫୮ ବର୍ଷ ବୟସରେ ପରଲୋକ ଘଟିଛି । ଶ୍ରୀ ସାମଲ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ନେଇଥିଲେ । ସେଠାରେ ସେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ଦାୟିତ୍ୱରେ ଥିବା ଡାକ୍ତର ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ବାଲିବିଲରେ ପହଞ୍ଚିବା ପରେ ତାଙ୍କ ବାସଭବନରେ ସମାଜସେବୀ ଦେବେନ୍ଦ୍ର ଦସ, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା, ସମିତିସଭ୍ୟା ସୁଧାଂଶୁବାଳା ସାମଲ, ପ୍ରାକ୍ତନ ସମିତି ସଭ୍ୟ ବ୍ରହ୍ମାନନ୍ଦ ପଢ଼ିଆରୀ, ପ୍ରଫୁଲ୍ଲ ସାମଲ, ନବଜ୍ୟୋତି ନାଟ୍ୟ ସଂସଦର କର୍ମକର୍ତ୍ତା ଓ ଉତ୍କଳ ଗୌରବ କ୍ରୀଡ଼ା ସଂସଦର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପତ୍ନୀଙ୍କ ଏକମାସ ପୂର୍ବେ ବିୟୋଗ ଘଟିଥିବାବେଳେ ତାଙ୍କର ଏକମାତ୍ର ଦିବ୍ୟାଙ୍ଗ ପୁଅ ଅଛନ୍ତି ।

### ଅବହେଳିତ ରଣପୁର ବିଦ୍ୟାଳୟ

# ଶ୍ରେଣୀ ଗୃହ ଅଭାବ, ବାରଣ୍ଡାରେ ଚାଲିଛି ଶିକ୍ଷାଦାନ

**ବିଞ୍ଝାରପୁର, ୭।୩(ସମିସ)**



ଶିକ୍ଷାଦାନ ବ୍ୟବସ୍ଥାକୁ ରାଜ୍ୟର ମେରୁଦଣ୍ଡ ବୋଲି କୁହାଯାଉଛି। ତେବେ ଭିତ୍ତିଭୂମିର ଅଭାବ କାରଣରୁ ବହୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକରେ ଏଭଳି କେତେକ ବିଦ୍ୟାଳୟ ରହିଛି । ଛାତ୍ରଛାତ୍ରୀ ବାରଣ୍ଡାରେ ବସି ପଢୁଥିବାବେଳେ ଆଉ କେତେକ ବିଦ୍ୟାଳୟ ଅଛି, ଯେଉଁଠି ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଭଳି ଅନେକ ବିଦ୍ୟାଳୟ ମଧ୍ୟରୁ ଏକ ବିଦ୍ୟାଳୟ ରଣପୁର ପଞ୍ଚାୟତରେ ରହିଛି ରଣପୁର ବିଦ୍ୟାଳୟ। ଏଠାରେ ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀ ବାରଣ୍ଡାରେ ବସି ଶିକ୍ଷାଦାନ କରୁଛନ୍ତି। ତେଣୁ ଏହି ବିଦ୍ୟାଳୟର ଶ୍ରେଣୀ ଗୃହ ପ୍ରତିଷ୍ଠା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତର ରଣପୁର ୟୁଜି ଏମ୍‌ଇ ବିଦ୍ୟାଳୟ ୧୯୭୬ରେ ସ୍ଥାପିତ ହୋଇଛି। ଉକ୍ତ ସର୍ବପୁରାତନ ବିଦ୍ୟାଳୟରୁ ପାଠପଢ଼ି ବହୁ ଛାତ୍ରଛାତ୍ରୀ ନିଜକୁ ପ୍ରତିଷ୍ଠିତ କରିଛନ୍ତି। କିନ୍ତୁ ସେହି ବିଦ୍ୟାଳୟ ଏବେ ଅବହେଳିତ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୫୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ। ୧୫୨ ଛାତ୍ରଛାତ୍ରୀଙ୍କ ପାଇଁ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରହିଛନ୍ତି । ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନାହାନ୍ତି। ବିଦ୍ୟାଳୟରେ ୬ଟି ଶ୍ରେଣୀ ଗୃହ ଥିବାବେଳେ ୪ଟି ଗୃହ ବିପଦସଂକୁଳ ଅବସ୍ଥାରେ ପଡ଼ିରହିଛି । ଫଳରେ ୨ଟି ଶ୍ରେଣୀ ଗୃହରେ ପାଠପଢ଼ା ଚାଲିଛି। ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳ ଓ ସାମଗ୍ରୀ ମଧ୍ୟ ରଖାଯାଉଛି। ସ୍ଥାନ ଅଭାବରୁ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ବାରଣ୍ଡାରେ ବସି ପଢୁଥିବା ଦେଖାଯାଇଛି। ବାରଣ୍ଡାରେ ଛାତ୍ରଛାତ୍ରୀ ବସିବା ଫଳରେ ପାଠପଢ଼ାରେ ନାନା ସମସ୍ୟା ସୃଷ୍ଟି ହେଉଥିବା ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି । ବର୍ଷ ବର୍ଷ ଧରି ଏହି ସମସ୍ୟା ବିଦ୍ୟାଳୟରେ ଲାଗି ରହିଥିବାବେଳେ ଏନେଇ ବାରମ୍ବାର ଅଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି ପ୍ରଶାସନକୁ ଅବଗତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଭଳି କିଛି ପଦକ୍ଷେପ ନିଆଯାଇ ନ ଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ମହାନ୍ତି କହିଛନ୍ତି ।

ବର୍ଷାଦିନେ ପାଠ ପଢ଼ାଇବାରେ ନାନା ପ୍ରକାର ବାଧା ଉପୁଜୁଥିବା ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା କଥା, ଆମେ ଆମ ପିଲାଙ୍କୁ ଉତ୍ତମ ଶିକ୍ଷାଦାନ ଦେବାକୁ ନିକଟତମ ସ୍କୁଲକୁ ପଠାଉଛୁ। ଆମ ପାଖରେ ଏତେ ଅର୍ଥ ନାହିଁ ଯେ ପିଲାଙ୍କୁ ବେସରକାରୀ ସ୍କୁଲରେ ପଢ଼ାଇ ପାରିବୁ । ତେଣୁ ସରକାର ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ୫ ବର୍ଷ ଧରି ଜଣାଇ ଆସୁଛନ୍ତି ଓ ପ୍ରଧାନମନ୍ତ୍ରୀ ଯୋଜନା ପୋର୍ଟାଲରେ ମଧ୍ୟ ଅଭିଯୋଗ କରାଯାଇଛି ବୋଲି ପ୍ରକାଶ କରିଛନ୍ତି ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବଡ଼ଚଣା, ୭ ।୩(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ମିନି ଷ୍ଟାଡିୟମରେ ବଡ଼ଚଣା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଓ ପଲ୍ଲୀ ବିକାଶ ସହଯୋଗରେ ଆୟୋଜିତ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାକୁ ସୋଲର ସରପଞ୍ଚ ବିଜୟ ସ୍ୱାଇଁ ଉଦ୍‌ଘାଟନ କରି ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଏହି ପ୍ରତିଯୋଗିତା ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ଷ୍ଟାଡ଼ିୟମ ତତ୍ତ୍ୱାବଧାରକ ସମ୍ପାଦକ ଦିଲ୍ଲୀପ ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନାରାୟଣ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡା ଶିକ୍ଷାର ଏକ ଅଂଶ। କ୍ରୀଡାବିତ୍‌ଙ୍କ ଶାରିରୀକ, ମାନସିକ, ବୌଦ୍ଧିକ ବିକାଶ କରିବା ସହିତ କ୍ରୀଡାବିତ୍‌ଙ୍କ ମଧ୍ୟରେ ଶୃଙ୍ଖଳା, ଭାଇଚାରା ଓ ପ୍ରତିଯୋଗିତାର ମନୋବୃତ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ। ପ୍ରଥମ ଦିବସରେ ବାଳକଙ୍କ ମଧ୍ୟରେ ଫୁଟବଲ ଓ ଦୌଡକୁଦ, ବାଳିକାଙ୍କ ମଧ୍ୟରେ କବାଡି ଓ ବ୍ୟାଡମିଣ୍ଟନ୍ ଖେଳ ଅନୁଷ୍ଠିତ ହୋଇଥିଲା । ପଲ୍ଲୀ ବିକାଶ ସଭାପତି ସୁଶୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସହୀନଙ୍କୁ ଗୋପବନ୍ଧୁ କୁଟୀର ବଣ୍ଟନ




**ପ୍ରୀତିପୁର, ୭ ।୩(ସମିସ):** ଗୋପବନ୍ଧୁ କୁଟୀର ହିତାଧିକାରୀ ଦିବ୍ୟାତ୍ମା ଭାବେ ଶାନ୍ତି ଓ ଆନନ୍ଦରେ ଅବସ୍ଥାନ କରନ୍ତୁ ବୋଲି ବାସହୀନଙ୍କୁ ଗୋପବନ୍ଧୁ କୁଟୀର ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସମାଜ ଖବରକାଗଜର ପ୍ରକାଶକ ତଥା ସମାଜ ରିଲିଫ ପାଣ୍ଠିର ଅଧ୍ୟକ୍ଷ ସମାଜସେବୀ ଡ. ପ୍ରଭାସ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ବିଞ୍ଝାରପୁର ବ୍ଲକର ସିଂହପୁରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଉରକେଲାରେ ଅବସ୍ଥାନ କରୁଥିବା ସମାଜସେବୀ ଭାରତ ବାଇ ସଂଯୋଜନା କରିଥିଲେ। ସିଂହପୁରର ପୂର୍ବତନ ସରପଞ୍ଚ ସମାଜସେବୀ ନିରଞ୍ଜନ ବେଉରିଆ, ଆଳି ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲିକ, ସମାଜସେବୀ ଦଶରଥ ମଲିକ ଓ ମଞ୍ଜୁଲତା ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜସେବୀ ଭରତ ବାଇ ରାଉରକେଲାରେ ଏକ ଭଡ଼ା ଘରେ ଅବସ୍ଥାନ କରନ୍ତି । ନିଜର ଘର, ଗାଡି, ବ୍ୟାଙ୍କ ଜମା ବଢ଼ାଇବା ପରିବର୍ତ୍ତେ ସମାଜରେ ବାସହୀନ, ଅବହେଳିତ ମଣିଷଙ୍କ କଥା ଚିନ୍ତା କରନ୍ତି। କାହାଠାରୁ କୌଣସି ସହଯୋଗ ନ ନେଇ ନିଜ ସଞ୍ଚିତ ଅର୍ଥ ବିନିଯୋଗରେ ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ ଓ କେନ୍ଦ୍ରାପଡ଼ାର ଆଳି, ରାଜକନିକା ବ୍ଲକରେ ସେ ଚିହ୍ନଟ କରିଥିବା ବାସହୀନ ଅସହାୟଙ୍କ ମଧ୍ୟରୁ କେତେ ଜଣଙ୍କ ପାଇଁ ଘର ତିଆରି କରିଥିଲେ । ଯାହାର ଚାବି ଆଜି ଏହି ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯାଇଥିଲା। ଶ୍ରୀ ବାଇ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଏପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇ ଗରିବ ଅସହାୟ ଲୋକଙ୍କୁ ଘର ବଣ୍ଟନ କରିଛନ୍ତି । ଭରତ ବାଇଙ୍କ ଏ ପ୍ରକାର କାର୍ଯ୍ୟକୁ ମୁଖ୍ୟଅତିଥି ଶ୍ରୀ ଆଚାର୍ଯ୍ୟ ପ୍ରଶଂସା କରିଥିଲେ ।

## ବଦଳି ନିର୍ଦ୍ଦେଶର ଏକମାସ ପରେ ବି ଗାଦି ଛାଡୁନାହାନ୍ତି ବଡ଼ବାବୁ

**ବରୀ, ୭।୩(ସମିସ):** ବରୀ ବ୍ଲକର ମୁଖ୍ୟ କିରାଣି ସରୋଜ ମହାନ୍ତିଙ୍କୁ ମାସେ ପୂର୍ବରୁ ଅନ୍ୟତ୍ର ବଦଳି କରାଯାଇଥିଲେ ହେଁ ସେ ଗାଦି ମାଡ଼ି ବସିଛନ୍ତି। ସେ ୬ ବର୍ଷ ଧରି ଏହି ବ୍ଲକରେ କାର୍ଯ୍ୟରତ ରହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଘଟଣା ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହୋଇଥିଲା । ଜିଲ୍ଲାପାଳ ଏହାକୁ ଗୁରୁତ୍ୱ ଦେଇ ପତ୍ର ସଂଖ୍ୟା ୧୭୬୫, ୪।୨।୨୦୨୫ରେ ମୁଖ୍ୟ କିରାଣିଙ୍କୁ ଚଣ୍ଡିଖୋଲସ୍ଥ ପରିବହନ କାର୍ଯ୍ୟାଳୟରେ ୭।୨।୨୦୨୫ରେ କାର୍ଯ୍ୟରେ ଯୋଗ ଦେବାକୁ ଆଦେଶ ଦେଇଥିଲେ । ମାତ୍ର ସମ୍ପୃକ୍ତ କିରାଣି ବଦଳି ଆଦେଶକୁ ଅବମାନନା କରି ପରିବହନ କାର୍ଯ୍ୟାଳୟରେ ଯୋଗ ନ ଦେଇ ବରୀ ବ୍ଲକରେ କାର୍ଯ୍ୟରତ ଦର୍ଶାଇ ଚଳିତ ମାସର ଦରମା ମଧ୍ୟ ଉଠାଣ କରିଛନ୍ତି। ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରି କାହା ଚାପରେ ବରିଷ୍ଠ କିରାଣି ଜଣକ ବଦଳି ହେବା ସ୍ଥାନରେ ଯୋଗ ନ ଦେଇ ଅଦ୍ୟାବଧି ବରୀ ବ୍ଲକରେ କାର୍ଯ୍ୟରତ ଅଛନ୍ତି, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ ମହାନ୍ତିଙ୍କୁ ପଚାରିବାରୁ ମୁଖ୍ୟ କିରାଣିଙ୍କ ବଦଳରେ ଅନ୍ୟ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଇ ନ ଥିବାରୁ ଏଡିଏମଙ୍କ ସହିତ ଆଲେଚନା କରି ତାଙ୍କୁ ରିଲିଭ କରାଯାଇ ନ ଥିବା କହିଛନ୍ତି।

## ଭିସା ଷ୍ଟିଲ୍‌ରେ ବିପିଏନ୍‌ଏସ୍‌ଆଇର ଚାରିଦିନିଆ କର୍ମଶାଳା



**ଦାନଗଦି, ୭।୩(ସମିସ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଏହାର ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମର ଅଂଶ ଭାବେ ଚାରିଦିନିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜନ ଓ ପରିଚାଳନା କରିଛି । ଯାହା ଆଜି କଳିଙ୍ଗନଗର ଭିସା ଷ୍ଟିଲ୍ ଲିମିଟେଡ୍‌ରେ ସଫଳତାର ସହିତ ସମାପ୍ତ ହୋଇଛି । ପ୍ରଥମ ଅଧିବେଶନରେ ଡକ୍ଟର ସୀମାନ୍ତ ମହାନ୍ତି କର୍ପୋରେଟ୍ ବୃତ୍ତିଗତ ଭାବପ୍ରବଣ ବୁଦ୍ଧିମତ୍ତା ସହିତ ଆଗକୁ ବଢ଼ିବା ବିଷୟରେ ଏକ ବିସ୍ତୃତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନ ଅଧିବେଶନରେ, ସେ ଭିସା ଷ୍ଟିଲର ସମସ୍ତ ଅଂଶଗ୍ରହଣକାରୀଙ୍କୁ 'ଟ୍ରାଞ୍ଜାକ୍ସନାଲ୍ ଆନାଲିସିସ୍' ଉପରେ ପାଠପଢ଼ା କରିଥିଲେ। ଶେଷ ଅଧିବେଶନରେ, ଭିସା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ବିପିଏନଏସଆଇକୁ ଏହାର ଯୁବ ପ୍ରତିଭା ପାଇଁ ଏହି ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ପ୍ରଶଂସା କରିଥିଲେ । ସେ ଶିକ୍ଷଣ ଓ ବିକାଶ ପ୍ରକ୍ରିୟା ପ୍ରତି ଥିବା ଷ୍ଟିଲ୍‌ର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦୃଢ଼ କରିଥିଲେ। ଡକ୍ଟର ସୀମାନ୍ତ ମହାନ୍ତି ଭିସା ଷ୍ଟିଲ୍‌ରେ ଉତ୍କୃଷ୍ଟ ସୁବିଧା ଓ ଅତ୍ୟନ୍ତ ନିୟୋଜିତ ତାଲିମ ବିଷୟରେ କହିଥିଲେ। ଏଚ୍‌ଆର ଜିଏମ୍ ସନ୍ଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଭିସା ଷ୍ଟିଲରେ ଶିକ୍ଷା ଓ ବିକାଶ ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ। ଭିସା ଷ୍ଟିଲରୁ ମିସ୍ ପାୟଲ୍ ଶର୍ମା ଓ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନରୁ ସତ୍ୟପ୍ରିୟ ଶତପଥୀ, ଅଭୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗ୍ରିଲ୍ ତାଲା ଭାଙ୍ଗି ବାଇକ୍ ଚୋରି

**ଦାନଗଦି, ୭।୩(ସମିସ):** ଦାନଗଦି ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି । ଗତକାଲି ରାତିରେ ଦାନଗଦି ଗ୍ରାମରେ ଶକ୍ତିଶ୍ରୀ ମାଝୀଙ୍କ ଗେଟ ତାଲା ଭାଙ୍ଗି ଦୁର୍ବୃତ୍ତ ଏକ କେଟିଏମ ବାଇକ୍ ଲୁଟି ନେଇଛନ୍ତି । ରାତି ୩ଟାରେ ଶ୍ରୀ ମାଝୀ ପରିସ୍ରା ପାଇଁ ଉଠିଥିଲେ। ଗାଡ଼ି ନ ଥିବା ଦେଖି ଦାନଗଦି ଫାଣ୍ଡିକୁ ଫୋନ କରିଥିଲେ। ଦୁର୍ବୃତ୍ତମାନେ ଗାଡ଼ିକୁ ନେବା ପରେ ପାଖରେ ଥିବା ପ୍ରମୋଦ ରାୟଙ୍କ ଘର ଭିତରେ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ପାଟ୍ରୋଲିଙ୍ଗ ଗାଡ଼ି ପହଞ୍ଚି ଯିବାରୁ ସେମାନେ ପାଚେରି ଡେଇଁ ପଳାଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବିଂଝାରପୁର, ୭।୩(ସମିସ):** ବିଞ୍ଝାରପୁର ଥାନା ଅଧୀନସ୍ଥ ଅଙ୍ଗଲୋ କୂଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ଜେନା ଅବସର ଗ୍ରହଣ କରିଛନ୍ତି। ସହକାରୀ ଶିକ୍ଷକ ବିଶିକେଶନ ନାୟକଙ୍କ ଆୟୋଜନରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସୂତାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ଭିକାରୀ ଚରଣ କବି, ସମ୍ମାନିତ ଅତିଥି ଭାବେ ଏସଏମସିର ଅଧ୍ୟକ୍ଷା ସ୍ମୃତିରେଖା ମଲିକ, ସିଆରସିସି ଅଜୟ ଜେନା, ପୂର୍ବତନ ସିଆରସିସି ନିକୁଞ୍ଜ ବିହାରୀ ପାତ୍ର ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଜେନାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ ରଥ, ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ପ୍ରଧାନ, ସେକ ଜାକିର ହୋସେନ, କରୁଣାକର ସାମଲ, ପ୍ରିୟରଞ୍ଜନ ଧଳ, ତିମିର ସାମଲ, ଅଜୟ ଦାଶ, ସଞ୍ଜୟ ସାମଲ, ଦୀପକ ମଲିକ, ରୋଜିନା ପଣ୍ଡା, କମଳିନୀ ସାମଲ, ଲିଜାରାଣୀ ପାତ୍ର, ପତିତ ମଲିକ, ଲୀନାମୟୀ ସେଠୀ, ବିନୋଦିନୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ଅଜୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଥାଲକୁଡ଼ି ପଞ୍ଚାୟତରେ ଜଳସଙ୍କଟ

# ୯ ନଂ ୱାର୍ଡର ୧୨୦ ପରିବାର ପିଇବା ପାଣି ପାଇଁ ହନ୍ତସନ୍ତ

**କୟାଁଗୋଲା, ୭।୩ (ସମିସ)**



ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଛି। କରାଣ୍ଡିପୁର ପରେ ଥାଲକୁଡ଼ି ପଞ୍ଚାୟତ ଦକ୍ଷିଣବନ୍ଧ ୯ ନମ୍ବର ୱାର୍ଡର ୧୨୦ ଦଳିତ ପରିବାର ପାଣି ପାଇଁ କଲବଲ ହେଉଛନ୍ତି। ବସୁଧା ପ୍ରକଳ୍ପରୁ ପାଣି ତଳ ମୁଣ୍ଡକୁ ଆସୁନାହିଁ। ଷ୍ଟାଣ୍ଡ ପୋଷ୍ଟ, ଟ୍ୟାପ୍ ଅଛି; ମାତ୍ର ପାଣି ଆସୁନି। ଏହି ଗାଁର ଜେନା ସାହି, ମଲିକ ସାହି, ଦାସ ସାହି ଓ ହନୁମାନ ସାହିରେ ୪ଟି ନଳକୂପ ରହିଛି। ମଲିକ ସାହିରେ ଥିବା ଗଭୀର ନଳକୂପ ପ୍ରାୟ ୧୫ ଦିନ ହେଲା ଅଚଳ ହୋଇପଡ଼ିଛି। ଅନ୍ୟ ୩ଟି ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ନଳକୂପରୁ ନିର୍ଗତ ଜଳ ଲୁଣା, ହଳଦିଆ ରଙ୍ଗ ଓ ଲୌହ ଯୁକ୍ତ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହି ୱାର୍ଡର ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ସମସ୍ୟାର ସମାଧାନ କରାଯିବାକୁ ୱାର୍ଡବାସୀ ଦାବି କରିଛନ୍ତି।

ଗାଁଠାରୁ ପ୍ରାୟ ୮ ଶହ ମିଟର ଦୂରରେ ଥିବା ଘୋଡ଼ାଦଣ୍ଡା ପୋଖରୀ ଉପରେ ଗାଁ ଲୋକେ ଶୌଚ ଆଦି ପାଇଁ ନିର୍ଭର କରିଥା'ନ୍ତି। ତେବେ ପିଇବା ପାଣି ପାଇଁ ବସୁଧା ଯୋଜନାରେ ପାଣି ଟାଙ୍କି, ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ କରାଗଲା। ୨୦୧୦ରେ କାର୍ଯ୍ୟକାରୀ ହୋଇଥିବା ବସୁଧା ପ୍ରକଳ୍ପ ୭ ବର୍ଷ ହେଲା ଲୋକଙ୍କ କାମରେ ଲାଗୁନି। ଟ୍ୟାପ୍ ଲାଗିଛି ମାତ୍ର ପାଣି ଆସୁନି। ତଳ ମୁଣ୍ଡକୁ ପାଣି ଆସୁ ନ ଥିବା ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣନ୍ତି ନ ଥିବା ସୁରେନ୍ଦ୍ର ଦାସ, ବିଶ୍ୱନାଥ ଦାସ, ଗୋବିନ୍ଦ ଜେନା, ଶତ୍ରୁଘ୍ନ ଦାସ, ପ୍ରଭାତୀ ମଲ୍ଲିକ, ସୁନୀଲତା ମଲ୍ଲିକ, ଅନୀତାରାଣୀ ଦାସ, ଚୁମକି ଦାସ ପ୍ରମୁଖ କ୍ଷୋଭର ସହ ପ୍ରକାଶ କରିଛନ୍ତି। ନଳକୂପ ଓ ଷ୍ଟାଣ୍ଡ ପୋଷ୍ଟ ପାଖରେ ଲମ୍ବା ଧାଡ଼ି ଏଠାରେ ନିତିଦିନିଆ ଘଟଣା ପାଲଟିଛି। ୯ ନମ୍ବର ୱାର୍ଡ ସଭ୍ୟ ଅଶ୍ୱିନୀ ଦାସଙ୍କୁ ଜଳ ସମସ୍ୟା ନେଇ ପଚାରିବାରୁ ବର୍ଷ ବର୍ଷ ଧରି ଆମେ ଜଳ ଯାତନା ଭୋଗୁଛୁ। ବିଶୁଦ୍ଧ ପାନୀୟଜଳ ଅଭାବରୁ ଆମେ ଘୋଡ଼ାଦଣ୍ଡା ପୋଖରୀ ଜଳ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ପ୍ରଶାସନ ସବୁ ଜାଣି ହାତ ବାନ୍ଧି ବସିଛି। ଅତିକମ୍‌ରେ ଦୁଇଟି ନଳକୂପ ସ୍ଥାପନ କରାଗଲେ ଜଳକଷ୍ଟ ଲାଘବ ହୁଅନ୍ତା ବୋଲି କହିଛନ୍ତି। ନଳକୂପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଗାଁରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଦାବି କରାଯାଇଛି।

## ଖରସ୍ରୋତା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ



**ସିଂହପୁର, ୭।୩ (ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଛକଠାରୁ ବାଙ୍ଗର ସେତୁ ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାରେ ଖାଲ ଯୋଗୁଁ ଯାତାୟାତରେ ଲୋକେ ହୀନସ୍ତା ଭୋଗୁଛନ୍ତି। ଏହି ରାସ୍ତା ଦେଇ ଲୋକେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଯୋଗୁଁ ଚାରିଚକିଆ ଯାନ ଯିବା କଷ୍ଟକର ହୋଇପଡୁଛି। ତୁରନ୍ତ ରାସ୍ତା କାର୍ଯ୍ୟ କରି ଯାତାୟାତ ସମସ୍ୟା ଦୂର କରିବାକୁ ଜନସାଧାରଣରେ ଦାବି ହେଉଛି।

## ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟଣା / ମହଙ୍ଗା ପଡ଼ିଲା ୟୁ-ଟ୍ୟୁବ୍ ଜ୍ଞାନ

### ଭଉଣୀ ବାହାଘର ପାଇଁ ବାଣ ତିଆରି ବେଳେ ବିସ୍ଫୋରଣ

### କାରଖାନା ମାଲିକଙ୍କ ନାଁରେ ମାମଲା

ଯାଜପୁର, ୭।୩ (ସମିସ): ମହଙ୍ଗା ପଡ଼ିଲା ୟୁ-ଟ୍ୟୁବ୍ ଜ୍ଞାନ। ୟୁ-ଟ୍ୟୁବ୍‌ରୁ ଶିଖି ଭଉଣୀ ବାହାଘର ପାଇଁ ବାଣ ତିଆରି କରୁଥିବା ବେଳେ ବିସ୍ଫୋରଣ ହୋଇ ଜୀବନ ନେଇଗଲା। ଗତକାଲି ଯାଜପୁର ଥାନା ଜାଲପୁର ଗ୍ରାମରେ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟଣାରେ ଏପରି ସାଂଘାତିକ ତଥ୍ୟ ପଦାକୁ ଆସିଛି। ମୃତ ବାଦଲ ପାତ୍ର ପ୍ରତିଦିନ ସେଠାରେ ବାଣ ପ୍ରସ୍ତୁତିକୁ ଅନୁଧ୍ୟାନ କରୁଥିଲା। ଶୁକ୍ରବାର ତା' ଭଉଣୀ ବାହାଘର ଥିବାରୁ ଭଲ ତଥା ନୂଆଧରଣର ବାଣ ତିଆରି ପାଇଁ ସେ ୟୁ-ଟ୍ୟୁବ୍‌ର ସହାୟତା ନେଇଥିଲା। ସେହି ବାଣ ନିଜ ଭଉଣୀକୁ ଉପହାର ଦେବା ପାଇଁ ବାଦଲ ଚିନ୍ତା କରିଥିଲା। କିନ୍ତୁ ବାଣ ପ୍ରସ୍ତୁତ କରୁଥିବା ବେଳେ ଏଭଳି ବିସ୍ଫୋରଣ ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗତକାଲିର ଏହି ଅଘଟଣ ପରେ ବାଦଲ ଭଉଣୀର ବାହାଘର ମଧ୍ୟ ଅଟକି ଯାଇଛି।

ଅପରପକ୍ଷେ, ଏହି ଘଟଣାରେ ଆଜି ବାଦଲଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ୍ ଏହି ବେଆଇନ ବାଣ କାରଖାନା ମାଲିକ ବିଚିତ୍ରପୁର ପଞ୍ଚାୟତ ଜାଲପୁର ଗ୍ରାମର ନଳିନୀକାନ୍ତ ପତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ନଳିନୀ ଏବଂ ଅନ୍ୟ ଜଣେ ନାରଣ ବେହେରା ବିସ୍ଫୋରଣରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଯାଜପୁର ଟାଉନ୍ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବାଦଲ ଦୀର୍ଘ ଦିନ ଧରି ନଳିନୀଙ୍କ ଇଲେକ୍ଟ୍ରି ଦୋକାନରେ ମିସ୍ତ୍ରି ଭାବେ କାମ କରୁଥିଲେ।

## ସପ୍ତାହେ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି

ପୁରୀ, ୭।୩ (ସମିସ): ଚାଲିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି। ହେଲେ ବିଭିନ୍ନ ପର୍ବପର୍ବାଣୀ ଏବଂ ଭିଡ଼ ଦିନରେ କାମ ବନ୍ଦ ରଖାଯାଉଛି। ଫଳରେ ମାର୍ଚ୍ଚ ସୁଦ୍ଧା ମରାମତି କାମ ଶେଷ ହେବ ବୋଲି ଯେଉଁ ସମୟ ଧାର୍ଯ୍ୟ କରାଯାଇଥିଲା, ତାହା ସମ୍ଭବ ହେବ ନାହିଁ। ଏବେ ପୁଣି ସପ୍ତାହେ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଆଗାମୀ ଦୋଳଯାତ୍ରା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ସମ୍ପାଦନ ହେବ। ଏହାକୁ ଦୃଷ୍ଟିରେ ରଖି ଛତିଶା ନିଯୋଗର ପରାମର୍ଶକ୍ରମେ ଫଗୁ ଦଶମୀଠାରୁ ହୋଲି ଉତ୍ସବ ଯାଏଁ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ଅର୍ଥାତ୍ ଆସନ୍ତା ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ରତ୍ନଭଣ୍ଡାର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ବନ୍ଦ ରହିବ। ଏହାପରେ ପୁନଶ୍ଚ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ମରାମତି କାମ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଏସ୍‌ଟି ଫାଙ୍କି ଆଲମିରା ଚାଲାଣ ବେଳେ ଚଢ଼ଉ

ବଲାଙ୍ଗିର, ୭।୩ (ସମିସ): ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ ବଲାଙ୍ଗିର ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ଏକ ଆଲମିରା ଭର୍ତ୍ତି ଗାଡ଼ିକୁ ଅଟକ ରଖିଛି। ଗୁରୁବାର ସଂଧ୍ୟାରେ ବରଗଡ଼ରୁ ଗାଡ଼ିଟି ବଲାଙ୍ଗିର ଦେଇ ପାରଳାଖେମୁଣ୍ଡି ଯାଉଥିବା ବେଳେ ବଲାଙ୍ଗିର ଜିଏସ୍‌ଟି ବିଭାଗ ଗାଡ଼ିକୁ ଅଟକାଇ ଛାନଭିନ୍ କରିଥିଲେ। ନକଲି ୱେବିଲ୍‌ରେ ଆଲମିରା ଚାଲାଣ ହେଉଥିବା ଜଣାପଡ଼ିବା ପରେ ଗାଡ଼ିକୁ ଜବତ କରାଯାଇଥିଲା।।


**NOTICE**

By virtue of an affidavit sworn before Executive Magistrate, Banarpal, dated 07/03/2025, I, Gayatri Garnayak, Address - At/PO- Nuahata, PS-Banarpal, Dist.-Angul, Odisha- 759132 declare that I have changed my name from Gayatri Dalabehera to Gayatri Garnayak. Henceforth, I shall be known as **Gayatri Garnayak** for all purposes.

**Sd/- Gayatri Garnayak**

**AFFIDAVIT**

I, G Srinivasa Rao, S/o Gorila Applaswami, resident of P. R. Peta 2nd Lane, Jeypore, Dist: Koraput, Odisha -764003 declare by this Affidavit No.1075, Dated - 07/03/2025, that now onwards I shall be known as **GORILA SRINIVAS RAO** for all future purposes.

**AFFIDAVIT**

I, G Madhavi, W/o- Gorila Srinivas Rao, resident of P.R. Peta 2nd Lane, Jeypore, Dist- Koraput, Odisha -764003 declare by this Affidavit No.1076, Dated - 07/03/2025, that now onwards I shall be known as **GORILA MADHAVI** for all future purposes.

**AFFIDAVIT**

I, Kamal Poddar, S/o- Sajjan Poddar, resident of At- Plot No- N3/443, 4th Floor, Near SBI VIP Colony branch, IRC Village, P.S- Nayapalli, Bhubaneswar, Pin-751015, Dist- Khurda, Odisha. Declare by this affidavit C.F No- 74, dtd- 06/03/2025, in the court of Executive Magistrate, Bhubaneswar, that now onwards I shall be known as **Kamal Agarwala** for all future purposes.

**AFFIDAVIT**

I, **Bishnu Charan Pati,** S/o.: Madhab Chandra Pati, Resident of Vill/At/PO.: Sanahantuad, P.S.: Banpur, Dist.: Khurda, PIN - 752031, Odisha, declare by this affidavit No.: 7243, dated- 06/03/2025, that now onwards I shall be known as **BISHNU PATI** for all future purposes.




### ବିଜୁଙ୍କୁ ଅସମ୍ମାନ...

ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇ ସରକାରଙ୍କ ସ୍ୱେଚ୍ଛାଚାରୀ ନିଷ୍ପତ୍ତିର ପ୍ରତିବାଦ କରିଥିଲେ। ଅନୁରୂପ ଭାବରେ କଂଗ୍ରେସ ବିଧାୟକମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଦିନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଅଧିକ ଆକ୍ରମଣାତ୍ମକ ଢଙ୍ଗରେ ନଜର ଆସିଥିଲେ। ବିଜେଡି ବିଧାୟକମାନେ ଗୃହରେ ପ୍ରବଳ ନାରାବାଜି କରି ଗୃହ କମ୍ପାଇଥିବା ବେଳେ କଂଗ୍ରେସ ମଧ୍ୟ ନିଜର ପ୍ରତିବାଦ ଜାରି ରଖିଥିଲା। ଫଳରେ ମାତ୍ର ୧୪ ମିନିଟ ମଧ୍ୟରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ବିଜେଡି ପୁଣି ଆକ୍ରମଣାତ୍ମକ ଢ଼ଙ୍ଗରେ ସରକାରଙ୍କୁ ନିଶାଣ କରିଥିଲା ଓ ଦଳର ବିଧାୟକମାନେ କକ୍ଷତ୍ୟାଗ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟପାଳଙ୍କୁ ଭେଟି ପ୍ରତିବାଦ ପତ୍ର ପ୍ରଦାନ କରିଛନ୍ତି। ସେହିପରି କଂଗ୍ରେସ ଗୃହ ମୁଲତବୀ ହେବା ଯାଏଁ ଗୃହ ଭିତରେ ନାରାବାଜି, ହଟ୍ଟଗୋଳ ଜାରି ରଖିଥିଲା। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଗୃହରେ ବିଭିନ୍ନ ବିଭାଗୀୟ ସ୍ଥାୟୀ କମିଟିର ରିପୋର୍ଟ ଉପସ୍ଥାପିତ ହୋଇଥିଲା।

ଗୃହ ବାହାରେ ବିଜେଡି ବିଧାୟକମାନେ କହିଛନ୍ତି ଯେ ଓଡ଼ିଶା ଗଠନରେ ବିଜୁ ପଟ୍ଟନାୟକଙ୍କ ଭୂମିକା କେହି ଅଗ୍ରାହ୍ୟ କରିପାରିବେ ନାହିଁ। ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୯୧ ମସିହାରେ ଓଡ଼ିଶା ବିଧାନସଭାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ସହ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ କରାଯାଇଥିଲା। ଏହି ଐତିହାସିକ ନିଷ୍ପତ୍ତି ନେବାରେ ଓଡ଼ିଶା ପ୍ରଥମ ରାଜ୍ୟ ଥିଲା। ପଞ୍ଚାୟତର ସଂଶୋଧନ ସୁଦୃଢ଼ୀକରଣ ବିଜୁ ବାବୁ କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁଁ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଭାରତରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ହୋଇପାରିଥିଲା। ଏହାପରେ ୧୯୯୩ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବିଜୁ ବାବୁଙ୍କ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ମାନ୍ୟତା ଦେଇଥିଲା। ୧୯୯୩ ମସିହାରୁ ରାଜ୍ୟରେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଛି। କେନ୍ଦ୍ର ସରକାର ୨୦୧୦ ମସିହା ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ଘୋଷଣା କରିଥିଲେ। ଏପରିକି ଆମ ସହ ମିଳିତ ସରକାରରେ ଆଜି କିଛି ମନ୍ତ୍ରୀ ମଧ୍ୟ ସାମିଲ ଥିଲେ। ମାତ୍ର କଣ ଷଡଯନ୍ତ୍ର ହେଲା ରାତି ଅଧିଆ ପଞ୍ଚାୟତିରାଜ ପରିବର୍ତ୍ତନ କଲେ । ପ୍ରତିହିଂସା ପରାୟଣ ରାଜନୀତି ପୂର୍ବରୁ କେବେ ଓଡ଼ିଶାରେ ଦେଖିନି । ଅତ୍ୟନ୍ତ ହୀନମନ୍ୟତାର ପରିଚୟ ଦେଇ ରାଜ୍ୟ ସରକାର ରାତି ଅଧିଆ କ୍ୟାଲେଣ୍ଡର ବଦଳେଇ ଦେଲେ। ଏନେଇ ସରକାର ପ୍ରାୟଶ୍ଚିତ କରିବା ଦରକାର ବୋଲି ବିଜେଡି ବିଧାୟକ ଦାବି କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକମାନେ କହିଛନ୍ତି ଯେ ୯ ମାସର ସରକାରରେ ରାଜ୍ୟରେ ନାରୀ ଅସୁରକ୍ଷିତ ଅଛନ୍ତି। ରାଜ୍ୟରେ ୩୬ ହଜାରରୁ ଅଧିକ ମହିଳା ନିଖୋଜ ଅଛନ୍ତି । ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେଉଛି । ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ବଢ଼ୁଛି। ନାରୀ ସୁରକ୍ଷା ପାଇଁ ସରକାରର କୌଣସି ଯୋଜନା ନାହିଁ କି ଆଇନ ନାହିଁ । ସରକାର ମହିଳା କି ଶିଶୁଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ବୋଲି କଂଗ୍ରେସ ବିଧାୟକମାନେ ଅଭିଯୋଗ କରିଛନ୍ତି।

### ଓଡ଼ିଶା ସମେତ...

ବାନାର୍ଜୀ, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରିବାକୁ ଆହ୍ୱାନ ଦେଇଛନ୍ତି। ଷ୍ଟାଲିନ ଏହାକୁ ଅନୁଚିତ ପଦକ୍ଷେପ କହିଛନ୍ତି। ଏହା ସହିତ ଓଡ଼ିଶା ବିଜେଡି, ବିଜେପି ଏବଂ କଂଗ୍ରେସ ସମେତ ସବୁ ରାଜ୍ୟର ବିରୋଧୀ ଏବଂ ଶାସକ ଦଳଗୁଡ଼ିକର ବରିଷ୍ଠ ନେତାଙ୍କୁ ଚିଠି ଲେଖି ଚେନ୍ନଇରେ ୨୨ ତାରିଖରେ ହେବାକୁ ଥିବା ଯୁଗ୍ମ ଆକ୍ସନ କମିଟି (ଜେଏସି)ର ପ୍ରଥମ ବୈଠକରେ ଯୋଗଦେବା ପାଇଁ କିମ୍ବା ପ୍ରତିନିଧିଙ୍କୁ ପଠାଇବାକୁ ନିବେଦନ କରିଛନ୍ତି। ଏହି ବୈଠକରେ ସାମିଲ ହୋଇ ମିଳିତ ରଣନୀତି ପ୍ରସ୍ତୁତ କରିବାକୁ କହିଛନ୍ତି।

ଷ୍ଟାଲିନ କହିଛନ୍ତି ଯେ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ସଂଘୀୟ ବ୍ୟବସ୍ଥା ଉପରେ ବଡ଼ ଆକ୍ରମଣ ସହ ସମାନ। ଏହା ମାଧ୍ୟମରେ ରାଜ୍ୟଗୁଡ଼ିକୁ ଦଣ୍ଡଦେବାକୁ ବ୍ୟବସ୍ଥା କରାଯାଉଛି। ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେଉଥିବା ରାଜ୍ୟର ପ୍ରତିନିଧିତ୍ୱକୁ ସଂସଦରେ ହ୍ରାସ କରିବାକୁ ଯୋଜନା କରାଯାଉଛି। ଏହା ଅନ୍ୟାୟ। ଏଭଳି ଅଗଣତାନ୍ତ୍ରିକ ପ୍ରକ୍ରିୟାକୁ କଦାପି ସ୍ୱୀକାର କରାଯିବ ନାହିଁ । ଏହା ପୂର୍ବରୁ ଷ୍ଟାଲିନ ଗତ ୫ ତାରିଖରେ ସୀମା ନିର୍ଦ୍ଧାରଣ ଏବଂ ତ୍ରିଭାଷୀୟ ନୀତିକୁ ବିରୋଧ କରି ସର୍ବଦଳୀୟ ବୈଠକ କରିଥିଲେ। ଏହି ବୈଠକରେ ଜେଏସି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ ଶେଷ କରିବା ପାଇଁ ଏହି କମିଟି କାର୍ଯ୍ୟ କରିବ।

### ସୁରକ୍ଷା ଖୋଜୁଛି...

ନିର୍ବାଚନମଣ୍ଡଳୀରେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ଭିଡିଓ ସାରା ଦେଶରେ ଭାଇରାଲ ହୋଇଛି।ସେହି ଜିଲ୍ଲାରେ ଜଣେ ୧୦ ବର୍ଷିୟ ଝିଅକୁ ଧର୍ଷଣ ପରେ ହତ୍ୟା କରାଯାଇଛି। ଢ଼େଙ୍କାନାଳ ଜିଲ୍ଲାରେ ଜଣେ ବିବାହିତା ମହିଳାଙ୍କୁ ଓ ବଲାଙ୍ଗିର ଜିଲ୍ଲାର ଖଇରାପଲ୍ଲୀରେ ଜଣେ ମହିଳାଙ୍କୁ ଗଣଧର୍ଷଣ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଭଦ୍ରକ ଜିଲ୍ଲା ବେତଡ଼ାରେ ମହିଳାଙ୍କୁ ଗଣଧର୍ଷଣ କରାଯିବା ସହ ତାଙ୍କ ୭ ବର୍ଷ ଝିଅକୁ ଅପରାଧୀମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏହି ଅପରାଧରେ ବିଜେପି ମଣ୍ଡଳ ସଭାପତି ଓ ତାଙ୍କର ଦୁଇ ସହଯୋଗୀ ସାମିଲ ଥିବା ଅଭିଯୋଗ ହୋଇଛି। ନଭେମ୍ବର ୬ ତାରିଖରେ ବଲାଙ୍ଗିରରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ପରେ ତାଙ୍କୁ ବିଷ୍ଟା ଖୁଆଯାଇଛି ଓ ଅନୁଗୁଳ ଜିଲ୍ଲାର ପାଲଲହଡ଼ାରେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏହାସହିତ ଲକ୍ଷ୍ମୀପୁରରେ ଆଦିବାସୀ ନାବାଳିକା, ରାଉରକେଲାରେ ମହିଳାଙ୍କୁ ଦୀର୍ଘଦିନ ଧରି ଗଣବଳାତ୍କାର , ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ଗାଁରେ ନାବାଳିକାକୁ ବଳାତ୍କାର, କଟକ ଜିଲ୍ଲାର ଇଟାଭାଟିରେ ନାବାଳିକାଙ୍କୁ ଗଣବଳାତ୍କାର, ପିପିଲିରେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ରାଜ୍ୟର ଆଇନ୍ ଶୃଙ୍ଖଳା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୮ ମାସ ଭିତରେ ୫୪ଟି ଧର୍ଷଣ, ହତ୍ୟା ମାମଲା ରୁଜୁ ହୋଇଛି।

ଯାଜପୁର ଓ ମାଲକାନଗିରି ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରୀ ସନ୍ତାନ ପ୍ରସବ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ମଧ୍ୟ ଏଥିରୁ ବାଦ୍ ପଡି ନାହିଁ। ଚମ୍ପୁଆରେ ଜଣେ ୬ଷ୍ଠ ଶ୍ରେଣୀର କନ୍ୟାଶ୍ରମ ଛାତ୍ରୀ ଓ ତେଲକୋଇର ଆଶ୍ରମ ବିଦ୍ୟାଳୟରେ ୯ମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହୋଇଛନ୍ତି। କିଛି ଦିନ ପୂର୍ବେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ କଲେଜରେ ଜଣେ ଯୁକ୍ତ ୨ ଛାତ୍ରୀ ଶିକ୍ଷକଙ୍କ ଅସଦାଚରଣରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି ଅନେକ ଘଟଣାର ଉଦାହରଣ ଅଛି ଯେଉଁଠାରେ ଅତି ଜଘନ୍ୟ ଅପରାଧ ମାମଲା ଥାନାରେ ରୁଜୁ ହୋଇନାହିଁ। ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାରେ ମହିଳାମାନଙ୍କୁ ୫ ହଜାର ଟଙ୍କା ବାଣ୍ଟି ଆତ୍ମତୃପ୍ତି ଲାଭ କରୁଛନ୍ତି । ଦଳର ନେତାମାନେ 'ସୁଭଦ୍ରା' ଯୋଜନା ସହାୟତାକୁ ଗେମ୍ ଚେଞ୍ଜର ବୋଲି ବାହୁନୁଛନ୍ତି । ମାତ୍ର ରାଜ୍ୟର କୋଣ ଅନୁକୋଣରେ ନିର୍ଯାତିତା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ମହିଳାମାନଙ୍କୁ ନ୍ୟାୟ ଦେବାକୁ ସରକାର କେତେ ତତ୍ପର ତାହା ରାଜ୍ୟର ଅପରାଧ ସୂଚୀ ବର୍ଣ୍ଣନା କରିଛି ।

### ଥାନାରେ ଥାର୍ଡ ଡିଗ୍ରୀ...

ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୋଜି ଆଣି ପୁଲିସ୍ ଜିମା ଦେବାକୁ ତାଗିଦ୍ କରିଥିଲେ। ହେଲେ ହତ୍ୟାକାଣ୍ଡକୁ ଏକମାସ ବିତିଯାଇଥିଲେ ସୁଦ୍ଧା କାହାରିକୁ ପୁଲିସ୍ ଗିରଫ କରିବାରେ ସଫଳ ହୋଇନଥିଲା। ତେବେ ବୁଧବାର ପୁଲିସ୍ ତାଙ୍କୁ ପୁଣିଥରେ ଉଠାଇ ଥାନା ଭିତରେ ଥାର୍ଡ ଡିଗ୍ରୀ ଦେଇଥିଲା ବୋଲି ସୁଦାମ ଅଭିଯୋଗ କରିଛନ୍ତି। ତେବେ ଏ ସଂପର୍କରେ ଥାନା ଅଧିକାରୀଙ୍କ ମତାମତ ମିଳିପାରି ନଥିବା ବେଳେ ଉଦଳା ଏସ୍‌ଡିପିଓ ହୃଷୀକେଶ ନାଏକ କହିଛନ୍ତି ଯେ ଏ ସଂପର୍କିତ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ।

### ଅନ୍ୟ ରାଜ୍ୟରେ...

ସରକାର ମାସିକ ୨୫୦୦ ଟଙ୍କା ପ୍ରଦାନ କରିବାକୁ ଯାଉଛନ୍ତି। ସେହିପରି ହରିୟାଣାରେ ସ୍ଥାନୀୟ ବିଜେପି ସରକାର ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ମହାରାଷ୍ଟ୍ରରେ ୧୫୦୦ ଓ ମଧ୍ୟ ପ୍ରଦେଶରେ ୧୨୫୦ ଟଙ୍କା ପ୍ରଦାନ କରୁଛି। ଏପରିକି କର୍ଣ୍ଣାଟକରେ ସ୍ଥାନୀୟ ସରକାର ମଧ୍ୟ ମହିଳାଙ୍କୁ ମାସିକ ୨୦୦୦ ଟଙ୍କା ପ୍ରଦାନ କରୁଛନ୍ତି। ମାତ୍ର ଓଡ଼ିଶାର ଚିତ୍ର ସାମ୍ନାକୁ ଆସିଲେ ଏକ ବଡ଼ ବିସଙ୍ଗତି ସାମ୍ନାକୁ ଆପଣା ଛାଏଁ ଆସିଯାଉଛି। ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ଗଢ଼ିବାର ଲକ୍ଷ୍ୟ ରଖିଥିବା ବିଜେପି ସରକାର ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାର କଥା କହୁଛନ୍ତି। ଏଥିପାଇଁ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଥିବା ବେଳେ ଏଥିରେ ମହିଳାଙ୍କୁ ଆର୍ଥିକ ସହାୟତାର କଥାକୁ ବାରମ୍ବାର ଦୋହରା ଯାଉଛି। ମାତ୍ର ଉଦ୍ୟୋଗୀ ସୃଷ୍ଟି ନାମରେ ଯେଉଁ ମାସିକ ସହାୟତା ରାଶି ପ୍ରଦାନ କରାଯାଉଛି, ତାହା କେବଳ ମହିଳାଙ୍କ ପ୍ରତି ଉପହାସ ଛଡ଼ା ଆଉ କିଛି ନୁହଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରାଜ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଆକାଶଛୁଆଁ ରହିଛି। ଏପରି ମହଙ୍ଗା ଯୁଗରେ ରାଜ୍ୟ ସରକାରଙ୍କ ମହିଳାଙ୍କୁ ସଶକ୍ତ, ଆତ୍ମନିର୍ଭର ତଥା ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ମାସିକ ମାତ୍ର ୮୩୩ ଟଙ୍କାରେ ମହିଳାମନେ କିପରି ଆତ୍ମନିର୍ଭର ହୋଇପାରିବେ, ସେନେଇ ସରକାର ବାଟ ଦେଖାନ୍ତୁ ବୋଲି ଏବେ ମହିଳାମାନେ କହିଲେଣି। ଅପରପକ୍ଷେ ଅନ୍ୟ ବିଜେପି ଶାସିତ ରାଜ୍ୟ ଯଦି ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦେଉଛନ୍ତି, ତାହେଲେ ବିଜେପି ଆମ ପ୍ରତି କାହିଁକି ବାଛ ବିଚାର କରୁଛି ବୋଲି ମହିଳାମାନେ ପ୍ରଶ୍ନ କରୁଛନ୍ତି। ଯଦି ରାଜ୍ୟ ସରକାରଙ୍କ ମହିଳାଙ୍କ ପ୍ରକୃତ ଉତ୍ଥାନ ଚାହୁଁଛନ୍ତି, ତାହେଲେ ଯୋଜନା ଅଧିନରେ ସହାୟତା ରାଶିକୁ ଅତିକମରେ ୩ ଗୁଣା ବୃଦ୍ଧି କରନ୍ତୁ। ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ପୂର୍ବ ସରକାରଙ୍କ ପରି ସୁଯୋଗ ଏବଂ ଅନୁକୂଳ ପରିବେଶ ସୃଷ୍ଟି କରନ୍ତୁ। ନହେଲେ ସୁଭଦ୍ରା ଯୋଜନାର ପ୍ରକୃତ ଉଦ୍ଦେଶ୍ୟ କେବଳ ସ୍ଲୋଗାନ ଏବଂ କାଗଜ କଲମରେ ସୀମିତ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ସପ୍ତାହକ ଭିତରେ...

ହୋଇଥାଏ। ଗତ ବର୍ଷ ମଧ୍ୟ ଏପ୍ରିଲ୍‌ରେ ହିଁ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହି ସ୍ଥିତି ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ଆରମ୍ଭ ଆକଳନ ଚିନ୍ତା ବଢ଼ାଇ ଦେଇଛି। ଚଳିତ ବର୍ଷ ରାଜ୍ୟରେ ପ୍ରବଳ ଖରା ଅନୁଭୂତ ହେବ ବୋଲି ପୂର୍ବରୁ ଆଇଏମ୍‌ଡି ପକ୍ଷରୁ ଆକଳନ କରାଯାଇଛି। ଏହାସହିତ ସ୍ୱାଭାବିକ ତୁଳନାରେ ଅଧିକାଂଶ ସମୟରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ଯୋଗୁଁ ଏଥିର ଗ୍ରୀଷ୍ମ ଲହରୀ ଦିନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି ବିଭାଗ କହି ସାରିଛି। ଏହାସହିତ ମାର୍ଚ୍ଚ ମାସରୁ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହେବାକୁ ପରିସ୍ଥିତି ଅନୁକୂଳ ହେବ। ଯଦିଓ ରାଜ୍ୟରେ ମାର୍ଚ୍ଚ ମାସରେ କିଛି କିଛି ସ୍ଥାନରେ ବର୍ଷା ନେଇ ପୂର୍ବାନୁମାନ କରାଯାଉଛି, ମାତ୍ର ଏହା ଖରାକୁ ନିୟନ୍ତ୍ରଣ କରିବାରେ କେତେ ସକ୍ଷମ ହେବ ତାହା ଆକଳନ କରାଯାଇ ପାରୁନାହିଁ।

ଆଇଏମ୍‌ଡିର ମାନଦଣ୍ଡ ଅନୁଯାୟୀ ସାଧାରଣ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସହ ପାହାଡ଼ିଆ ଅଞ୍ଚଳରେ ତାପମାତ୍ରା ୩୦ ଡିଗ୍ରୀ ଅତିକ୍ରମ ସହ ସ୍ୱାଭାବିକଠାରୁ ତାପମାତ୍ରା ୪.୫ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହିଥିଲେ ଏହାକୁ ହିଟ୍ ୱେଭ୍ ଭାବେ ଗଣନା କରାଯାଏ। ଏହା ବ୍ୟତୀତ କୌଣସି ଏକ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କଲେ ଏହାକୁ ମଧ୍ୟ ହିଟ୍‌ୱେଭ୍ ବୋଲି ବିବେଚନା କରାଯାଇଥାଏ। ଦୁଇ ଦିନ ଧରି ଏହି ସ୍ଥିତି ସୃଷ୍ଟି ହେଲେ ଏହାକୁ ଗ୍ରୀଷ୍ମ ଲହରୀରେ ତାଲିକାଭୁକ୍ତ କରାଯିବାର ବ୍ୟବସ୍ଥା ରହିଛି। ସାଧାରଣ ଭାବେ କୌଣସି ଗୋଟିଏ ବର୍ଷରେ ୧୧ ଦିନ ହିଟ୍ ୱେଭ୍ ହେଲେ ଏହାକୁ ସ୍ୱାଭାବିକ କୁହାଯାଇଥାଏ। ମାତ୍ର ଗତ ବର୍ଷ କେବଳ ଏପ୍ରିଲ ମାସରେ ଓଡ଼ିଶାରେ ଲଗାତାର ୧୯ ଦିନ ଧରି ହିଟ୍‌ୱେଭ୍ ସ୍ଥିତି ଜାରି ରହିଥିଲା, ଚଳିତ ବର୍ଷ ଏହା ଆହୁରି ଅଧିକ ହୋଇପାରେ ବୋଲି କୁହାଯାଉଛି ।

### ସ୍ନାତକ ଫଳ...

ଆରମ୍ଭ ହେବ। ଯେଉଁ ଛାତ୍ରଛାତ୍ରୀମାନେ ସ୍ନାତକରେ ପାସ୍ କରି ପାରିବେ ନାହିଁ ସେମାନଙ୍କ ନାମଲେଖାକୁ ବାତିଲ କରାଯିବ। ଏହାସହ ସେମାନଙ୍କ ଶତ ପ୍ରତିଶତ ନାମଲେଖା ଫି' ଫେରସ୍ତ କରାଯିବ। ଫଳରେ ଠିକ୍ ସମୟରେ ପାଠ୍ୟକ୍ରମ ସରିବ ଓ ଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ବାହାର କରାଯିବ। ଯାହାଦ୍ୱାରା ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

### ବିଜୁବାବୁଙ୍କ ଭଳି...

ବ୍ୟକ୍ତିତ୍ୱଙ୍କ ପ୍ରତି ଏହା ଥିଲା ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ପ୍ରଦର୍ଶନ; କିନ୍ତୁ ରାଜ୍ୟ ସରକାର ଉଦ୍ଦେଶ୍ୟମୂଳକ ଭାବେ ବିଜୁ ବାବୁଙ୍କ ଇତିହାସକୁ ଲୋପ କରିଦେବା ପାଇଁ ହୀନ ଚକ୍ରାନ୍ତ ରଚିଛନ୍ତି। ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ କରିବା ରାଜ୍ୟ ସରକାରଙ୍କ ହୀନାମାନ୍ୟତାକୁ ଦର୍ଶାଉଛି ବୋଲି ବିଜେଡି ରାଜ୍ୟପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଜଣାଇବା ସହିତ ଏହି ନିଷ୍ପତ୍ତି ପରିବର୍ତ୍ତନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ନିବେଦନ କରିଛି।

### ରୋଗଣା ହୋଇଗଲାଣି...

ଋଣ ପାଇଁ ପ୍ରସ୍ତାବ ଦିଆଯାଇଛି। ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡିଶା ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ଦେଶର ପ୍ରଥମ ସ୍ଥାନ ହାସଲ କରିଥିଲା। ୨୦୨୦ ରୁ ୨୦୨୪ ମସିହା ମଧ୍ୟରେ ଓଡିଶା ଆର୍ଥିକ ସଂସ୍କାର ଆଣିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୦୦ ମସିହା ବେଳକୁ ଓଡ଼ିଶାର ଋଣ ଓ ଜିଏସଡିପି ଅନୁପାତ ସର୍ବାଧିକସ୍ତରରେ ଥିବା ବେଳେ ୨୦୨୪ ବେଳକୁ ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ସର୍ବନିମ୍ନ ସ୍ତରକୁ ଖସି ଆସିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତମ ଅର୍ଥନୀତି ପରିଚାଳନା ଯୋଗୁ ଓଡିଶା ଏହି ଉପଲବ୍ଧ ହାସଲ କରିପାରିଥିଲା। ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ସରକାର ବଦଳିବା ପରେ ରାଜ୍ୟର ବଳିଷ୍ଠ ଅର୍ଥନୀତିର ଚିତ୍ର ମଧ୍ୟ ବଦଳି ଯାଇଛି ବୋଲି ସାଂସଦ ଡ଼ ପାତ୍ର କହିଛନ୍ତି ।


**ପୂର୍ବ ତଟ ରେଳପଥ**

ନଂ. SDCM/KUR/E-Auction/NFR/Press Clippings/MAR/2024-25, ତାରିଖ: 04.03.2025

ଆସେଟ୍ ବିବରଣୀ : ଭୁବନେଶ୍ୱରରେ ମୁଖ୍ୟ ରୋଡ଼ ଓଭର ବ୍ରିଜ୍ ସ୍ଥାନଗୁଡ଼ିକ ନିକଟରେ ରେଲୱେ ଜମି ଉପରେ 32 ସଂଖ୍ୟକ ହୋର୍ଡିଙ୍ଗ୍ ମାଧ୍ୟମରେ ବିଜ୍ଞାପନ ଅଧିକାର ।

ନିଲାମ ତାରିଖ ଓ ସମୟ : ତା.19.03.2025ରିଖ 1100 ଘଣ୍ଟିକାରୁ 1130 ଘଣ୍ଟିକା ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1057/P/24-25

**NOTICE**

By virtue of an Affidavit sworn before the Executive Magistrate, Tangi, Dist: Khordha No: 347 on dated 07.03.2025, I Jagajivan Moharathi S/o Sarbeswar Moharathi Address At- Adiapada, Po- Kunjuri, PS- Tangi, Dist- Khordha, Odisha have changed my name from Jagatjiban Maharathy S/o Sarbeswar Maharathy to Jagajivan Moharathi S/o Sarbeswar Moharathi. Jagatjiban Maharathy S/o Sarbeswar Maharathy and Jagajivan Moharathi S/o Sarbeswar Moharathi both names are related to one man and same person. Henceforth, I shall be known as **JAGAJIVAN MOHARATHI S/o Sarbeswar Moharathi** for all future purposes.

**NOTICE**

By virtue of an Affidavit sworn before the Executive Magistrate, Delanga, Dist: Puri No: 480 on dated 07.03.2025, I Reeta Rani Mishra W/o No JC 726035 A, Rank, Ex. NAIB SUBDAR, Name. Niranjan Mishra Address At- Satyabhama Patapur, Po- Bada Gualipada, PS- Delanga, Dist- Puri, Odisha have changed my name from Reeta Rani to Reeta Rani Mishra. Henceforth, I shall be known as **REETA RANI MISHRA, W/O NIRANJAN MISHRA (JC 726035 A, RANK EX NAIB SUBDAR)** for all future purposes.

**AFFIDAVIT**

I Subhalaxmi Sahoo, W/o- Umakanta Sahoo, resident of Shanti Nagar Pada, PO/PS- Bhawanipatna, Dist- Kalahandi, Pin-766001, Odisha declare by this affidavit Sl No. 36, dtd- 05/03/2025, that now onwards I shall be known as **Subhalaxmi Sahu** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dtd. 04/03/2025. I, **Pradosha Kumar Swain,** S/o- Pramoda Kumar Swain, resident of At/Po- Rajas, PS- Balipatana, Dist- Khordha, Odisha, Pin- 752114 declare that my actual correct name is **Pradosha Kumar Swain,** S/o- Pramoda Kumar Swain & date of birth is **05/05/1997** in my all certificates. But in Aadhar Card my name has been wrongly mentioned as **Pradosh Kumar Swain,** date of birth is **11/04/1996** & hasn't mentioned my father's name. Henceforth I shall be known as **Pradosha Kumar Swain,** S/o- Pramoda Kumar Swain for all purposes.

**Sd/- Pradosha Kumar Swain**

**AFFIDAVIT**

By an affidavit CF No.44/ Dtd.06.03.2025 sworn before Executive Magistrate, Bhubaneswar I, Lulu Bhujabala, S/o- Fakir Bhujabala, R/o Vill./PO-Chandeswar, PS- Tangi, Dist.-Khordha- 752023 declare that in Aadhaar my DoB mentioned as 01.07.1998 and in LIC Policy No.819459740 my details are Satyanarayan Bhujabala, Dob - 15.05.1997. Hence I have changed from my wrong name Satyanarayan Bhujabala, Dob - 15.05.1997@ 01.07.1998 to correct name Lulu Bhujabala, Dob- 15.05.1998 for all future purposes.

**AFFIDAVIT**

Before the Court of the Executive Magistrate, Sundargarh I Binit Kumar Bag, S/o – Sujit Kumar Bag, R/o At/Po Nialipali, P.S. Bhasma , Dist. Sundargarh do hereby declare that my actual name is Binit Kumar Bag which has been mentioned my Birth Certificate issue by Sundargarh Muncipal Council. But my Adhar Card bearing no. 307496524146 my name has been wrongly mentioned Vinid Bag instead of is Binit Kumar Bag. Hence both the person are same and one person for purpose of correction of Aadhar card.

**IN THE COURT OF THE ADDL. CIVIL JUDGE, SR. DIV. 5TH COURT, CUTTACK**

**C.S. No. 356 (III) of 2018**

**STATE BANK OF INDIA** ... **PLAINTIFF**

**Vrs.**

**A. RAMA CHANDRA GOUD** ... **DEFENDANT.**

**Notice U/O.5. R 20-1(A) of CPC**

**A. RAMA CHANDRA GOUD,** S/o: Ashok Goud, Permanent resident At/P.O./P.S.: Mancherian, Dist.: Adilabad, PIN- 504302 (Andhra Pradesh), At present: 3rd Battalion, N.D.R.F, Mundali, Baranga, Dist.: Cuttack

... **DEFENDANT.**

Whereas the plaintiff has instituted C.S NO.: 356 (III) OF 2015 in the aforesaid Court for **Rs.2,51,682/-** only together with current and future interest, costs and for other reliefs against all of you. You did not appear in the Court despite summons issued from the hon'ble Court.

Please take notice that the case is posted to **08.04.2025** at **7.30 A.M.** for your appearance and filing of W/s. If you do not appear on the above date fixed, the case will be heard and disposed of exparte against you.

Given under hand and seal of this Court on this the **05th** day of the month of **March** of **2025.**

Judge
Civil Judge, Sr. Div. 5th Court, Cuttack

ଓଡିଶା ଆଦର୍ଶ ବିଦ୍ୟାଳୟ, ରାମନାଗୁଡା

**ODISHA ADARSHA VIDYALAYA, RAMANAGUDA**

Beside Main Road, NH- 326, At/Po- Ramnaguda, PIN- 765029, Dist- Rayagada (Odisha)
UDISE CODE: 21271008307, CBSE AFFILIATION CODE: 1520168, SCHOOL CODE: 17254
Email- ramanguda@oav.edu.in, oavramnaguda@gmail.com

**Letter No: 061/2025** **Dated: 07/03/2025**

**TENDER CALL NOTICE**

Sealed Tenders are invited to select the supplier(s)/ firm for the supply of recurring and non-recurring items/ articles for **KGBV (Type-IV) Girls' Hostel, OAV Ramanaguda** of Rayagada district for the session 2025-26.

| Name of the Tender | Tender Paper Cost (Non-refundable) | Amount of EMD | Last Date & Time of Submission of Tender | Date and Opening of Tender |
|---|---|---|---|---|
| SUPPLY OF RECURRING & NON-RECURRING ITEMS/ ARTICLES FOR KGBV (Type-IV) GIRLS' HOSTEL | Rs. 100.00 | As Per Required Given | **27/03/2025** (Thursday) Upto 04.00pm | **28/03/2025** (Friday) 11.00am **Venue** OAV Ramanguda |

The detailed tender document is available in the website **http://rayagada.odisha.gov.in**. Interested and eligile supplier(s)/ firm may download **TENDER DOCUMENT** from the above website and apply accordingly. Corrigendum/ addendum, if required, will be uploaded in the above website.

The Tender Inviting Authority reserves the right to accept/ reject any full or part/ all bid/ cancel the entire selection process at any stage without assigning any reason thereof. The tenderer must fulfil the terms and conditions given in the document.

-Sd-
Principal
OAV Ramanaguda

A-1158

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**ANANDAPUR BARRAGE DIVISION, SALAPADA**
**(E-mail Id: - eeabd.anandapur@gmail.com/loabp-eicwr.od@nic.in)**
**e-Procurement Notice No. SE-ABD- 06 of 2024-25**

| | | |
|---|---|---|
| 1. | Name of work | Providing services for Running & Maintenance of Non-Residential Building of Anandapur Barrage Project, Salapada (From 01.04.2025 to 31.03.2026). |
| 2. | No. of work | 1 No. |
| 3. | Bid Identification No. | ABP-ABD-06 of 2024-25 |
| 4. | Tender cost | Rs.19,36,484.05 (Excluding GST) |
| 5. | Bid Security (EMD) | Rs. 38,800.00(2% of Tender amount) |
| 6. | Cost of Tender Paper | Rs. 6,000.00 |
| 7. | Class of Contractor | Service Provider |
| 8. | Period of procurement | 12 (Twelve) Months. |
| 9. | Date & time of availability of bid documents in the website https://www.dowrodisha.gov.in | From 10.03.2025 at 11 A.M to 24.03.2025 up to 5.00 P.M |
| 10. | Time period for receipt of bids in online | From 10.03.2025 at 11 A.M to 24.03.2025 up to 5.00 P.M |
| 11. | Date and time of opening of Tender | 25.03.2025 at 11.30 A.M |
| 12. | Name and Address of the Officer inviting Bid | Superintending Engineer, Anandapur Barrage Division, Salapada, Keonjhar, Pin-758020 |

Further details can be seen from the Govt. website www.tenderorissa.gov.in/ https://www.dowrodisha.gov.in Addendum/ Corrigendum/ Cancellation if any required will be published in Govt. website only.

Sd/-
Superintending Engineer
Anandapur Barrage Division
Salapada

OIPR-32177/11/0010/2425

# ସମ୍ପାଦକୀୟ



ମେଣ୍ଟ ସରକାର ଗଠନ କରିବା ଏବଂ ଏହାକୁ ଚଳାଇ ରଖିବା ପାଇଁ ଅନେକ ସାଲିସ୍ କରିବାକୁ ଓ ନମନୀୟ ହେବାକୁ ପଡ଼େ, ଯାହା ଭାରତ ପରି ଏକ ଦେଶରେ କାଠିକର ପାଠ।
- ପ୍ରଣବ ମୁଖାର୍ଜୀ

ସକାଳ THE SAKALA

## ଚୀନର ଚେତାବନୀ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାସୀନ ହେବା ମାତ୍ରେ ସହଯୋଗୀ ରାଷ୍ଟ୍ରଙ୍କ ବିରୋଧରେ ଯେଉଁ ଟାରିଫ ଯୁଦ୍ଧ ଆରମ୍ଭ କରିଛନ୍ତି, ତାହାର ଯେଉଁ ପ୍ରତିକୂଳ ପ୍ରଭାବ ପଡ଼ିବ ସେଥିପ୍ରତି ସଚେତନ ଥିଲା ଭଳି ମନେହୁଏନି। ଆମେରିକାବାସୀ ଭୟଙ୍କର ମୁଦ୍ରାସ୍ଫୀତି ସଂକଟରେ ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଦେଶର ରପ୍ତାନି ସାମଗ୍ରୀ ଉପରେ ଯଦି ଟ୍ରମ୍ପ ସରକାର ଅଧିକ ଟାରିଫ ବା ଶୁଳ୍କ ଆଦାୟ କରନ୍ତି, ତେବେ ଆମେରିକା ବଜାରରେ ତାହାର ମୂଲ୍ୟ ବଢ଼ିବ। ତେଣୁ ବଜାର ଦର କମିବା ପରିବର୍ତ୍ତେ ବଢ଼ିଲେ ଦେଶର ଉପଭୋକ୍ତାଙ୍କୁ ଅଧିକରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅବଶ୍ୟ ସେ ବାବଦରେ ଟ୍ରମ୍ପ ସରକାର ଅପେକ୍ଷାକୃତ ଅଧିକ ରାଜସ୍ୱ ଆଦାୟ କରିବେ। ଅନ୍ୟପକ୍ଷରେ ସେ ଯେଉଁ ରେସିପ୍ରୋକାଲ୍ ଟାରିଫ ପ୍ରସଙ୍ଗ ଉଠାଇଛନ୍ତି, ସେଥିରେ କିଛି ରାଷ୍ଟ୍ର ଆମେରିକୀୟ ସାମଗ୍ରୀ ଉପରୁ ଶୁଳ୍କ ହାର ହ୍ରାସ କରିବାକୁ ବାଧ୍ୟହେବେ। ଏ କ୍ଷେତ୍ରରେ ଆମେରିକାର କର୍ପୋରେଟ୍ ସଂସ୍ଥା ହିଁ କେବଳ ଉପକୃତ ହେବ। କିନ୍ତୁ ସ୍ଥାନୀୟ ବଜାର ଉପରେ ତାହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବିଶ୍ୱର ପ୍ରଭାବଶାଳୀ ନିବେଶକ ୱାରେନ୍ ବଫେଟ୍ ମଧ୍ୟ ଟ୍ରମ୍ପଙ୍କ ଏହି ଟାରିଫ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ ଏହି ଟାରିଫ ବୋଝ ସିଧାସଳଖ ସାମଗ୍ରୀ ଉପରେ ଟିକସରେ ପରିଣତ ହେଉଥିବାରୁ ଗ୍ରାହକଙ୍କୁ ହିଁ ଏହା ଦେବାକୁ ପଡ଼ିଥାଏ। ଟ୍ରମ୍ପ ନିଜେ ଜଣେ ବ୍ୟବସାୟୀ ହୋଇଥିବାରୁ ସେ କେବଳ ଆମେରିକାର କର୍ପୋରେଟ ସଂସ୍ଥାର ସ୍ୱାର୍ଥକୁ ହିଁ ପ୍ରାଧାନ୍ୟ ପ୍ରଦାନ କରୁଛନ୍ତି। ବିପୁଳ ଭୋଟ୍ ଦେଇ ତାଙ୍କୁ ନିର୍ବାଚିତ କରିଥିବା ମତଦାତାଙ୍କୁ ଏହା ବୁଝିବା ପାଇଁ ବେଶୀ ସମୟ ଲାଗିବ ନାହିଁ।

ଆମେରିକା ବିଶ୍ୱର ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର। କିନ୍ତୁ ବିଶ୍ୱ ସମୁଦାୟ କହିଲେ କେବଳ ଆମେରିକାକୁ ବୁଝାଏ ନାହିଁ। ପାରସ୍ପରିକ ସମ୍ପର୍କ ଓ ବୁଝାମଣା ଭିତ୍ତିରେ ଅନ୍ୟ ରାଷ୍ଟ୍ର ସହ ସମ୍ପର୍କ ରଖିବାକୁ ପଡ଼ିଥାଏ। ଏ କ୍ଷେତ୍ରରେ କୂଟନୈତିକ ଆଚରଣ ଓ ଶାଳୀନତା ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଫ୍ରାନ୍ସର ରାଷ୍ଟ୍ରପତି ମାକ୍ରନ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଷ୍ଟାର୍ମର ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଟ୍ରମ୍ପ ଯେଉଁ ଆଚରଣ ଓ ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହା ବିଶ୍ୱବାସୀଙ୍କୁ ଚକିତ କରିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ବାଦ୍ ଦେଲେ ସେ ଅନ୍ୟ କୌଣସି ରାଷ୍ଟ୍ର ସହ ସୁସମ୍ପର୍କ ସ୍ଥାପନ କଲାଭଳି ମନେହେଉନାହିଁ। ଯେଉଁ ରାଷ୍ଟ୍ର ବିରୋଧରେ ନାଟୋ ସାମରିକ ମେଣ୍ଟ ଆମେରିକା ନେତୃତ୍ୱରେ ଗଠିତ ହୋଇଥିଲା, ତାହା ଏହି ପରିବର୍ତ୍ତିତ ପରିବେଶରେ ଅର୍ଥହୀନ ହୋଇପଡ଼ିଛି। ସମସ୍ତେ ଅପେକ୍ଷା କରିଛନ୍ତି ଟ୍ରମ୍ପଙ୍କୁ କିଏ ଠିକଣା ଜବାବ ଦେବ।

ଜାନୁଆରୀ ୨୦ରେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକାର ପ୍ରଥମ କଂଗ୍ରେସ ଅଧିବେଶନରେ ଅଭିଭାଷଣ ଦେଇ ପୁଣି ସେହି ଟାରିଫ ଯୁଦ୍ଧକୁ ଦୋହରାଇଥିଲେ। ଗତ ବୁଧବାର ଚୀନ ତାହାର ଉଚିତ ଜବାବ ରଖିଛି। ଆମେରିକାରେ ଅବସ୍ଥାପିତ ଚୀନ୍ ରାଷ୍ଟ୍ରଦୂତ କହିଛନ୍ତି ଯେ ଟ୍ରମ୍ପ ଯେଉଁଭଳି ଆଭିମୁଖ୍ୟ ରଖିବେ ତାହାର ମୁକାବିଲା କରିବାକୁ ତାଙ୍କ ଦେଶ ପ୍ରସ୍ତୁତ। ଟାରିଫ ଯୁଦ୍ଧ ହେଉ କି ବାଣିଜ୍ୟ ଯୁଦ୍ଧ, ଯେକୌଣସି ପ୍ରକାର ବିପଦକୁ ନେଇ ଚୀନ୍ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବାକୁ ପ୍ରସ୍ତୁତ ଅଛି। ସେ ଦେଇଥିବା ଆହ୍ୱାନ କେବଳ ଟ୍ରମ୍ପ ପ୍ରଶାସନ ନୁହେଁ ସମଗ୍ର ବିଶ୍ୱବାସୀଙ୍କୁ ହତଚକିତ କରିଛି। ଦୁଇପଡ଼ୋଶୀ ରାଷ୍ଟ୍ର ମେକ୍ସିକୋ ଓ କାନାଡ଼ା ଉପରେ ୨୫ ପ୍ରତିଶତ ହାରରେ ଟାରିଫ ଲଗାଇବାକୁ ଟ୍ରମ୍ପ ଘୋଷଣା କରିଛନ୍ତି। ସେହିଭଳି ଚୀନ୍ ସାମଗ୍ରୀ ଉପରୁ ୨୦ ପ୍ରତିଶତ ଶୁଳ୍କ ଆଦାୟ କରାଯିବ। ଭାରତ ଉପରେ ଏପ୍ରିଲ ୨ରୁ ରେସିପ୍ରୋକାଲ୍ ଟାରିଫ ଲାଗୁ କରାଯିବ। ବର୍ଦ୍ଧିତ ଶୁଳ୍କକୁ ନେଇ ବିଶ୍ୱ ବାଣିଜ୍ୟ ସଂଗଠନରେ ଚୀନ୍ ପଛକୁ କାନାଡ଼ା ମଧ୍ୟ ଫେରାଦ ହୋଇଛି। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି ଯେ ଆମେରିକା ପ୍ରାୟ ୩୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ତାଙ୍କ ଦେଶରୁ ଆମଦାନୀ କରୁଛି। ଏହା ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ ହେଲେ କାନାଡ଼ାର ଘରୋଇ ଅର୍ଥନୀତିରେ ଗୁରୁତର ସଂକଟ ସୃଷ୍ଟି ହେବ। ଏହା ଡବ୍ଲୁଟିଓ ନିୟମର ଖୋଲା ଉଲ୍ଲଂଘନ।

ନିଜର ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଚୀନ୍ ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ହୋଇଥିବାରୁ ଟ୍ରମ୍ପଙ୍କ ଧମକରେ ଚମକି ପଡ଼ି ଲାଙ୍ଗୁଳ ଜାକିବା ଅବସ୍ଥାରେ ନାହିଁ। ବୈଷୟିକ ଜ୍ଞାନ କୌଶଳରେ ଚୀନ୍ ନିଜେ ସ୍ୱୟଂସମ୍ପୂର୍ଣ୍ଣ। ଏହାଛଡ଼ା ବିପୁଳ ମାନବ ସମ୍ବଳର ସଦୁପଯୋଗ କରି କମ୍ ଖର୍ଚ୍ଚରେ ଉତ୍ପାଦ ପ୍ରସ୍ତୁତ କରିପାରୁଥିବାରୁ ସମଗ୍ର ବିଶ୍ୱ ବଜାରରେ ତାହାର ପ୍ରାଧାନ୍ୟ ଜାହିର କରୁଛି। ଆମେରିକୀୟ ବଜାରରେ ଚୀନ୍ ସାମଗ୍ରୀର ଚାହିଦା ଅଧିକ। ତେଣୁ ବର୍ଦ୍ଧିତ ଟାରିଫରେ ସେ ଅନ୍ୟମାନଙ୍କ ଅପେକ୍ଷା କମ୍ କ୍ଷତି ସହିବ। ଆମେରିକାକୁ ବାଦ ଦେଲେ ବିଶ୍ୱର ଅନ୍ୟତ୍ର ବେପାରବଣିଜ ସମ୍ପ୍ରସାରଣ କରିବାରେ ଚୀନ୍ ସେଭଳି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବ ନାହିଁ। ଆମେରିକା ସହ ୨୦୨୪ରେ ଚୀନ୍‌ର ମୋଟ ବାଣିଜ୍ୟିକ କାରବାର ୫୮୨.୪ ବିଲିୟନ ଡଲାର। ସେଥିମଧ୍ୟରୁ ଚୀନ୍‌କୁ ମାତ୍ର ୧୪୩.୫ ବିଲିୟନ ଡଲାର ସାମଗ୍ରୀ ଆମେରିକା ରପ୍ତାନି କରୁଥିବା ବେଳେ ୪୩୮.୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଛି। କହିବାକୁ ଗଲେ ଆମେରିକୀୟ ବଜାର ଚୀନ ସାମଗ୍ରୀ ଉପରେ ଅଧିକ ନିର୍ଭରଶୀଳ। ସେହିଭଳି କାନାଡ଼ା ଉତ୍ପାଦନ କରୁଥିବା ସାମଗ୍ରୀର ୭୫.୯ ପ୍ରତିଶତ ଆମେରିକାକୁ ରପ୍ତାନି କରିଥାଏ। ଏହାର ମୂଲ୍ୟ ୪୧୦ ବିଲିୟନ ଡଲାର, ସେଥିମଧ୍ୟରେ ୧୦୭ ବିଲିୟନ ଡଲାର ମୂଲ୍ୟର ବିଶୋଧିତ ତୈଳ ରହିଛି। ତେଣୁ ଟ୍ରମ୍ପ ଏବେ ଯେଉଁ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ କରିଛନ୍ତି, ତାହାର ଗୁରୁତର ପ୍ରଭାବ ଆଗାମୀ ଦିନରେ ଅନୁଭୂତ ହେବ।

ଭାରତ ପକ୍ଷରୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ସକାଶେ କିଛି ଆମେରିକୀୟ ସାମଗ୍ରୀ ଉପରୁ ଆଗୁଆ ଶୁଳ୍କ ହ୍ରାସ କରାଯାଇଛି। ଟ୍ରମ୍ପ-ମୋଦୀ ସାକ୍ଷାତ ଆଲୋଚନା ପୂର୍ବରୁ ଏହି ପ୍ରାକ୍‌ପ୍ରସ୍ତୁତି ହୋଇଯାଇଥିଲେ ହେଁ ମିଳିତ ସାମ୍ବାଦିକ ସମ୍ମିଳନୀରେ ସେହି ରେସିପ୍ରୋକଲ ଟାରିଫ ପ୍ରସଙ୍ଗ ମଧ୍ୟ ଉଠିଥିଲା। ମାଗା + ମିଗା = ମୋଗା ସମ୍ପର୍କ ଉଲ୍ଲେଖ କରି କଥାକୁ ସୁଧାରି ନେଇଥିଲେ ମୋଦୀ। ଏସବୁ ସତ୍ତ୍ୱେ ପରିସ୍ଥିତିର ଗୁରୁତ୍ୱକୁ ବିଚାର କରି ଆମେରିକୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ସାତଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି। ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି ଆଲୋଚନା ପ୍ରସଙ୍ଗରେ ଯେଉଁ ଦକ୍ଷିଣପନ୍ଥୀ ରାଜନୀତି କଥା ଉଲ୍ଲେଖ କରିଛନ୍ତି, ତାହା ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଆଗାମୀ ଦିନରେ ଆମେରିକା, ଭାରତ, ଇଟାଲୀ ଓ ଆର୍ଜେଣ୍ଟିନାକୁ ନେଇ ଦକ୍ଷିଣପନ୍ଥୀ ମେଣ୍ଟ ଗଠନ ସମ୍ଭାବନା ମେଲୋନିଙ୍କ ପ୍ରଚେଷ୍ଟାରେ କେତେ ଦୂର ଫଳପ୍ରଦ ହେଉଛି, ତାହା ଉପରେ ବିଶ୍ୱ ନେତୃବର୍ଗଙ୍କ ନିଶ୍ଚୟ ନଜର ରହିବ। ଏ କ୍ଷେତ୍ରରେ ମୋଦୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରନ୍ତି। କାରଣ ବିଶ୍ୱ ଦକ୍ଷିଣପନ୍ଥୀ ରାଜନୀତିର ସେ ଜଣେ ଅବିକଳ୍ପ ନେତା।

## ଭାରତୀୟ ମହିଳାଙ୍କ ସ୍ୱପ୍ନ

**ଡକ୍ଟର ଗାୟତ୍ରୀବାଳା ପଣ୍ଡା**

ଭାରତରେ ଜଣେ ମହିଳାଙ୍କ ସ୍ୱପ୍ନ ଦେଶ ପରି ବିଶାଳ ଏବଂ ବିବିଧ। ଭାରତୀୟ ମହିଳାମାନେ ସ୍ୱାଧୀନତା, ସୁଯୋଗ ଏବଂ ସମାନତାର ସ୍ୱପ୍ନ ଦେଖନ୍ତି - ଏପରି ସ୍ୱପ୍ନ ଯାହା ପ୍ରାୟତଃ ସେମାନଙ୍କ ପରିସ୍ଥିତି ଦ୍ୱାରା ରୂପ ତ ପାଇଥାଏ, ମାତ୍ର ସେମାନଙ୍କ ସ୍ଥିରତା ଓ ଦୃଢ଼ ମନୋବଳ ଦ୍ୱାରା ପ୍ରୋତ୍ସାହିତ ହୋଇଥାଏ। ଭାରତୀୟ ମହିଳାଙ୍କ ସାମ୍ନାରେ ଅନେକଗୁଡ଼ିଏ ଆହ୍ୱାନ ରହିଥିବାବେଳେ, ଭାରତୀୟ ମହିଳାମାନେ ପ୍ରତିଦିନ ପ୍ରମାଣ କରୁଛନ୍ତି ଯେ ସ୍ୱପ୍ନ ସୀମିତ ରହିବା ପାଇଁ ନୁହେଁ - ସେଗୁଡ଼ିକୁ ସାକାର କରିବା ପାଇଁ ଉଦ୍ଦିଷ୍ଟ। କଳ୍ପନା ଚାୱଲା ମହାକାଶରେ ପହଞ୍ଚିବାଠାରୁ ଆରମ୍ଭ କରି ମେରୀ କମ୍ ବିଶ୍ୱ ଟାଇଟଲ ଜିତିବା ପର୍ଯ୍ୟନ୍ତ, ଫାଲଗୁନି ନାୟାରଙ୍କ ବ୍ୟବସାୟ ସାମ୍ରାଜ୍ୟ ଗଢ଼ିବା ଠାରୁ ଆରମ୍ଭ କରି ଘର, ସ୍କୁଲ ଏବଂ କର୍ମକ୍ଷେତ୍ର ପରିଚାଳନା କରୁଥିବା ଅଗଣିତ ନାମହୀନ ମହିଳାଙ୍କ ପର୍ଯ୍ୟନ୍ତ - ଭାରତୀୟ ମହିଳାଙ୍କ ସ୍ୱପ୍ନ ଅଟଳ।

ଯେପରି ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ ଥରେ କହିଥିଲେ, 'ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇକରି ଦେଖ, ସ୍ୱପ୍ନ ତାହା ଯାହା ତୁମକୁ ଶୋଇବାକୁ ଦିଏ ନାହିଁ' ଏବଂ ଆଜି, ଭାରତୀୟ ମହିଳାଙ୍କ ସ୍ୱପ୍ନ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ, ସୁଉଚ୍ଚ ଏବଂ ସୁଦୃଢ଼। କାରଣ ଯେତେବେଳେ ଭାରତରେ ଜଣେ ମହିଳା ସ୍ୱପ୍ନ ଦେଖନ୍ତି, ସେ କେବଳ ତାଙ୍କ ଜୀବନ ପରିବର୍ତ୍ତନ କରନ୍ତି ନାହିଁ - ସେ ଦେଶର ପରିବର୍ତ୍ତନରେ ବି ନିଜର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖନ୍ତି।

ମୁଁ ଜଣେ ଭାରତୀୟ ମହିଳା ଏବଂ ମୁଁ ଏପରି ଏକ ଦୁନିଆର ସ୍ୱପ୍ନ ଦେଖୁଛି ଯେଉଁଠାରେ ମୁଁ ମୋର ଲିଙ୍ଗ ଦ୍ୱାରା ନୁହେଁ ବରଂ ମୋର କ୍ଷମତା ଦ୍ୱାରା ପରିଭାଷିତ ହୋଇପାରିବି। ଏପରି ଏକ ଦୁନିଆ ଯେଉଁଠାରେ ମୋର ସ୍ୱର ଶୁଣାଯିବ, ମୋର ପସନ୍ଦକୁ ସମ୍ମାନ ଦିଆଯିବ ଏବଂ ମୋର ମହତ୍ତ୍ୱାକାଂକ୍ଷା ସାମାଜିକ ମାନଦଣ୍ଡ ଦ୍ୱାରା ସୀମିତ ହୋଇ ରହିବ ନାହିଁ। ମୋର ସ୍ୱପ୍ନ କେବଳ ମୋ ପାଇଁ ନୁହେଁ ବରଂ ପ୍ରତ୍ୟେକ ଭାରତୀୟ ମହିଳାଙ୍କ ପାଇଁ ଯେଉଁମାନେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ତାହା ହାସଲ କରିବା ପାଇଁ ନିଷ୍ଠା ଓ ଏକାଗ୍ରତା ସହ କାମ କରିବାକୁ ସାହସ କରନ୍ତି।

ଭାରତୀୟ ମହିଳା ଭାବରେ ମୋର ସ୍ୱପ୍ନ 'ସମାନତା ଏବଂ ସଶକ୍ତୀକରଣ'। କାରଣ ମୋ ସ୍ୱପ୍ନ ଲିଙ୍ଗ ସମାନତା ସହିତ ଆରମ୍ଭ ହୁଏ - ଏକ ସମାଜ ଯେଉଁଠାରେ ପୁରୁଷ ଏବଂ ମହିଳାଙ୍କୁ ସମାନ ମର୍ଯ୍ୟାଦା ସହିତ ବ୍ୟବହାର କରାଯାଏ, ସମାନ ସୁଯୋଗ ଦିଆଯାଏ ଏବଂ ଲିଙ୍ଗ ଅପେକ୍ଷା ସେମାନଙ୍କର ଯୋଗ୍ୟତା ଦ୍ୱାରା ବିଚାର କରାଯାଏ। ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସତ୍ତ୍ୱେ ଭାରତୀୟ ମହିଳାମାନେ ଶିକ୍ଷା, ନିଯୁକ୍ତି ଏବଂ ନିଜ ଘର ଭିତରେ ଆଜି ମଧ୍ୟ ଭେଦଭାବର ସମ୍ମୁଖୀନ ହୁଅନ୍ତି। ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖୁଛି ଯେଉଁଠାରେ ପ୍ରତ୍ୟେକ ଝିଅ କମ୍ ବୟସରେ ବିବାହ ହେବାର ଭୟ ବିନା ଗୁଣାତ୍ମକ ଶିକ୍ଷା ପାଆନ୍ତି। ଶିକ୍ଷା ମହିଳାଙ୍କୁ ସଶକ୍ତ କରେ, ସେମାନଙ୍କୁ ସୁଚିନ୍ତିତ ପସନ୍ଦ କରିବା ଏବଂ ସ୍ୱାଧୀନ ଜୀବନଯାପନ କରିବା ପାଇଁ ଆତ୍ମବିଶ୍ୱାସ ଦିଏ। ରାଜନୀତି, ବ୍ୟବସାୟ ଏବଂ ନେତୃତ୍ୱ ଭୂମିକାରେ ମହିଳାମାନଙ୍କର ସମାନ ପ୍ରତିନିଧିତ୍ୱ ରହିବା ଉଚିତ। ମୁଁ ସଂସଦରେ ଅଧିକ ମହିଳା, କର୍ପୋରେଟ୍ ବୋର୍ଡ଼ ରୁମ୍‌ରେ ଅଧିକ ମହିଳା ସିଇଓ ଏବଂ ନିଷ୍ପତ୍ତି ଗ୍ରହଣ ପଦରେ ଅଧିକ ମହିଳା ନିଯୁକ୍ତ ହେବାର ସ୍ୱପ୍ନ ଦେଖେ। ଏକ ପ୍ରକୃତ ସଶକ୍ତ ସମାଜ ହେଉଛି ଯେଉଁଠାରେ ମହିଳାମାନେ କେବଳ ଅଂଶଗ୍ରହଣକାରୀ ନୁହନ୍ତି ବରଂ ଭବିଷ୍ୟତ ଗଠନରେ ନିର୍ଣ୍ଣାୟକ ଭୂମିକାରେ ରହିପାରୁଥିବା ନେତୃତ୍ୱ।

ମୋର ସ୍ୱପ୍ନ ହେଉଛି 'ଷ୍ଟେରିଓଟାଇପ୍ସ ଭାଙ୍ଗିବା'। ଜଣେ ଭାରତୀୟ ମହିଳା ଭାବରେ ମୁଁ ଷ୍ଟେରିଓଟାଇପ୍ସର ଶିକୁଳିରୁ ମୁକ୍ତ ହେବାର ସ୍ୱପ୍ନ ଦେଖେ। ଜଣେ ମହିଳା କିପରି ଆଚରଣ କରିବ, କିପରି ପୋଷାକ ପିନ୍ଧିବ କିମ୍ବା କିପରି ସ୍ୱପ୍ନ ଦେଖିବା ଉଚିତ୍ ତାହା ସମାଜ ପ୍ରାୟତଃ ନିର୍ଦ୍ଦେଶ ଦିଏ। ଆମର ଏକ ସ୍ଥିର ଓ ପ୍ରଚଳିତ ଧାରଣା ଅଛି ଯେ ମହିଳାମାନେ କ୍ୟାରିଅର ଅପେକ୍ଷା ପରିବାରକୁ ପ୍ରାଥମିକତା ଦେବା ଉଚିତ, ସେମାନଙ୍କର ପ୍ରାଥମିକ ଭୂମିକା ନେତୃତ୍ୱ ନେବା ଅପେକ୍ଷା ପାଳନପୋଷଣ କରିବା। କିନ୍ତୁ ମୋର ସ୍ୱପ୍ନ ଏହି ମାନଦଣ୍ଡଗୁଡ଼ିକୁ ଚ୍ୟାଲେଞ୍ଜ କରେ। ମହାକାଶରେ ପ୍ରଥମ ଭାରତୀୟ ମହିଳା କଳ୍ପନା ଚାୱଲା ଏବଂ ଭାରତର ପ୍ରଥମ ମହିଳା ପୁଲିସ୍ ଆଇପିଏସ୍ କିରଣ ବେଦୀଙ୍କ ପରି ମହିଳାମାନଙ୍କ ଯାତ୍ରା ମୋତେ ମନେ ପକାଇ ଦିଏ ଯେ କୌଣସି ସ୍ୱପ୍ନ ବହୁତ ବଡ଼ ନୁହେଁ ଏବଂ କୌଣସି ପ୍ରତିବନ୍ଧକ ଭାଙ୍ଗିବା ପାଇଁ ଏତେ ବି ଶକ୍ତିଶାଳୀ ନୁହେଁ।

ମୋର ସ୍ୱପ୍ନ 'ମହିଳାଙ୍କ ପାଇଁ ଏକ ସୁରକ୍ଷିତ ଭାରତ'। ମୋର ସବୁଠାରୁ ବଡ଼ ସ୍ୱପ୍ନ ମଧ୍ୟରୁ ଗୋଟିଏ ହେଉଛି ମହିଳାଙ୍କ ପାଇଁ ଏକ ସୁରକ୍ଷିତ ଭାରତ। ସୁରକ୍ଷା ଏକ ସୁବିଧା ହେବା ଉଚିତ୍ ନୁହେଁ; ଏହା ଏକ ମୌଳିକ ଅଧିକାର ହେବା ଉଚିତ୍। ପ୍ରତ୍ୟେକ ମହିଳା ନିର୍ଯାତନା, ହିଂସା କିମ୍ବା ଭେଦଭାବର ଭୟ ବିନା ଯେପରି ରାସ୍ତାରେ ମୁକ୍ତ ଭାବରେ ଚାଲିପାରିବେ। ମହିଳାମାନଙ୍କୁ ସୁରକ୍ଷା ଦେବାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଅଗ୍ରଗତି କରିଛି, କିନ୍ତୁ କେବଳ ଆଇନ ଯଥେଷ୍ଟ ନୁହେଁ। ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ - ମହିଳାମାନଙ୍କୁ ସମ୍ମାନ ଏବଂ ସୁରକ୍ଷା ଦେବା ଏକ ସାମୂହିକ ଦାୟିତ୍ୱ। ମୁଁ ଏପରି ଏକ ଦିନର ସ୍ୱପ୍ନ ଦେଖୁଛି ଯେତେବେଳେ ଝିଅମାନେ ବିଳମ୍ବିତ ରାତିରେ ଘରକୁ ଫେରିବା ବିଷୟରେ ପିତାମାତାମାନଙ୍କୁ ଚିନ୍ତା କରିବାକୁ ପଡ଼ିବ ନାହିଁ। ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖେ ଯେଉଁଠାରେ ମହିଳାଙ୍କ ସୁରକ୍ଷା ପ୍ରାଥମିକତା ହେବ।

ମୋର ସ୍ୱପ୍ନ 'ଆର୍ଥିକ ସ୍ୱାଧୀନତା ଏବଂ କ୍ୟାରିଅର ଅଭିବୃଦ୍ଧି'। ଆର୍ଥିକ ସ୍ୱାଧୀନତା ହେଉଛି ପ୍ରକୃତ ସଶକ୍ତୀକରଣର ଚାବିକାଠି। ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖେ ଯେଉଁଠାରେ ମହିଳାମାନଙ୍କୁ ନିଜର କ୍ୟାରିଅର ଗଢ଼ିବାକୁ, ବ୍ୟବସାୟ ଆରମ୍ଭ କରିବାକୁ ଏବଂ ସେମାନଙ୍କ ଆର୍ଥିକ ଭବିଷ୍ୟତର ନିୟନ୍ତ୍ରଣ କରିବାକୁ ଉତ୍ସାହିତ କରାଯିବ। ଆଜି ମଧ୍ୟ, ଅନେକ ମହିଳା ବିବାହ ପରେ କାମ କରିବାକୁ ନିରୁତ୍ସାହିତ। ଜଣେ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଏକ ପସନ୍ଦ ହେବା ଉଚିତ୍ ନୁହେଁ; ଏହା ଏକ ମାନଦଣ୍ଡ ହେବା ଉଚିତ। ମହିଳାମାନଙ୍କର ସୁଯୋଗ, ପଦୋନ୍ନତି ଏବଂ ଦରମା ପାଇଁ ସମାନ ନିୟମ ରହିବା ଉଚିତ। ମୁଁ ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୁୟିଙ୍କ ଉଦାହରଣ ଦଉଛି, ଯିଏ ପ୍ରମାଣ କରିଛନ୍ତି ଯେ ମହିଳାମାନେ କର୍ପୋରେଟ୍ ସଫଳତାର ସର୍ବୋଚ୍ଚ ସ୍ତରକୁ ପହଞ୍ଚିପାରିବେ। ମହିଳାମାନେ ଏପରି ଏକ ପଦବୀରେ ରହିବାକୁ ଆକାଂକ୍ଷା କରନ୍ତି ଯେଉଁଠାରେ ସେମାନେ ଅନ୍ୟ ମହିଳାଙ୍କୁ ସେମାନଙ୍କ ବୃତ୍ତିଗତ ଯାତ୍ରାରେ ପ୍ରେରଣା ଏବଂ ସମର୍ଥନ କରିପାରିବେ।

ମୋର ସ୍ୱପ୍ନ 'ନିଜର ପସନ୍ଦ ନିଜେ କରିବାର ସ୍ୱାଧୀନତା'।

ସ୍ୱାଧୀନତା ମୋର ସ୍ୱପ୍ନର ମୂଳରେ ଅଛି। ମୋର କ୍ୟାରିଅର, ମୋର ସାଥୀ, ମୋର ବିଶ୍ୱାସ ଏବଂ ମୋର ଜୀବନଶୈଳୀ ବାଛିବାର ସ୍ୱାଧୀନତା। ସମାଜ ପ୍ରାୟତଃ ମହିଳାମାନଙ୍କ ଉପରେ ଅନାବଶ୍ୟକ କଟକଣା ଲଗାଏ, କ'ଣ "ଗ୍ରହଣଯୋଗ୍ୟ" ଏବଂ କ'ଣ ନୁହେଁ, ତାହା ନିର୍ଦ୍ଦେଶ ଦିଏ। ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖୁଛି ଯେଉଁଠାରେ ମହିଳାମାନେ ବିଚାରର ଭୟ ବିନା ନିଜକୁ ମୁକ୍ତ ଭାବରେ ପ୍ରକାଶ କରିପାରିବେ। ଜଣେ ମହିଳା ବିବାହ କରିବାକୁ ଚାହାନ୍ତି କି ଅବିବାହିତ ରହିବେ, ସନ୍ତାନ ଜନ୍ମ କରିବାକୁ ଚାହାନ୍ତି କି ତାଙ୍କ କ୍ୟାରିଅରରେ ଧ୍ୟାନ ଦେବାକୁ ଚାହାନ୍ତି, ପାରମ୍ପରିକ ପୋଷାକ ପିନ୍ଧିବାକୁ ଚାହାନ୍ତି କି ଆଧୁନିକ ପୋଷାକ ପିନ୍ଧିବାକୁ ଚାହାନ୍ତି, ଗୃହିଣୀ ହେବାକୁ ଚାହାନ୍ତି କି କର୍ପୋରେଟ୍‌ରେ କାମ କରିବାକୁ ଚାହାନ୍ତି କି ନେତା ହେବାକୁ ଚାହାନ୍ତି - ଏସବୁ ସାମାଜିକ ଚାପ ବିନା ନିଜେ ନିଷ୍ପତ୍ତି ନେଇପାରିବେ। ପ୍ରକୃତ ସଶକ୍ତୀକରଣ ସ୍ୱାଧୀନ ପସନ୍ଦ କରିବା ଏବଂ ନିଜ ସର୍ତ୍ତରେ ଜୀବନଯାପନ କରିବାର କ୍ଷମତାରୁ ଆସେ।

ମୋର ସ୍ୱପ୍ନ 'ମହିଳାମାନଙ୍କ ପାଇଁ ଏକ ସହାୟକ ସମାଜ'। ମୁଁ ଏପରି ଏକ ସମାଜର ସ୍ୱପ୍ନ ଦେଖୁଛି ଯେଉଁଠାରେ ମହିଳାମାନେ ପରସ୍ପର ବିରୁଦ୍ଧରେ ଠିଆ ହେବା ପରିବର୍ତ୍ତେ ପରସ୍ପରକୁ ସମର୍ଥନ କରନ୍ତି। ମହିଳାମାନେ ପରସ୍ପରର ଉତ୍ଥାନରେ ସହାୟକ ହେବା ସହ ପରସ୍ପରକୁ ଉତ୍ସାହିତ କରିବା ଉଚିତ, ଈର୍ଷା ଏବଂ ପ୍ରତିଯୋଗିତାର ଚକ୍ରକୁ ଭାଙ୍ଗିବା ଉଚିତ। ମୁଁ ମହିଳା ସଶକ୍ତୀକରଣ ଯାତ୍ରାରେ ପୁରୁଷମାନଙ୍କ ସମାନ ଅଂଶଗ୍ରହଣର ସ୍ୱପ୍ନ ମଧ୍ୟ ଦେଖେ। ନାରୀବାଦ ମହିଳାମାନଙ୍କୁ ପୁରୁଷମାନଙ୍କଠାରୁ ଶ୍ରେଷ୍ଠ କରିବା ନୁହେଁ; ଏହା ସମାନତାର ବିଷୟ। ମୁଁ ଏପରି ଏକ ବିଶ୍ୱର ସ୍ୱପ୍ନ ଦେଖେ ଯେଉଁଠାରେ ପୁରୁଷ ଏବଂ ମହିଳା ଏକାଠି କାମ କରିବେ, ଦାୟିତ୍ୱ ବାଣ୍ଟିବା ସହ ପରସ୍ପରର ମହତ୍ତ୍ୱାକାଂକ୍ଷାକୁ ସମ୍ମାନ କରିବେ।

ମୋର ସ୍ୱପ୍ନ 'ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ, ବ୍ୟବସାୟ ଏବଂ କଳାରେ ମହିଳାମାନେ ଅଧିକରୁ ଅଧିକ ପ୍ରତିନିଧିତ୍ୱ କରିବେ'। ଏଭଳି କ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ଯଥେଷ୍ଟ କମ୍। ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖେ ଯେଉଁଠାରେ ଅଧିକ ମହିଳା ଏହି କ୍ଷେତ୍ରଗୁଡ଼ିକରେ ପ୍ରବେଶ କରିବେ ଏବଂ 'ଏହି କ୍ୟାରିଅର ସେମାନଙ୍କ ପାଇଁ ନୁହେଁ' ମିଥ୍ୟାକୁ ଭାଙ୍ଗିବେ। କଳା, କ୍ରୀଡ଼ା ଏବଂ ମନୋରଞ୍ଜନ ଶିଳ୍ପରେ, ମୁଁ ସମାନ ଦରମା, ସମାନ ସୁଯୋଗ ଏବଂ ମହିଳାମାନଙ୍କ ପ୍ରତି ସମାନ ସମ୍ମାନର ସ୍ୱପ୍ନ ଦେଖେ। ବଲିଉଡ୍, ସଙ୍ଗୀତ ଏବଂ ସାହିତ୍ୟରେ ମହିଳାମାନଙ୍କୁ ପୁରୁଷ ସାଥୀଙ୍କ ପରି ସମାନ ସ୍ୱୀକୃତି ଏବଂ ସ୍ୱାଧୀନତା ମିଳିବା ଉଚିତ।

ଏହିସବୁ କେବଳ ମୋର ବ୍ୟକ୍ତିଗତ ସ୍ୱପ୍ନ ନୁହେଁ - ଏହା ପ୍ରତ୍ୟେକ ଭାରତୀୟ ମହିଳାଙ୍କ ସ୍ୱପ୍ନ। ଲକ୍ଷ ଲକ୍ଷ ଭାରତୀୟ ମହିଳାଙ୍କ ହୃଦୟରେ ପ୍ରତିଧ୍ୱନିତ ହେଉଥିବା ଅଶ୍ରୁତ ସ୍ୱର। ଏହା ସ୍ୱାଧୀନତା, ସମ୍ମାନ, ସମାନତା ଏବଂ ସଶକ୍ତୀକରଣର ସ୍ୱପ୍ନ। ପରିବର୍ତ୍ତନ ଗୋଟିଏ ସ୍ୱପ୍ନ ସହିତ ଆରମ୍ଭ ହୁଏ, କିନ୍ତୁ ଏହା କାର୍ଯ୍ୟ ମାଧ୍ୟମରେ ବାସ୍ତବତାରେ ପରିଣତ ହୁଏ। ମୁଁ ମୋର ସ୍ୱପ୍ନ ପାଇଁ କାମ କରିବି, ଅନ୍ୟମାନଙ୍କୁ ପ୍ରେରଣା ଦେବି ଏବଂ ଏକ ଏପରି ବିଶ୍ୱ ସୃଷ୍ଟି କରିବି ଯେଉଁଠାରେ ଆଗାମୀ ପିଢ଼ିର ମହିଳାମାନଙ୍କୁ ସେମାନଙ୍କ ଅଧିକାର ପାଇଁ ଲଢ଼ିବାକୁ ପଡ଼ିବ ନାହିଁ - ସେମାନେ କେବଳ ଏହାକୁ ବଞ୍ଚାଇବେ। ମୁଁ ଜଣେ ଭାରତୀୟ ମହିଳା ଏବଂ ମୋର ସ୍ୱପ୍ନ ହେଉଛି ଏପରି ଏକ ବିଶ୍ୱ ସୃଷ୍ଟି କରିବା ଯେଉଁଠାରେ ପ୍ରତ୍ୟେକ ମହିଳା ମୁକ୍ତ ଭାବରେ ସ୍ୱପ୍ନ ଦେଖିପାରିବେ ଏବଂ କୌଣସି ବାଧା ବିନା ଏହି ସ୍ୱପ୍ନ ହାସଲ କରିପାରିବେ ଏବଂ ଏହି ସ୍ୱପ୍ନ ବାସ୍ତବତାରେ ପରିଣତ ନହେବା ପର୍ଯ୍ୟନ୍ତ ମୁଁ ଅଟକିବି ନାହିଁ।

gayatribalap@gmail.com

## ଝିଅ ପାଇଁ ଦୁଇପଦ

**ବ୍ରତତୀ ହରିଚନ୍ଦନ**

ଆରେ ମାଆ! ତୁ କେବଳ ମୋର ଝିଅ ନୁହଁ; ମୋର ବର୍ତ୍ତମାନର ଭବିଷ୍ୟତ ଏବଂ ମୋ ଅବର୍ତ୍ତମାନର ସ୍ୱର। ଆଜି ତୁ ମୋ ମାର୍ଫତରେ ଅଛୁ; କିନ୍ତୁ ଭବିଷ୍ୟତରେ ତୁ ପାଲଟିବୁ ମୋର ଧରୋହର, ପ୍ରତିଛବି ଓ ବାର୍ତ୍ତାବହ। ତୋ କାନ୍ଧରେ ମୋ ଶବ ଯାଇ ନ ପାରେ, କିନ୍ତୁ ତୋ କାନ୍ଧରେ ବୁହାହେବ ମୋ ଆଦର୍ଶ, ମୋର ଶିକ୍ଷା ଓ ସଂସ୍କାରର ପରିଚୟ। ତୋର ଚାଲିଚଳଣ, କାମଦାମ, ବିଚାର ଓ କଥାକୁ ଯିଏ ଦେଖିବ, ଶୁଣିବ ନିଶ୍ଚୟ ମନେ ପକାଇବ ମତେ। ଆଉ ଯଦି ସେ ମୋତେ ଜାଣି ନ ଥାଏ, ଚାହିଁବ ଜାଣିବାକୁ ମୋ ବିଷୟରେ।

ମନେ ପଡୁଛି ଜଣେ ବନ୍ଧୁଙ୍କ କଥା। ତାଙ୍କର ବାହାଘର ପରେ ଝିଅ ବିଦା ହେବା ବେଳେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରୁ ଓଢ଼ଣୀଟି ଟିକେ ଖସି ଯିବାରୁ ତାଙ୍କ ଶ୍ୱଶୁର ଝିଅର ଓଢ଼ଣୀଟି ଟାଣିନେଇ କେମିତି କହିଥିଲେ - 'ଝିଅ, ଏଇଟାକୁ ଜଗିଥିବୁ। ଏଥିରେ ଅଛି ତୋ ବାପାମଆଙ୍କ ସମ୍ମାନ। ଏହାର ମର୍ଯ୍ୟାଦାକୁ ବୁଝିବୁ। କେବେ ବି ଖସିବାକୁ ଦେବୁନି।' ଝିଅ! ତୁ ଭାବୁଛୁ କି ଏ କଥାର ପ୍ରାସଙ୍ଗିକତା ଏବେ ନାହିଁ ବୋଲି? ଏଇଟା ତ କାଳ କାଳର କଥା। ଏବେ ବୁଝୁଚି କାହିଁ କେଉଁ କାଳରୁ ଝିଅଟିକୁ 'କନ୍ୟାରତ୍ନ' ହିସାବରେ ଅଭିହିତ କରାଯାଇଛି। କାହିଁ ପୁଅଟି ପାଖରେ ଏ ବିଶେଷଣ ତ ଲାଗେନି? ମାଆ ଧରିତ୍ରୀଙ୍କର ଉଭୟ ଦାୟାଦଙ୍କ ଭିତରୁ ଝିଅଟିଏ ହିଁ ତାଙ୍କୁ



କାଳର ବକ୍ଷରେ ପ୍ରତିନିଧିତ୍ୱ କରିଆସୁଛି। କେବଳ ସେଥିପାଇଁ ଯେ ସେ ସର୍ଜନା କରେ, ପ୍ରତିପୋଷଣ କରେ ଓ ବାନ୍ଧି ରଖେ ଏ ପୃଥିବୀକୁ ସ୍ନେହର ରୁଜୁରେ।

ମାଆ ରେ! ଏ ସବୁ କଥା କହି ତତେ ଚାପଗ୍ରସ୍ତ କରୁନି ତ? ତୁ ଖୁସି ରହ, ସୁଖୀ ରହ। ଏହା ମୋର ଆଦ୍ୟାନ୍ତ ଇଚ୍ଛା ଓ କଲ୍ୟାଣ। ମାଆରେ! ତୁ ଜାଣିନୁ ଯେ ତୁ କି ଭାଗ୍ୟବତୀ। ତୁ ଏବେ ଯେଉଁ ସମୟ ସହିତ ଜଡ଼ିତ ଅଛୁ, ସେ ସମୟ ତୋ କଥା ଓ ସ୍ୱରର ମୂଲ୍ୟ ବୁଝେ। ତୋ କଥା ତଥା ତୋ ଇଚ୍ଛାକୁ ସମ୍ମାନ ଦେବାକୁ ଚେଷ୍ଟା କରେ। ଯେଉଁଟା ହୁଏ ତ ତୋ ଜେଜେ ମାଆ କି ମାଆଙ୍କ ପାଇଁ ସମ୍ଭବ ହେଇ ନ ଥିଲା। ମୁଁ ଜାଣେ ଏବେର କଥା ହେଉଛି ଏଇଆ ଯେ, ଝିଅଟାଏ ପୁଅଠାରୁ କୌଣସି ଗୁଣରେ କମ୍ ନୁହେଁ। ସେ ମଧ୍ୟ ପୁଅଟିଏ ପରି ସବୁ କାମ କରିପାରିବ ଓ କରୁଛି। ସତକଥା। ହେଲେ ତୁ ଡରୁଛୁ କି ଝିଅ? ଚିନ୍ତା କରୁଛୁ କି ତତେ ମଧ୍ୟ ସବୁ କରି ଦେଖାଇବାକୁ ପଡ଼ିବ? ସବୁ ବନିକି/ହେଇକି ସଂସାରରେ ଚଳିବାକୁ ପଡ଼ିବ? ଆଦୌ ବ୍ୟସ୍ତ ହଅନିରେ ମାଆ।

ତୁ ମୋର ଝିଅ, ମୋର ରତ୍ନଟିଏ। ତୁ ଝିଅଟିଏ ହିଁ ହୋଇକି ରହ। ସେଇ ଜୀବନକୁ ହିଁ ବଞ୍ଚେ। ପୁଅଟିଏ ପରି ହେବାର ବା ତା'କୁ ଅନୁକରଣ କରିବାର ପ୍ରୟାସ ଆଦୌ କରନାହିଁ। କରିବା ଦରକାର ମଧ୍ୟ ନାହିଁ। ତୁ ହେଲୁ ଶକ୍ତି ସ୍ୱରୂପିଣୀ। ତୁ ତୋ ଭିତରର ଶକ୍ତିକୁ ଚିହ୍ନ। ତା'କୁ ଠାବ କର। ତା'କୁ ଜାଗ୍ରତ କର। ତା' ସହିତ ସଂଯୁକ୍ତ କର ଏ ଆଧୁନିକ ଯୁଗର ସବୁ କଳା ଓ କୌଶଳ। ତୁ ଦେଖିବୁ ଏହିଥିରେ ତୋର ବଳ ଦ୍ୱିଗୁଣିତ ହେବ।

ମାଆ ରେ! ତୁ ଝିଅଟିଏ ବୋଲି ଏ ସମାଜ ସ୍ଥିର ନ କରୁ କ'ଣ ହେବ ତୋ କାର୍ଯ୍ୟ ପନ୍ଥା। ତୋର ଶକ୍ତି ଓ ଚାହିଁବାକୁ ନେଇ ତୁ ସ୍ଥିର କର ତୁ କ'ଣ କରିବୁ। ତୁ ଏକ ଦୈବୀ ସତ୍ତା। ତୋ ଭିତରେ ଥିବା ଆତ୍ମା ବା ବ୍ରହ୍ମସ୍ୱରୂପର କୌଣସି ଲିଙ୍ଗଭେଦ ନାହିଁ। ତେଣୁ ତୁ ସେହି ଆତ୍ମା ଓ ବିବେକର ଆହ୍ୱାନକୁ ଅନୁସରଣ କର। ସ୍ୱୟଂ ସମ୍ପୂର୍ଣ୍ଣ ହୁଅ।

ମାଆ ରେ! ତୁ ହୁଏ ତ ଜାଣିଥିବୁ ବିଖ୍ୟାତ ଦାର୍ଶନିକଙ୍କର ଏହି ନିମ୍ନୋକ୍ତ ବ୍ୟାଖ୍ୟା- 'ଜଣେ ସମ୍ପୂର୍ଣ୍ଣାର ହୃଦୟରେ ଥାଏ ଏକ ଦୈବୀଅଗ୍ନିର ସ୍ଫୁଲିଙ୍ଗ, ଯାହା ସ୍ୱାଚ୍ଛନ୍ଦ୍ୟର ଦିବାଲୋକରେ ହୁଏ ତ ନିଷ୍ପ୍ରଭ ଥାଏ; କିନ୍ତୁ ଦୁଃସମୟ ବା ଦୁର୍ଦ୍ଦିନରେ ଜାଜ୍ୱଲ୍ୟମାନ ହୋଇ ଉଠିଥାଏ। ତୋ ଠାରେ କେବଳ ସେଇ ବୁଦ୍ଧି ଓ ଶକ୍ତିର ସ୍ଥାୟୀ ଜମା ହିଁ କାମନା କରିବି।

ଆଜି ତୋ ପାଇଁ ମୋର କେବଳ ଏହି ଦୁଇ ପଦ କଥା।

ଭୁବନେଶ୍ୱର, ମୋ: ୯୪୩୭୦୩୧୮୬୮

## ଲାମା ତାରାନାଥ ଓ ଓଡ଼ିଶାରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ଖ୍ରୀ୧୫୭୫ରେ ଜନ୍ମିତ ତିବ୍ବତୀୟ ଲାମା ତାରାନାଥ ୩୪ ବର୍ଷ ବୟସରେ ରଚନା କରିଥିବା ତାଙ୍କର ପ୍ରସିଦ୍ଧ ତିବ୍ବତୀୟ ଗ୍ରନ୍ଥ 'ଭାରତରେ ବୌଦ୍ଧଧର୍ମର ଇତିହାସ' ପାଇଁ ବୌଦ୍ଧ ଜଗତରେ ଜଣେ ପରିଚିତ ବ୍ୟକ୍ତିତ୍ୱ ଏବଂ ତାଙ୍କର ଏହି ଇତିହାସ ମଧ୍ୟ ବହୁଳଭାବେ ଆଲୋଚିତ। ତାରାନାଥ ଏହି ଗ୍ରନ୍ଥରେ ଭାରତର ବିଭିନ୍ନ ପ୍ରସିଦ୍ଧ ବୌଦ୍ଧସ୍ଥଳଗୁଡ଼ିକ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରିଛନ୍ତି। ତାଙ୍କ ଗ୍ରନ୍ଥରେ ଅଧିକଭାବେ ବର୍ଣ୍ଣିତ ସ୍ଥାନ, ଅଞ୍ଚଳ ଓ ରାଜ୍ୟଗୁଡ଼ିକ ହେଲା- ମଗଧ, ବଙ୍ଗ, କାଶ୍ମୀର, ମଧ୍ୟଦେଶ, ନାଳନ୍ଦା, ଉଡ୍ଡୀୟାନ ଓ ଓଡ଼ିଭିଶ, ବାରାଣସୀ, ବିକ୍ରମଶିଳା ଓ ଓଦନ୍ତପୁରୀ। ଏସବୁ ସ୍ଥଳଗୁଡ଼ିକ ବୌଦ୍ଧ ଧର୍ମ, ଐତିହ୍ୟ ଓ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ପ୍ରାଚୀନ କାଳରେ ପ୍ରସିଦ୍ଧି ଲାଭ କରିଥିଲେ।

ତାରାନାଥଙ୍କ ଉଲ୍ଲେଖ ମୁତାବକ ମହାଯାନର ଉତ୍ପତ୍ତିସ୍ଥଳ ଥିଲା 'ଓଡ଼ିଭିଶ'। ତିବ୍ବତୀୟ ଗ୍ରନ୍ଥ ପାଗ୍-ସାମ୍-ଜନ୍-ଜାଙ୍ଗ୍‌ରେ ମଧ୍ୟ ଏହି ତଥ୍ୟ ଦର୍ଶାଯାଇଛି। ଏହି ଓଡ଼ିଭିଶ ହେଉଛି ବର୍ତ୍ତମାନର ଓଡ଼ିଶା ରାଜ୍ୟ। ବୌଦ୍ଧଗ୍ରନ୍ଥ 'ଗଣ୍ଡବ୍ୟୂହ'ରୁ ମଧ୍ୟ ଜଣାଯାଏ ଯେ ଖ୍ରୀ ୪ର୍ଥ ଶତାବ୍ଦୀରେ ତୋଷାଳୀ (ଯାହା ଉତ୍ତର ଓ ମଧ୍ୟ ଓଡ଼ିଶା) ମହାଯାନ ବୌଦ୍ଧଧର୍ମର କେନ୍ଦ୍ରସ୍ଥଳ ଥିଲା। ବୌଦ୍ଧ ଆଚାର୍ଯ୍ୟ ଦିଙ୍‌ନାଗଙ୍କ ନିବାସସ୍ଥଳୀ ଥିବା ଡେଲାଙ୍ଗ (ପୁରୀ ଜିଲ୍ଲା) ନିକଟସ୍ଥ ଭୋରାଶୈଳ, ପ୍ରାଚୀନ ଓଡ଼ିଶାର ଅନ୍ତର୍ଭୁକ୍ତ ଥିବା ତାମ୍ରଲିପ୍ତ (ବର୍ତ୍ତମାନ ପଶ୍ଚିମବଙ୍ଗରେ), ବାଲେଶ୍ୱରର ଜୟରାମପୁର, ଯାଜପୁର ଓ କଟକ ଜିଲ୍ଲାର ରତ୍ନଗିରି-ଉଦୟଗିରି-ଲଳିତଗିରି ଓ ତା' ଚାରିପାଖ ଅଞ୍ଚଳର ବହୁ ବୌଦ୍ଧସ୍ଥଳ ତଥା ପ୍ରାଚୀନ ଓଡ଼ିଶାର ଅନ୍ୟାନ୍ୟ ଅନେକ ବୌଦ୍ଧସ୍ଥଳ ୫ମରୁ ୭ମ ଶତାବ୍ଦୀ ବେଳକୁ ମହାଯାନର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ପରିଚିତ ତଥା ପ୍ରତିଷ୍ଠିତ ଥିଲେ। ଲାମା ତାରାନାଥ ଓଡ଼ିଭିଶ (ଓଡ଼ିଶା) ବିଷୟ ତାଙ୍କ ଗ୍ରନ୍ଥରେ ବହୁ ସ୍ଥାନରେ ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା:-

**ଦ୍ୱିତୀୟ-ବୁଦ୍ଧ କଥା**

ମହାପଦ୍ମନନ୍ଦଙ୍କ (ମଗଧ ସମ୍ରାଟ) ଅଳ୍ପକାଳ ପରେ ଚନ୍ଦ୍ରରକ୍ଷିତ ଓଡ଼ିଭିଶର ରାଜା ହେଲେ। କୁହାଯାଇଛି ବୌଦ୍ଧ ଦେବତା 'ଆର୍ଯ୍ୟ ମଞ୍ଜୁଶ୍ରୀ' ସନ୍ନ୍ୟାସୀ ବେଶରେ ତାଙ୍କ ନିକଟକୁ ଆସି ମହାଯାନ ବୌଦ୍ଧଧର୍ମର ମୂଳଗ୍ରନ୍ଥ 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ତାଙ୍କୁ ପ୍ରଦାନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖରୁ ଓଡ଼ିଶା ହିଁ ମହାଯାନର ଉତ୍ପତ୍ତିସ୍ଥଳ ବୋଲି କୁହାଯାଏ।

ବୌଦ୍ଧ 'ଗୃହ୍ୟସମାଜ'ର ଆର୍ଯ୍ୟମାନଙ୍କର ବିବରଣୀ ମୁତାବକ ବଙ୍ଗଳାର ରାଜା ଚନ୍ଦନପାଳଙ୍କ ସମସାମୟିକ ଭାବେ ବିସୁକଳ୍ପ ଓଡ଼ିଭିଶର ରାଜା ଥିଲେ। ସେ ସମୟରେ କୁରୁ ରାଜ୍ୟରେ ଧର୍ମକ ନାମକ ଜଣେ ବ୍ରାହ୍ମଣ ଥିଲେ। ସେ ଓଡ଼ିଭିଶ ବା ଓଡ଼ିଶା ଅଞ୍ଚଳରେ ମହାଯାନର ପ୍ରମୁଖ ଆଚାର୍ଯ୍ୟମାନଙ୍କ ନିମିତ୍ତ ଶହେ ଗୋଟି ବୌଦ୍ଧ ମନ୍ଦିର (ବିହାର) ନିର୍ମାଣ କରାଇଥିଲେ। ଓଡ଼ିଭିଶର କଟକ ସହରରେ ବୃହସ୍ପତି ନାମକ ଜଣେ ବ୍ରାହ୍ମଣ ବହୁ ବୌଦ୍ଧ ମନ୍ଦିର ନିର୍ମାଣ କରାଇବା ସହ ବୌଦ୍ଧ ସଂଘଗୁଡ଼ିକର ଭିକ୍ଷୁମାନଙ୍କୁ ବିଭିନ୍ନଭାବେ ଅତିଥି ସତ୍କାର ଓ ମନୋରଞ୍ଜନରେ ଆପାୟିତ କରିଥିଲେ। ରାଜ୍ୟ ଗମ୍ଭୀରପକ୍ଷଙ୍କର ବାରବର୍ଷର ରାଜୁତି ପରେ ରାଜା କର୍ମଚନ୍ଦ୍ର ସ୍ୱର୍ଗାରୋହଣ କଲେ। ତାଙ୍କ ପୁତ୍ର ବୃକ୍ଷଚନ୍ଦ୍ର ସିଂହାସନ ଆରୋହଣ କଲେ। ଏହି ରାଜାଙ୍କ ଦୁର୍ବଳ କ୍ଷମତା ଯୋଗୁଁ ଓଡ଼ିଭିଶର ରାଜ୍ୟ ପୂର୍ବାଞ୍ଚଳର ଅନେକ ରାଜ୍ୟ ଜୟ କରିଥିଲେ।

ସିଦ୍ଧାଚାର୍ଯ୍ୟମାନଙ୍କ ବିବରଣୀ ଅନୁଯାୟୀ କମ୍ବଳପାଦ ଓଡ଼ିଭିଶ ରାଜ୍ୟର ବାସିନ୍ଦା ଥିଲେ। ସେ ସିଦ୍ଧାଚାର୍ଯ୍ୟ ବଜ୍ରଘଣ୍ଟଙ୍କର ଶିଷ୍ୟ ଥିଲେ ଏବଂ ଓଡ଼ିଭିଶର ରାଜ୍ୟ ଇନ୍ଦ୍ରଭୂତିଙ୍କର ଗୁରୁ ଥିଲେ। ଆଚାର୍ଯ୍ୟ ତ୍ରିରତ୍ନ ଦାସ ଓ ଆଚାର୍ଯ୍ୟ ଭବ୍ୟଙ୍କ କାଳରେ ଓଡ଼ିଶାରେ ଭଦ୍ରପାଳିତ ନାମକ ଜଣେ ବ୍ରାହ୍ମଣ ଥିଲେ। ସେ ବୌଦ୍ଧଧର୍ମ ପାଇଁ ଅନେକ କାର୍ଯ୍ୟ କରିଥିଲେ। ଓଡ଼ିଭିଶର ଭୋରାଶୈଳ ବୌଦ୍ଧବିହାର ଅଞ୍ଚଳରେ ଥିବା ଗୁମ୍ଫାରେ ସେ ସାଧନା କରି ସିଦ୍ଧିପ୍ରାପ୍ତ ହୋଇଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ହାଇୱାକୁ ପଛରୁ ଧକ୍କାଦେଲା ଅଟୋ; ୩ ଆହତ

**ପାଣିକୋଇଲି, ୭ ।୩(ସମିସ):** ୧୬ନଂ ଜାତୀୟ ରାଜପଥର ପଥରପଦା ନିକଟସ୍ଥ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ହାଇୱା ପଛରେ ଅଟୋ ପିଟି ହୋଇଯିବାରୁ ଅଟୋରେ ବସିଥିବା ଚାଳକ ସମେତ ଦୁଇଯାତ୍ରୀ ଆହତ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ସରସଦା ଗ୍ରାମର ପ୍ରଫୁଲ୍ଲ ଷେଣ୍ଠ ଓ ତାଙ୍କ ପତ୍ନୀ ଅନୀମା ଅଟୋରେ ଛତିଆରୁ ଘରକୁ ଫେରୁଥିଲେ। ପଥରପଦାସ୍ଥ ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭର୍ସନ ନିକଟରେ ଏକ ହାଇୱା ହଠାତ ବାମ ପଟକୁ କାଟି ଦେବାରୁ ଅଟୋଟି ଭାରସାମ୍ୟ ହରାଇ ହାଇୱା ପଛରେ ପିଟି ହୋଇଯାଇଥିଲା। ଫଳରେ ଅଟୋଟି ଓଲଟି ପଡ଼ିଥିଲା। ଚାଳକଙ୍କ ସମେତ ପଛରେ ବସିଥିବା ଦମ୍ପତି ଛିଟିକି ପଡ଼ିଥିଲେ। ଉକ୍ତ ଦୁର୍ଘଟଣାରେ ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ପତ୍ନୀ ଓ ଚାଳକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

# ଯୁବତୀଙ୍କୁ ଅସଦାଚରଣ; ଯୁବକ ଗିରଫ

**ସୁକିନ୍ଦା, ୭।୩(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ବିରିଗଡ଼ା ଅଞ୍ଚଳର ଜଣେ ଯୁବତୀକୁ ଅସଦାଚରଣ କରିଥିବା ଅଭିଯୋଗରେ ପୁଲିସ ରାଜେଶ ମହାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିରିଗଡ଼ା ଅଞ୍ଚଳର ଯୁବତୀ ବୁଧବାର ଗ୍ରାମ ନିକଟ ରେଙ୍ଗାଲୀ କେନାଲ ନିକଟରେ ଛେଳି ଚରାଉଥିବା ସମୟରେ ପୁରୁଷୋତ୍ତମପୁର ଗ୍ରାମ ଈଶ୍ୱର ମହାନ୍ତଙ୍କ ପୁଅ ରାଜେଶ ମହାନ୍ତ ତାଙ୍କୁ ଅସଦାଚରଣ କରିଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ୫୨/୨୦୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ରାଜେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# କଜଳେଇ ଶିବ ମନ୍ଦିରରୁ ଚୋରି

**ସୁକିନ୍ଦା, ୭।୩(ସମିସ):** ସୁକିନ୍ଦା କଜଳେଇ ଶିବ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର କେନ୍ଦୁଡିପି ନିକଟ କଜଳେଇ ଶିବ ମନ୍ଦିରର ରୋଷଘର ନିକଟ ଷ୍ଟୋର ରୁମ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ପିତଳ ବାସନ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସକାଳେ ମନ୍ଦିରର ପୂଜାରୀ ପହଞ୍ଚି ତାଲା ଖୋଲାଥିବା ଦେଖି ମନ୍ଦିର କମିଟିକୁ ସୂଚନା ଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି।

# ଅଗ୍ନିକାଣ୍ଡରେ ଜଳିଗଲା ୫ ବଖରା

**କବାଟବନ୍ଧ, ୭ ।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବ୍ରହ୍ମପୁର ଗାଁରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳିଯାଇଛି। ପୋଡ଼ିଯାଇଥିବା ଘର ୩ଟି ପରିବାରର ଜଣାପଡ଼ିଛି। ଆଜି ଅପରାହ୍ନରେ ମାତାଜି ମଲିକ ଓ ତାଙ୍କର ଦୁଇପୁଅ ସଞ୍ଜୟ ମଲିକ ଓ ଅନ୍ୟ ଜଣେ ସେହି ଘରେ ଅଲଗା ରହୁଥିଲେ। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାପତ୍ର, ସାଇକଲ, ଟିଭି ପୋଡ଼ିଯାଇଥିବା ଜଣାପଡ଼ିଛି। ଚଢ଼େଇଧରା ଅଗ୍ନିଶମ ବାହିନୀ ଫାୟାର ଅଫିସର ଉଦ୍ଧବ ସାହୁ ଓ ଅନ୍ୟ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୫ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଧର୍ମଶାଳା ଥାନା ନୂତନ ଗୃହ ଉଦ୍‌ଘାଟିତ




**ଧର୍ମଶାଳା, ୭ ।୩(ସମିସ):** ଧର୍ମଶାଳା ଥାନାର ନୂତନ ଗୃହକୁ ଆଜି ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଯାଜପୁରର ଅତିରିକ୍ତ ଏସପି ଅନିରୁଦ୍ଧ ରାଉତରାୟ ଓ ଶୀତିକଣ୍ଠ କାନୁନଗୋ, ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝି, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ ମାଝୀ ଓ ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଉପସ୍ଥିତ ଥିଲେ। ପୁଲିସ ହାଉସିଂ ବୋର୍ଡ ପାଣ୍ଠିରୁ ନିର୍ମିତ ହୋଇଥିବା ଏହି ଗୃହର ରକ୍ଷଣାବେକ୍ଷଣ ଦାୟିତ୍ୱ ସହ ଲୋକଙ୍କୁ ଉପଯୁକ୍ତ ସେବା ଓ ନ୍ୟାୟ ପ୍ରଦାନ ଦିଗରେ ଏହା ସହାୟକ ହେବ ବୋଲି ବରିଷ୍ଠ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଥାନା କର୍ମଚାରୀ, କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଓ ଜାରକା ବିଟ ହାଉସ ଅଧିକାରୀ ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କୋରେଇ ଥାନା ନବନିର୍ମିତ ଗୃହ ଉଦ୍‌ଘାଟିତ

**ରଗଡ଼ି, ୭ ।୩(ସମିସ):** ମୁଖ୍ୟମନ୍ତ୍ରୀ ଶୁକ୍ରବାର ଆଭାସୀ ମାଧ୍ୟମରେ ରାଜ୍ୟରେ ୧୩ଟି ଥାନାର ନବନିର୍ମିତ ଗୃହକୁ ଉଦଘାଟନ କରିଛନ୍ତି। ତନ୍ମଧ୍ୟରେ ଯାଜପୁର ଜିଲ୍ଲାର ଧର୍ମଶାଳା ଓ କୋରେଇ ଥାନା ରହିଛି। କୋରେଇ ଥାନା ପରିସରରେ ଯାଜପୁରରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ରୂପେ ଯାଜପୁର ସାଂସଦ ରବିନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସ୍‌ପି ଯଶପ୍ରତାପ ଶ୍ରୀମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, କୋରାଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଯୋଗ ଦେଇଥିଲେ।

# ଆନ୍ତର୍ଜାତିକ ମହିଳା ଦିବସ ପାଳିତ ‘ମହିଳାମାନେ ପ୍ରତିବନ୍ଧକକୁ ନ ଡରି ଆଗକୁ ବଢ଼ିବା ଉଚିତ୍’

**ଯାଜପୁର, ୭।୩(ସମିସ)**




ଆଜି ଆନ୍ତର୍ଜାତିକ ମହିଳା ଦିବସ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ କହିଲେ, ସାରା ବିଶ୍ୱରେ ଏହି ଦିନଟି ନାରୀଙ୍କ ପାଇଁ ଉତ୍ସର୍ଗୀକୃତ। ଏହି ଦିବସରେ କିପରି ନାରୀଙ୍କ ଉନ୍ନତି ହେବ, ପୁରୁଷ ପ୍ରାଧାନ୍ୟ ସମାଜରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିବ, ସେମାନେ କିପରି ସେମାନଙ୍କ ପାଇଁ ଥିବା ଆଇନଗତ ସହାୟତା ନିମନ୍ତେ ସଚେତନ ହେବେ, ଏସବୁ ଦିଗପ୍ରତି ଆଲୋକପାତ କରିଥିଲେ। ନାରୀମାନଙ୍କ ବିନା ସୃଷ୍ଟି ଅସମ୍ଭବ। ସେମାନଙ୍କୁ ନେଇ ସବୁକିଛି ଚିନ୍ତା କରାଯାଇପାରେ। ତେଣୁ ସେହିମାନଙ୍କ ଉନ୍ନତି ପାଇଁ ତାଙ୍କ ଅଧିକାର ପାଇଁ ଯେଉଁ ବ୍ୟବସ୍ଥା ଅଛି, ସେଥିପ୍ରତି ସେମାନଙ୍କୁ ସଚେତନ କରାଇବା ଆଜି ଏହି ଦିବସର ମୂଳଲକ୍ଷ୍ୟ। ଆଜି ଆନ୍ତର୍ଜାତିକ ମହିଳା ଦିବସରେ ସମସ୍ତ ମା’ ଭଉଣୀଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ଆଶା କରିବି ଏହି କର୍ମଶାଳା ମାଧ୍ୟମରେ ଆମେ ସମସ୍ତେ ନିଶ୍ଚିତ ଭାବେ ସଶକ୍ତ ହେବା ଓ ଆଗାମୀ ଦିନରେ ମା ଓ ଭଉଣୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ କରିବା। ଯେପରି ସେମାନେ ଆମ ସମାଜକୁ ଆଗେଇ ନେବାକୁ ହେଉ, ଶକ୍ତି ଓ ସାମର୍ଥ୍ୟ ଦରକାର ଯୋଗାଇ ଦେବାରେ ସାମର୍ଥ୍ୟ ହେବେ।

ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଅଧ୍ୟକ୍ଷତା କରି କହିଲେ, ମହିଳାଙ୍କ ପ୍ରାଧାନ୍ୟ ବହୁ ଆଗରୁ ରହିଛି ଓ ଆଗକୁ ରହିବ। ସବୁ କ୍ଷେତ୍ରରେ ଏବେ ମହିଳାମାନେ ଆଗୁଆ ଅଛନ୍ତି। କ୍ରୀଡା, ଅନ୍ତରୀକ୍ଷ, ବିଜ୍ଞାନ, କୌଶଳ ସବୁ କ୍ଷେତ୍ରରେ ମହିଳାଙ୍କ ଅବଦାନ ବହୁ ମାତ୍ରାରେ ରହିଛି। ଇନ୍ଦିରା ଗାନ୍ଧୀଙ୍କଠାରୁ ଆରମ୍ଭ କରି ପିଟି ଉଷା, ମାଡାମ କ୍ୟୁରୀ ପର୍ଯ୍ୟନ୍ତ ସମସ୍ତେ ଆମ ପାଇଁ ମହିଳା ସଶକ୍ତୀକରଣର ଉଦାହରଣ। ପିଲାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତ ମହିଳାଙ୍କୁ ଉତ୍ସାହିତ କରିବା ଦରକାର। ସେହିପରି ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ଶ୍ରୀମତୀ ରେକ୍ସୋନା ଜେନା ସମସ୍ତଙ୍କୁ ଆନ୍ତର୍ଜାତିକ ମହିଳା ଦିବସର ଶୁଭେଚ୍ଛା ଜଣାଇବା ସହ କହିଲେ, ଆଜି ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସେମାନଙ୍କ ସ୍ୱତନ୍ତ୍ରତାକୁ ପ୍ରତିପାଦନ କରୁଛନ୍ତି। ଘରଠାରୁ ଆରମ୍ଭ କରି ବାହାର ବିଭିନ୍ନ କାର୍ଯ୍ୟରେ ନିଜର କର୍ତ୍ତବ୍ୟକୁ ତୁଲାଇ ଆସିଛନ୍ତି। ସମାଜର କିଛି ହୀନ ମାନସିକତା ପ୍ରକୃତିର ଲୋକଙ୍କ ପାଇଁ ଆଜିବି ନାରୀ କେଉଁଠି ନା କେଉଁଠି ନିଷ୍ପେସିତ ଓ ପ୍ରଭାବିତ। ଏଥିପାଇଁ ସମଗ୍ର ଜନ ସମାଜକୁ ସଚେତନ ହେବାକୁ ପଡ଼ିବ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କହିଲେ, ମହିଳାଙ୍କ ଶିକ୍ଷା, ସୁରକ୍ଷା, ସଶକ୍ତୀକରଣ ସାମାଜିକ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱ ପ୍ରତିପାଦନ କରିଥାଏ। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ମହିଳାଙ୍କ ବିଶେଷ ଭୂମିକା ରହିଛି। ସରକାର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗଦେଇ ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ନିମନ୍ତେ ଥିବା ବିଭିନ୍ନ ଅଧିନିୟମର ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସରେ ବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ଦୌଡ଼ିଟଣା, କବାଡି, ଖୋଖୋ, ମୁରୁଜ, ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଂଝାରପୁର ସିଡିପିଓ ରୁକ୍ମଣୀ ସାହୁ ଓ ମହିଳା ସୁପରଭାଇଜର ଦାନଗଦି ବ୍ଲକର ପୁଷ୍ପଲତା ସେଠୀ, ଦଶରଥପୁର ବ୍ଲକର ଜୟନ୍ତୀ ସାହୁ, କୋରେଇ ବ୍ଲକର ସୁଚିସ୍ମିତା ଜେନା, ୪ ଜଣ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ, ସୁପରଭାଇଜର, ଏସଏଚ୍‌ଜି, ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମକୋ କାରଖାନାରେ ଅଘଟଣ ଟ୍ରକ୍ ଚାପାରେ ନାବାଳକ ମୃତ



**ଧର୍ମଶାଳା, ୭।୩ (ସମିସ):** ହରିଦାସପୁର ନିକଟସ୍ଥ ରାମକୋ ସିମେଣ୍ଟ କରଖାନାର ଲୋଡିଂ ସାଇଡ୍‌ରେ ଟ୍ରକ୍ ଚାପାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଘଟଣା ପ୍ରଘଟ ହେବା ଆଶଙ୍କା କରି କମ୍ପାନୀ କର୍ତ୍ତୃପକ୍ଷ ବଞ୍ଚିଥିବା ଭାବି ହସପିଟାଲକୁ ପଠାଇ ଦେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜେନାପୁର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଗୋପୀନାଥ ଦାସଙ୍କ ପୁଅ ମାଧବ ଦାସ ବୋଲି ଜଣାପଡ଼ିଛି। ମାଧବ ବଡଭାଇଙ୍କ ଟ୍ରକ୍‌ରେ ଆସି ପ୍ଲାଣ୍ଟ ଭିତରେ ଥିବା ଲୋଡିଂ ସାଇଡକୁ ଯାଇଥିଲେ। ତେବେ ସେଠାରେ ସେ ଟ୍ରକ୍‌ରୁ ଓହ୍ଲାଇ ତଳେ ଥିବାବେଳେ ଅସାବଧାନତା ବସତଃ ଡ୍ରାଇଭର ଜଣକ ତାଙ୍କ ଉପରେ ଗାଡି ମଡାଇଦେଇଥିଲା। ନାବାଳକ ବଞ୍ଚିଥିବା ଭାବି କାରଖାନା କର୍ତ୍ତୃପକ୍ଷ ଆମ୍ବୁଲାନ୍ସରେ ଭର୍ତ୍ତି କରି ଚିକିତ୍ସା ନିମନ୍ତେ କଟକର ଏକ ବେସରକାରୀ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ପରିବାର ଲୋକେ କାରଖାନା ସାମ୍ନାରେ ପୁଅର ମୃତଦେହ ପାଇଁ ଅପେକ୍ଷା କରିଥିବାବେଳେ ପ୍ଲାଣ୍ଟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ପରିବାର ଲୋକେ କ୍ଷତିପୂରଣ ଦାବିରେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ସନ୍ଧ୍ୟା ପର୍ଯ୍ୟନ୍ତ ବସିଥିଲେ। ପରବର୍ତ୍ତୀ ସମୟରେ କାରଖାନାର ମୁଖ୍ୟ ପରିଚାଳକ ଆସି ଆଲୋଚନା କରିବା ସହ ମୃତକ ପରିବାରରୁ ଜଣକୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କାରଖାନା ପକ୍ଷରୁ ୫୦ ହଜାର ଟଙ୍କା ପୁଲିସ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା ଓ ଅନ୍ଦୋଳନକାରୀ ଧାରଣାରୁ ଓହରିଥିଲେ। ଧର୍ମଶାଳା ଓ ଜେନାପୁର ପୁଲିସର ଏକ ସେକସନ ପୁଲିସ ଫୋର୍ସ ସହ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଥିଲେ।

# ରିଟେଲର ଲାଇସେନ୍ସ ନବୀକରଣ ଆଳରେ ଅର୍ଥ ଆଦାୟ ଅଭିଯୋଗ

**ବରୀ, ୭ ।୩(ସମିସ):** ପ୍ରତିବର୍ଷ ମାର୍ଚ୍ଚ ମାସରେ ସରକାରୀ ଖୁଚୁରା ବ୍ୟବସାୟୀ ବା ରିଟେଲରଙ୍କ ଲାଇସେନ୍ସ ନବୀକରଣ କରାଯାଇଥାଏ। ଏହି ନବୀକରଣ ପାଇଁ ଗହମ, କିରୋସିନ ଓ ଚାଉଳ ପାଇଁ ୫ ଶହ ଟଙ୍କା ହିସାବରେ ୧୫ ଶହ ଟଙ୍କା ସରକାରୀ ଭାବେ ଚାଲାଣ ଡିପୋଜିଟ୍ କରାଯାଇଥାଏ। ସେହିପରି ରେଡକ୍ରସ ପାଣ୍ଠି ବାବଦକୁ ୫ଶହ ଟଙ୍କା ପ୍ରଦାନ କରାଯାଇଥାଏ। ଏହାବ୍ୟତୀତ ଅଣସରକାରୀ ଭାବେ ଆଉ କିଛି ଅର୍ଥ ଖର୍ଚ୍ଚ ପାଇଁ ଆଦାୟ କରାଯାଏ। ଏହି ଅଣସରକାରୀ ଅର୍ଥର ପରିମାଣ ଆକାଶ ଛୁଆଁ ହେବାରୁ ରିଟେଲର ମୁହଁ ନ ଖୋଲିଲେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅଗଷ୍ଟ ମାସରୁ ବରୀକୁ କିରୋସିନି ଆସୁନାହିଁ। ବରୀର କିରୋସନ କୋଟା କୁଆଡେ ଯାଉଛି ବୋଲି ରିଟେଲର ପ୍ରଶ୍ନ କରୁଛନ୍ତି। ସେହିପରି ଅଣସରକାରୀ ଭାବେ ହଜାରେ କିମ୍ବା ଦୁଇ ହଜାର ନୁହେଁ ତିନି ହଜାର ପାଞ୍ଚ ଶହରୁ ଅଧିକ ଅର୍ଥ ଯୋଗାଣ ଅଧିକାରୀ ଜୁଲମ କରି ଆଦାୟ କରୁଥିବା ଅନେକ ରିଟେଲର ଏହା ପ୍ରଦାନ କରୁଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଯାହା ପ୍ରତିବର୍ଷ ମାର୍ଚ୍ଚ ମାସରେ କରାଯାଏ, ସେହି ଧାରାରେ ଏ ବର୍ଷ କରାଯାଉଥବ ବୋଲି କହିଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ କୃଷକ ମେଳା ଓ ପ୍ରଦର୍ଶନୀ



**ଯାଜପୁର, ୭।୩(ସମିସ):** ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସହଯୋଗରେ ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ କୃଷକ ମେଳା ଓ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗରର ୨୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗଦେଇଥିଲେ। ପଶୁପାଳନରେ ଯାନ୍ତ୍ରିକରଣ, ଅମଳ ପରବର୍ତ୍ତୀ ଯନ୍ତ୍ରପାତି ଓ ପ୍ରକ୍ରିୟାକରଣ ଓ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଉପରେ ଏହି ମେଳାରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଓୟୁଏଟିର ପ୍ରଫେସର ଅଜୟ ଦାଶ, ଡ. ନିହାରସାହୁ, ଡ. ପାର୍ଥସାରଥୀ ସ୍ୱାଇଁ, ଗଙ୍ଗେଶ୍ୱର ସ୍ୱାଇଁ ଓ ନବକିଶୋର ସାହୁ ଯୋଗଦେଇ ଚାଷୀମାନଙ୍କ ସହ କୃଷି ସମ୍ପର୍କିତ ଆଲୋଚନା କରିବା ସହ ଚାଷରେ କିପରି ଯାନ୍ତ୍ରିକ ଉପକରଣ ବ୍ୟବହାର କରି ଅଧିକ ଅମଳ କରାଯାଇପାରିବ ମତ ରଖିଥିଲେ। ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏ ଅବସରରେ ଚାଷରେ ବ୍ୟବହୃତ ହେଉଥିବା ଅନେକ ଯାନ୍ତ୍ରିକ ଉପକରଣର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ ଏଫ୍‌ଏଏମ୍‌ଡିର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଶିଷ ବଞ୍ଚୋର୍, ରଜତ ଶତପଥୀ ଓ ସୌଭାଗ୍ୟ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୧ରେ ଯାଜପୁର ଆସୁଛନ୍ତି ମୁକୁନ୍ଦାନନ୍ଦଜୀ ମହାରାଜ



**ଯାଜପୁର, ୭।୩(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଯାଜପୁରର ଯୋଡିକୂଅସ୍ଥ ଶ୍ୟାମା ଶ୍ୟାମା ଧାମ (ରାଧାକୃଷ୍ଣ ମନ୍ଦିର) କୁ ଆସୁଛନ୍ତି ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜ। ମାର୍ଚ୍ଚ ୧୧ ଓ ୧୨ ତାରିଖ ୨ଦିନ ଧରି ମନ୍ଦିର ନିକଟସ୍ଥ ପଡ଼ିଆରେ ସନ୍ଧ୍ୟା ୬ଟାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଦିବ୍ୟ ପ୍ରବଚନ ପ୍ରଦାନ କରିବେ। ଏନ୍‌ସି କଲେଜଠାରୁ ଶୋଭାଯାତ୍ରାରେ ଆସି ଶ୍ୟାମା ଶ୍ୟାମା ଧାମରେ ପହଞ୍ଚିବେ। ଏ ନେଇ ମନ୍ଦିରର ମୁଖ୍ୟ କର୍ମକର୍ତ୍ତା ସନ୍ତୋଷ କୁମାର ସିଂ ଓ ଜଗନ୍ନାଥ ଦାସ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଜନ୍ମାଷ୍ଟମୀ, ରାଧାଷ୍ଟମୀ, କୃପାଳୁଜୀ ମହାରାଜଙ୍କ ଜନ୍ମଦିନ, ରାମନବମୀ, ନୂଆବର୍ଷରେ ଭକ୍ତି ଦିବସ ପ୍ରଭୃତି ପାଳନ କରି ଲୋକଙ୍କ ପ୍ରିୟଭାଜନ ହୋଇପାରିଛି। ସେହିପରି ମୁକୁନ୍ଦାନନ୍ଦଜୀଙ୍କ ଏହି ଆଗମନକୁ ପ୍ରତିବର୍ଷ ସହରବାସୀ ଅପେକ୍ଷା କରିଥା’ନ୍ତି। ଶହ ଶହ ବୁଦ୍ଧିଜୀବୀ ଓ ଭକ୍ତଙ୍କ ସମାଗମ ହୋଇଥାଏ। ସ୍ୱାମୀ ମୁକୁନ୍ଦାନନ୍ଦଜୀ ନିଜର ଜ୍ଞାନବର୍ଦ୍ଧକ ପ୍ରବଚନ ମାଧ୍ୟମରେ ବେଦ, ଉପନିଷଦ, ଗୀତା, ଭାଗବତ, ଅନ୍ୟାନ୍ୟ ଭାରତୀୟ ଓ ପାଶ୍ଚାତ୍ୟ ପ୍ରଣାଳୀକୁ ବ୍ୟାପକ ଭାବେ ଉଦ୍ଧୃତ କରିଥା’ନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ରାଧାକୃଷ୍ଣ ମନ୍ଦିର କମିଟି ପକ୍ଷରୁ ଦାମୋଦର ସିଂହ, ଗୋପାଳ ପଣ୍ଡା, ଜୟଶ୍ରୀ ସାମଲ, ଜିତେନ୍ଦ୍ର ସାହୁ, ହରେକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଜନଔଷଧି ଦିବସ ପାଳିତ



**ଯାଜପୁର ଟାଉନ, ୭।୩ (ସମିସ):** ଯାଜପୁର ଜିଲ୍ଲା ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଜନଔଷଧି ବିକ୍ରୟ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଜନଔଷଧୀ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ରବିନାରାୟଣ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିଡିଏମ୍‌ଓ ପ୍ରକାଶ ଚନ୍ଦ୍ର ବଳ ଯୋଗଦେଇ ଜନ ଔଷଧ ସମସ୍ତ ରୋଗ ପାଇଁ ବ୍ୟବହାର ଉପଯୋଗୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଜନଔଷଧର ନକଲି ଔଷଧ ନାହିଁ ବୋଲି ସୂଚନା ଦେଇଥିଲେ। ଡାକ୍ତରମାନେ ରୋଗୀଙ୍କୁ ଜନଔଷଧି ବ୍ୟବହାର କରିବା ପାଇଁ ପରାମର୍ଶ ଦେବାକୁ ସୂଚନା ଦିଆଯାଇଥିଲା। ମଧୁମେହ ଓ ଉଚ ରକ୍ତଚାପ ରୋଗ ସମେତ ୧୦୬ ପ୍ରକାର ଔଷଧ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ତରୀୟ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଓ ୧୭୨ ପ୍ରକାର ଔଷଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଉପଲବ୍ଧ ବୋଲି ସୂଚନା ଦେଇଥିଲେ। ଜନଔଷଧି ଦୋକାନର ହଳଧର ପାଣ୍ଡବ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିଂମାଂଶୁ ପାଣ୍ଡବ, ବୈଜୟନ୍ତୀ ରାଉତଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଯୋଗ ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**ସୁକିନ୍ଦା, ୭।୩(ସମିସ):** ସୁକିନ୍ଦା-ହାତିବାରୀ ରାସ୍ତାର ହରିପୁର ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଏକତାଳି ଗ୍ରାମର ମହେଶ୍ୱର ସାମଲଙ୍କ ପୁଅ ସୁବ୍ଧା ସାମଲ ଓ ବୈରିମାଳ ଗ୍ରାମର ସୁଦାମ ଜେନାଙ୍କ ପୁଅ ଶ୍ରୀନିବାସ ଜେନା ବାଇକ୍‌ରେ ମଙ୍ଗରାଜପୁରସ୍ଥ ଜଣେ ବନ୍ଧୁ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିବା ସମୟରେ ହରିପୁର କଲେଜ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ୧୦ରେ ଜିଲ୍ଲାପାଳଙ୍କ ଅଫିସ୍ ଘେରିବ କଂଗ୍ରେସ




**ଯାଜପୁର, ୭ ।୩(ସମିସ)**

ରାଜ୍ୟରେ ନାରୀ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଦରଦାମ ବୃଦ୍ଧି ପ୍ରତିବାଦରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଆଗାମୀ ୧୦ ତାରିଖ ଦିନ ରାଜ୍ୟର ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ ଆହ୍ୱାନ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜି ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନବନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବାଙ୍କୀ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ।

ବିଜେପି ସରକାର କ୍ଷମତାକୁ ଆସିବା ଦିନଠାରୁ ସମଗ୍ର ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଅତ୍ୟନ୍ତ ଉଦବେଗଜନକ। ଏଥିସହିତ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାବେଳେ ନ୍ୟାୟ ପାଇଁ ଲୋକେ ହଟହଟା ହେଉଛନ୍ତି। ନାରୀଙ୍କୁ ସୁରକ୍ଷା ଦେବାରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏ ପରିପ୍ରେକ୍ଷୀରେ ଆସନ୍ତା ୧୦ ତାରିଖରେ ସ୍ଥାନୀୟ କିଆନାଳୀ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହିତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ବୈଠକରେ ବଡଚଣା ନେତା ଅଜୟ ସାମଲ, ଧର୍ମଶାଳା ନେତା କିଷାନ ପଣ୍ଡା, ଯାଜପୁର ନେତା ସୁଦୀପ କର, ବିଂଝାରପୁରର କନକଲତା ମଲିକ, ସୁକିନ୍ଦାର ବିଭୁ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ମହିଳା ସଭାନେତ୍ରୀ ଆରତୀ ଦେଓ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ନାରାୟଣ ସାମନ୍ତ, ମିହିର ମିଶ୍ର, ସୁରେଶ ସାହାଣୀ, ରଣଜିତ ରାଜ, ମନୋଜ ଦାଶ, ଶ୍ୟାମସୁନ୍ଦର କର, ହରିହର ସାହୁ, ଦେବେନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସହ ବିଭିନ୍ନ ବ୍ଲକରୁ ଶତାଧିକ ନେତୃବୃନ୍ଦ ଯୋଗ ଦେଇଥିଲେ। ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲ୍ଲା ସଭାପତି ଶ୍ରୀ ରାଉତ ନିବେଦନ କରିଛନ୍ତି।

ସକାଳ
THE SAKALA
www.sakalaepaper.com

# ଜୀବନ ନୌକାରି ମଙ୍ଗୁଆଳି

ସେ ଅପରାଜିତା । ସେ ଜଗତଜିତା । ନାରୀ ସ୍ଥିର ଜଳରାଶି ଉପରେ ଆଙ୍କିପାରେ ନିଜ ଭାଗ୍ୟରେଖା । ଅଟକିଯିବା ସେ ଜାଣେ ନାହିଁ । ଗତିପଥ ବଦଳେଇ ଫେରିଯିବା ଯେମିତି ତା' ପାଇଁ ଏକ ଇଚ୍ଛାବିରୁଦ୍ଧ କାମ । ସମାଜର ସବୁ ବିଭାଗରେ ନାରୀର ସାକ୍ଷର ସ୍ପଷ୍ଟ । ହାଣ୍ଡିଶାଳର ଦାୟିତ୍ୱ ତୁଲାଇ ସେ ବି ନେଇପାରେ ସମାଜର ନେତୃତ୍ୱ । ସ୍ୱାଭିମାନୀ ଆଉ ସ୍ୱାବଲମ୍ବୀ ହେଇ ସେ ବି ଗଢ଼ି ଚାଲିଛି ନିତିଦିନିଆ ଜୀବନର ସମସ୍ତ ଆବଶ୍ୟକତା । ତା'ରି ପାଖରେ ରହିଛି ସବୁକିଛି ଗଢ଼ି ତୋଳିବାର ଅଯୁତ ସମ୍ଭାବନା । ଆସନ୍ତୁ, ଏଥରର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସେମିତି କିଛି ମହିଳାଙ୍କୁ ଭେଟିବା, ଯେଉଁମାନେ ନିଜ କ୍ଷେତ୍ରରେ ଜଣେ ଜଣେ ଯୋଦ୍ଧା ।

## ସକ୍ଷମ କରିଛି 'ମୋ ବସ୍'



ଜୀବନ ଚଳାପଥରେ ଅନେକ ବାଧାବିଘ୍ନ ଆସେ । ପରିସ୍ଥିତି ଆଗରେ ହାର ନ ମାନି କିପରି ସମସ୍ୟାର ସମାଧାନ ହେବ, ତାହା ସେ ଚିନ୍ତା କରିଥିଲେ । ଘରର ଆର୍ଥିକସ୍ଥିତି, ରୋଗାକ୍ରାନ୍ତ ବାପାଙ୍କ ଔଷଧ ଖର୍ଚ୍ଚ ଦାୟିତ୍ୱଭାରକୁ କାନ୍ଧରେ ବହି ଘରୁ ଗୋଡ଼ କାଢ଼ିଥିଲେ ଅନୁଗୁଳର ତରୁଣୀ ମୁଣ୍ଡା । ଚାକିରି ଖଣ୍ଡେ ଖୋଜି, ଏଇଠି ସେଇଠି ବୁଲିବା ପରେ, ସେ ରାଜଧାନୀରେ ପହଞ୍ଚି ଥିଲେ । ଏଇଠୁ ଆରମ୍ଭ ହୁଏ ଜୀବନ ସଂଘର୍ଷ । ପ୍ରଥମେ ଟେଲିକମ୍, ପରେ ଡାଟା ଏଣ୍ଟ୍ରି ଏବେ ମୋ ବସ୍‌ରେ ଗାଇଡ୍ ଭାବେ ସେ କାର୍ଯ୍ୟ କରୁଛନ୍ତି । ସାତ ବର୍ଷ ଧରି ଚାଲିଛି ଏହି ଯାତ୍ରା । ବସ୍‌ରେ କାର୍ଯ୍ୟ କରି ସେ ପରିବାରର ଆର୍ଥିକ ସ୍ଥିତି ସୁଧାରିପାରିଛନ୍ତି । ଏହା ତାଙ୍କୁ ଦେଇଛି ପରିଚୟ, ପରିବାର ପାଇଁ ଅର୍ଥ ଓ ପେଟକୁ ଦାନା । ଅବଶ୍ୟ ପ୍ରଥମେ ମହିଳା ଗାଇଡ୍ ଭାବେ କାର୍ଯ୍ୟ କରିବା ତାଙ୍କ ପାଇଁ ଅସହଜ ମନେ ହେଉଥିଲା, ଯାତ୍ରୀଙ୍କ ସହ ଭଲରେ ଯୋଗାଯୋଗ ହୋଇପାରୁ ନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିଜର ଅଦମ୍ୟ, ଉତ୍ସାହ ତାଙ୍କୁ ଏ ଦିଗରେ ଆଗକୁ ନେଇଥିଲା । ଧୀରେ ଧୀରେ ଲୋକଙ୍କ ସହ ମିଶିବା, ସେମାନଙ୍କୁ ସୁବିଧାରେ ଟିକେଟ୍ କରି ଗାଡ଼ିରେ ଚଢ଼ାଇବା ତାଙ୍କର ନିତିଦିନିଆ ଦାୟିତ୍ୱ ପାଳଟିଥିଲା । ଦୈନିକ ୮ ଘଣ୍ଟା ପରିଶ୍ରମ କରି ଘରକୁ ଫେରିଲେ ଆତ୍ମସନ୍ତୋଷ ମିଳେ ବୋଲି ତରୁଣୀ କୁହନ୍ତି । ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ସହ ଏକ ପ୍ରକାର ସମାଜ ପାଇଁ ଭଲ କାର୍ଯ୍ୟ କରୁଥିବାରୁ ସେ ବେଶ୍ ଖୁସି ଥିବା କହିଛନ୍ତି । ମୋ ବସ୍ ମୋ ପରିଚୟ । ମୋ ପରି ସବୁ ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଛି ।

## ଜଟିଳ ଜୀବନର ସରଳ ସୂତ୍ରଧର




ମମତା ନାଏକ । ଘର ଖୋର୍ଦ୍ଧା । ଦୀର୍ଘ ୨୦ ବର୍ଷ ଧରି ସେ ଭୁବନେଶ୍ୱରରେ ଜଣେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି । ଏଥିରୁ ରୋଜଗାର କରି ସେ ନିଜର ତେଲ ଲୁଣ ସଂସାର ଚଳାଉଛନ୍ତି । ପରିବାର କହିଲେ ମାଆ ପୁଅ ଦୁଇଜଣ । ଚାକିରି କରିବାର ଦଶବର୍ଷ ପରେ ସେ ନିଜ ସ୍ୱାମୀଙ୍କୁ ହରାଇଥିଲେ । ଅଳ୍ପ ବୟସରେ ମଥାର ସିନ୍ଦୂର ଲିଭିଯିବାର ଦୁଃଖକୁ ଛାତିରେ ଚାପି ସେ ଆଗକୁ ବଢ଼ିଥିଲେ । ଏକାକୀ ମହିଳା ଭାବେ ପୁଅକୁ ଧରି ଭଡ଼ାରେ ରହି ତାକୁ ମଣିଷ କରିବାକୁ ସେ ପଣ କରିଥିଲେ । ପୁଅ ପଢ଼ିବା ଖାଇବା, ପିନ୍ଧିବାରେ ଯେପରି ସମସ୍ୟା ନ ହେବ, ସେଥିପାଇଁ ବର୍ଷା, ଖରା , ଶୀତକୁ ଖାତିର ନ କରି ପାଦରେ ଚପଲ, ହାତରେ ଝାଡୁ ଧରି ହସ ହସ ମୁହଁରେ ବାହାରିଥାନ୍ତି ସଫେଇ କାର୍ଯ୍ୟରେ । ସକାଳ ୫ଟାରୁ ଦିନ ୧୧ ଟା ଯାଏଁ ଚାଲେ ଏହି କାମ । ଅନ୍ୟ ଉପରେ ନିର୍ଭର ନ ହୋଇ ହାତ ଗୋଡ଼ ଚାଲୁଥିବା ଯାଏ, ଖଟି ଖାଇବା, ଦୁଃଖ କରିବାର କିଛି ନାହିଁ ବୋଲି କୁହନ୍ତି ମମତା । ଆଜିର ସମୟରେ ସବୁ ମହିଳା ନିଜେ ସ୍ୱାବଲମ୍ବୀ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି ।

## ପରିଚୟ ଦେଇଛି ଷ୍ଟିୟରିଂ




ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଥିଲେ ସବୁ କାର୍ଯ୍ୟ ସମ୍ଭବ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ୪୨ ବର୍ଷୀୟା ମୋ ଇ-ରାଇଡ୍ ଚାଳିକା ରଶ୍ମିତା ପ୍ରଧାନ । ବୟସ କେବେ ବାଧକ ସାଜେନି । ଜଣେ ଗୃହିଣୀ ଭାବେ ଘରର କାର୍ଯ୍ୟ ସାରି ଖାଲିରେ ବସି ସମୟ ଅପଚୟ କରିବାକୁ ସେ ଚାହିଁ ନଥିଲେ । ତେଣୁ ରୋଜଗାର କରି ସ୍ୱାବଲମ୍ବୀ ହେବା ସହ ସମୟର ସଦୁପଯୋଗ ପାଇଁ ସେ 'ମୋ ଇ-ରାଇଡ୍' ଚଲାଇବାକୁ ନିଷ୍ପତ୍ତି ନେଇଥିଲେ । ମାସେ ହେବ ଏହି କାର୍ଯ୍ୟ କରୁଛନ୍ତି । ପାରିବାରିକ ସମସ୍ୟା, ଅର୍ଥାଭାବ ନଥିବା ସତ୍ତ୍ୱେ ସେ ନିଜେ ରୋଜଗାରକ୍ଷମ ହୋଇ ସମାଜରେ ଆତ୍ମନିର୍ଭର ହେବା ପାଇଁ ଏହି କାର୍ଯ୍ୟ କରୁଥିବା କହିଛନ୍ତି । ଏଥିରୁ ଖୁସି ମିଳେ । ସକାଳୁ ଉଠି ଘରର କାମ ସାରି ୟୁନିଫର୍ମ ପିନ୍ଧି ଅଟୋ ନେଇ ସେ ବାହାରି ପଡ଼ନ୍ତି । ଏହି କାର୍ଯ୍ୟରେ ତାଙ୍କୁ ଆତ୍ମସନ୍ତୋଷ ମିଳେ ସେ କୁହନ୍ତି । ତାଙ୍କ ପରି ନୂଆ ଇ-ରାଇଡ ମହିଳାଙ୍କ ସହ ସହ ଭେଟ ହୁଏ । ସମୟ ଅତିବାହିତ ହେବା ସହ ଏକ ପ୍ରକାର ମନୋରଞ୍ଜନ ହୋଇଯାଏ । ପୁଣି ଥରେ ସ୍କୁଲ ଜୀବନକୁ ଫେରିଗଲା ଅନୁଭବ ହୋଇଥାଏ । ବିଶେଷ କରି ଇ-ରାଇଡର ଭାବେ ରୋଗୀଙ୍କୁ ମେଡିକାଲରେ ପହଞ୍ଚାଇପାରୁଥିବା ଯୋଗୁ ବେଶୀ ଖୁସି ଲାଗେ । କାରଣ ମାନବ ସେବା ହିଁ ମାଧବ ସେବା ।

## ହାରି ନାହିଁ କି ହାରିବି ନାହିଁ

ଗରିବ ସତ, କିନ୍ତୁ ସମ୍ମାନ ଟିକକ ଆମକୁ ବଡ଼ ବୋଲି କୁହନ୍ତି ଜାରମରା ଗ୍ରାମର ବିମଳା ବେହେରା । ସେ ଜଣେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରନ୍ତି । ବାବୁ ବାବୁଆଣୀଙ୍କ ଘରେ ବାସନ ମାଜି ପରିବାରର ନିତିଦିନିଆ ଖର୍ଚ୍ଚ ଉଠାଇଥାନ୍ତି । ଅବଶ୍ୟ କାମ କରିବାକୁ ବେଳେବେଳେ ବିତୃଷ୍ଣା ଭାବ ଆସିଯାଏ, ହେଲେ ପେଟ ପାଇଁ ଏତେ ସବୁ କରିବାକୁ ହୁଏ ବୋଲି ସେ କହିଛନ୍ତି । ଜୀବନ ଜିଇଁବା ଭାରି କଷ୍ଟ । ପାଠ ସିନା ନାହିଁ, ହେଲେ ସ୍ୱାଭିମାନ ଆଉ ବିବେକ ଟିକକ ଅଛି । ତେଣୁ ପରଠୁ ମାଗିଯାଚି ଚଳିବା ଅପେକ୍ଷା ନିଜେ କାମ କରି ଦୁଇପଇସା ରୋଜଗାର କରି ପରିବାର ଚଳାଇବା ଖୁବ୍ ଭଲ । କାମରେ ଛୋଟ ବଡ଼ କିଛି ନାହିଁ।



## ଯଶୋଦା ମାଆ

ଜନମ ଦେଇ ନାହାନ୍ତି ସତ, କିନ୍ତୁ ମା' ଯଶୋଦା ଭଳି ବାତ୍ସଲ୍ୟ ମମତା ଅଜାଡ଼ି ଦେଇଛନ୍ତି ପିଲାଙ୍କ ଉପରେ । ପିଲାଟି ଝୁଣ୍ଟି ପଡ଼ିଲେ ମାଆ ଭଳି ଉଠାଇ ଝାଡ଼ି ଦିଅନ୍ତି ପଣତ କାନିରେ । କୌଣସି ପିଲାର ଦେହ ଖରାପ ହେଲେ ତାଙ୍କ ଆଖିରୁ ନିଦ ଉଡ଼ିଯାଏ । ଦିନରାତି ସେବା ଯତ୍ନରେ ଲାଗିପଡ଼ନ୍ତି । ନିଜର ଦୁଃଖକୁ ଭୁଲି ପିଲାଙ୍କ ଖୁସିରେ ସେ ନିଜକୁ ଦେଖନ୍ତି । ପିଲାଙ୍କୁ ଆକଟକରି ବାଟ ଚାଲିବା ଶିଖାନ୍ତି । ସେମିତି ଜଣେ ମାଆ ହେଲେ ନୟାଗଡ଼ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ କାର୍ଯ୍ୟରତ ଅନୁପମା ପଣ୍ଡା ।

ଜୀବନପଥ କାହା ପାଇଁ ସରଳ ତ ପୁଣି କାହା ପାଇଁ ଜଟିଳ । କେତେବେଳେ ସକାଳର ସୂର୍ଯ୍ୟ କିରଣ ଭଳି ସାଇତା ମେଞ୍ଚାଏ ସ୍ୱପ୍ନ ତ କେତେବେଳେ ମରୁଭୂମିର ମରୀଚିକା । ଜୀବନର ଉଠାଣି ଗଡ଼ାଣି ମଧ୍ୟରେ ବାଟ ଚାଲିଲା ବେଳେ ସେ ବହୁ ବାଧା ବିଘ୍ନର ସମ୍ମୁଖୀନ ହୋଇଥିଲେ । ତଥାପି ଦମ୍ଭ ନେଇ ସେ ଆଗକୁ ବଢ଼ିଥିଲେ । ସାଧାରଣତଃ ବିବାହ ବୟସ ହେବାପରେ ସମସ୍ତେ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । କିନ୍ତୁ ସେ ପରିବାରର ଆର୍ଥିକ ସ୍ଥିତି ଓ ଦୁଇ ଭଉଣୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସାରା ଜୀବନ ଅବିବାହିତ ରହିବାକୁ ନିଷ୍ପତ୍ତି ନେଇଥିଲେ । ଫଳରେ ସେବାକୁ ଜୀବନର ବ୍ରତ ଭାବେ ସେ ଗ୍ରହଣ କରିଥିଲେ । ୨୦୦୦ ମସିହାରେ ସେ ପ୍ରଥମେ ଭୁବନେଶ୍ୱରସ୍ଥିତ ଏସ୍‌ଓଏସ୍ ଶିଶୁ ଗ୍ରାମରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏଠାରେ ଅନାଥ, ଅସହାୟ ପିଲାଙ୍କ ଯତ୍ନ ନେବାରେ ସମୟ ଅତିବାହିତ କରିଥିଲେ । କିନ୍ତୁ କେବଳ ପିଲାଙ୍କ ସେବାରେ ସେ ନିଜକୁ ସୀମିତ ରଖିବାକୁ ଚାହିଁନଥିଲେ । ସମାଜରେ ଥିବା ଅନ୍ୟ ଲୋକଙ୍କ ସେବା, ସହଯୋଗ କରିବାକୁ ଚାହିଁଥିଲେ, ଫଳରେ ପଟିଆସ୍ଥିତ ଏଲ୍. ଭି. ପ୍ରସାଦ ଚକ୍ଷୁ ହସ୍ପିଟାଲରେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ସେ 'ସହାୟ' ସଂସ୍ଥା ସହ ଯୋଡ଼ି ହୋଇ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ଆସୁଥିବା ଗରିବ, ଅସହାୟ ତଥା ଅପରିଚିତ ରୋଗୀଙ୍କ ସେବାଯତ୍ନରେ ନିଜକୁ ସମର୍ପି ଥିଲେ । କିଛି ବର୍ଷ ସେ ଏହି ରୋଗୀସେବାରୁ ବିରତି ନେଇଥିଲେ । ଏବେ ସେ ନୟାଗଡ଼ ଜବାହର ନବୋଦ୍ୱୟ ବିଦ୍ୟାଳୟରେ ମାଟ୍ରନ୍ ଭାବେ କାର୍ଯ୍ୟ କରୁଛନ୍ତି ।



## ସଂଘର୍ଷରୁ ସମର୍ଥ



ପ୍ରତିକୂଳ ପରିସ୍ଥିତି ତାଙ୍କୁ ହରାଇ ପାରିନି । ମୁହଁର ଟିକକ ହସ ତାଙ୍କୁ ସାହସ ଦେଇଛି । ଦୃଢ଼ ମନୋବଳ ଓ ଇଚ୍ଛା ଶକ୍ତି ତାଙ୍କୁ କାର୍ଯ୍ୟ କରିବାକୁ ମାର୍ଗ ଦେଖାଇଛି । ଜଳଖିଆ ଦୋକାନଟିଏ କରି ଗରମ ବରା, ପକୁଡ଼ି, ଇଟିଲି, ଘୁଗୁନି ଆଦି ତିଆରି କରି ପରଷି ଦିଅନ୍ତି ଗ୍ରାହକଙ୍କୁ । ସେଥିରୁ ରୋଜଗାର କରି ନିଜର ପରିବାର ଚଳାନ୍ତି, ଭୁବନେଶ୍ୱରର ଶାନ୍ତିଲତା ସାହୁ । ତାଙ୍କୁ ବୟସ ୪୫ ବର୍ଷ । ଅନ୍ୟ କେଉଁଠି କାର୍ଯ୍ୟ କରି କାହା ଅଧୀନରେ ରହିବାକୁ ସେ ଚାହିଁ ନଥିଲେ । ତେଣୁ ନିଜେ ଆତ୍ମନିର୍ଭର ହେବା ପାଇଁ ସେ ନିଜର ଏକ ଜଳଖିଆ ଦୋକାନ ଖୋଲିଥିଲେ । ଆଠ ବର୍ଷ ଧରି ଚାଲିଛି ତାଙ୍କର ଏହି ଜଳଖିଆ ବେପାର । ଦୈନିକ ଭୋର୍ ପାଞ୍ଚଟାରୁ ଦିନ ୧୨ ଟା ଯାଏ ସେ ଦୋକାନ ଚଳାଇଥାନ୍ତି । ଅବଶ୍ୟ ଏସବୁ କାର୍ଯ୍ୟ ସେ ଏକାକୀ କରନ୍ତି ନାହିଁ । ତାଙ୍କ ପିଲାମାନେ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥାନ୍ତି ବୋଲି କଳ୍ପନା କୁହନ୍ତି ।

## ରୋଜଗାର ଦେଇଛି ଆବର୍ଜନା



ଜୀବନ ସଂଘର୍ଷମୟ । ସୁଖ ପରେ ଦୁଃଖ ପର୍ଯ୍ୟାୟକ୍ରମେ ଆସିଥାଏ । କିନ୍ତୁ ଦୃଢ଼ ମନୋବଳ ଆତ୍ମବିଶ୍ୱାସ ଥିଲେ ସବୁକିଛି ସମ୍ଭବ ତାହାକୁ ପ୍ରମାଣିତ କରି ଦେଖାଇଛନ୍ତି ୩୫ ବର୍ଷିୟା ଜରିଗୋଟାଳି କଳ୍ପନା (ଛଦ୍ମନାମ) । ଅପରିଷ୍କାର, ଅଦରକାରୀ, ଅଲୋଡ଼ା ଜିନିଷ ସାଜିଛି ତାଙ୍କ ଅର୍ଥ ଉପାର୍ଜନର ମାଧ୍ୟମ । ଏହା ଦ୍ୱାରା ସେ ନିଜର ପରିବାର ପ୍ରତିପୋଷଣ କରନ୍ତି । ସକାଳ ହେଲେ ଜରି ଅଖାଟିଏ ଧରି ସହରର ସମସ୍ତ ଗଳିକନ୍ଦି ବୁଲି ଅଳିଆ ଉଠାନ୍ତି । ଭଙ୍ଗାକାଚ ବୋତଲ, ଲୁହା, ପ୍ଲାଷ୍ଟିକ୍ ଜରି, ଅଲୋଡ଼ା ସାମଗ୍ରୀକୁ ସଂଗ୍ରହ କରି ତାକୁ କବାଡ଼ିଖାନାରେ ବିକ୍ରିକରି ସେଥିରୁ ଚଳନ୍ତି । ଏଥିପାଇଁ ଦୈନିକ ସଂଘର୍ଷ କରିବାକୁ ପଡ଼ିଥାଏ । ଖରା , ବର୍ଷା, ଶୀତ କାକରରେ ବୁଲି ଅଳିଆ ସବୁକୁ ଗୋଟାଇବାକୁ ପଡ଼ିଥାଏ ବୋଲି କୁହନ୍ତି କଳ୍ପନା ।

## ପରିବାରର ଖୁସିର ଚାବି

ସଙ୍ଗୀତ ମହାବିଦ୍ୟାଳୟରେ ପାଠପଢ଼ୁଥିବା ସମୟରେ ବାପା ଅସୁସ୍ଥ ହୋଇପଡ଼ିଥିଲେ, ଫଳରେ ଔଷଧ ଖର୍ଚ୍ଚ, ଘରର ଦାୟିତ୍ୱ ସାଙ୍ଗକୁ ପଢ଼ାଖର୍ଚ୍ଚ ଉଠାଇବା ପାଇଁ ରୋଜଗାର କରିବାକୁ ମନସ୍ଥ କରିଥିଲେ ଇତିଶ୍ରୀ । ତେଣୁ ସେ ଏକ ଚାକିରି ସନ୍ଧାନ କରିଥିଲେ । ବହୁ ଖୋଜାଖୋଜି ପରେ ସେ ପ୍ରଥମେ ଗୋଟିଏ ଷ୍ଟୋର୍‌ରେ କାମ ଆରମ୍ଭ କରିଥିଲେ ; କିନ୍ତୁ ପରବର୍ତ୍ତୀ ସମୟରେ ସେ ଜଣେ ସେଲ୍‌ସ ଗର୍ଲ ଭାବେ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିଥିଲେ । ଏହା ଦ୍ୱାରା ସେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ଲୋକଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ଜଣେ ସେଲ୍‌ସ କର୍ମଚାରୀ ଭାବେ ଦୈନିକ ୧୨ ଘଣ୍ଟା କାର୍ଯ୍ୟ କରିବାକୁ ପଡ଼ିଥାଏ । ଶରୀର ପୀଡ଼ା, କାର୍ଯ୍ୟଚାପ, ତଥା ମାସ ଶେଷ ସୁଦ୍ଧା ଟାର୍ଗେଟ୍ ପୂରଣ କରିବାକୁ ପଡ଼ିଥାଏ । ଏଥି ସହିତ ବେଳେବେଳେ ଗ୍ରାହକଙ୍କଠୁ କଟୁକଥା ମଧ୍ୟ ଶୁଣିବାକୁ ମିଳିଥାଏ । ଏସବୁ ମାନସିକ ଚାପରେ ରହି ମଧ୍ୟ ବଞ୍ଚିବା ଶିଖିଛନ୍ତି ବୋଲି କୁହନ୍ତି ଇତିଶ୍ରୀ । ଖୁସି ଲାଗେ ମାସ ଆରମ୍ଭରେ ବୋଉ ହାତକୁ କିଛି ଟଙ୍କା ଦେଇପାରୁଛି । ଏଥି ସହ ସାନଭାଇର ପଢ଼ାଖର୍ଚ୍ଚ ତୁଲାଇପାରୁଛି । ଚାକିରି କରି କେବଳ ଘରର ଆର୍ଥିକ ଅବସ୍ଥା ସୁଧାରିଛି ତାହା ନୁହେଁ, ଏହା ସମାଜରେ ସମ୍ମାନର ସହ ବଞ୍ଚିବାର ବାଟ ଦେଖାଇଛି । ନୂଆ ନୂଆ ଲୋକଙ୍କ ସହ ମିଶିବା, ପାଞ୍ଚଟା ନୂଆ କଥା ଜାଣିବା ପାଇଁ ସୁଯୋଗ ମିଳିଛି ।



## ଭାଗବତ ସପ୍ତାହ ଅନୁଷ୍ଠିତ



**ବାରିକପୁର,୭ ।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ ବ୍ରାହ୍ମଣ ସାଶନ ଠାରେ ନବଦିନ ବ୍ୟାପି ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୂଜକ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଞ୍ଚଗବ୍ୟ, ସୂର୍ଯ୍ୟ ପୂଜା, ଗଣପତି ପୂଜା, ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା ଓ ଜଗନ୍ନାଥଙ୍କ ପୂଜା ସହିତ ଉତ୍ସବ ଶୁଭାରମ୍ଭ ହୋଇଥିଲା । ସହଯୋଗୀ ପୂଜକ ଅମୂଲ୍ୟ ପଣ୍ଡା, ଉମେଶ ଚନ୍ଦ୍ର ପଣ୍ଡା, ପ୍ରସନ୍ନ ପଣ୍ଡା ପ୍ରମୁଖ ଦୈନିକ ଭାଗବତ ପାଠ କରିବା ସହିତ ବୈଦିକ ରୀତି ନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତିଙ୍କ ପୂଜାର୍ଚ୍ଚନା କରିଛନ୍ତି । ପ୍ରତ୍ୟେକ ଦିନ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ଭାଗବତ ଶ୍ରବଣ କରିଛନ୍ତି । ଆୟୋଜିତ ଉତ୍ସବରେ ସଂକଳ୍ପ କର୍ତ୍ତା ଭାବେ ବାମଦେବ ସାହୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହେଉଛି ।

## ଶ୍ରୀରାମ ବିଜୟା ଦଶମୀ ପାଇଁ ପ୍ରସ୍ତୁତି ବୈଠକ




**ଧାମନଗର,୬ ।୩(ସମିସ):** ଆସନ୍ତା ଏପ୍ରିଲ ୮ ତାରିଖ ଧାମନଗରରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଳନ କରାଯିବ । ଏଥିପାଇଁ ସ୍ଥାନୀୟ ମେଳଣ ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବିଧାୟକ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ବିଜୟା ଦଶମୀ ଉତ୍ସବକୁ ଦିବ୍ୟ ଏବଂ ଭବ୍ୟ କରିବାକୁ ସବୁବର୍ଗର ସମ୍ପୃକ୍ତି ପାଇଁ ଗୁରୁତ୍ୱ ଦେଇଥିଲେ । ୫ବର୍ଷ ଧରି ଧାମନଗରରେ ଏହି ସାଂସ୍କୃତିକ ମହୋତ୍ସବ ଭାଇଚାରା ନିଦର୍ଶନ ମଧ୍ୟରେ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ୨୫ ତାରିଖ ଦିନ ଜୟନଗରଠାରୁ ମେଳଣ ପଡ଼ିଆ ପର୍ଯ୍ୟନ୍ତ ଗଣଦୌଡ଼ରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ । ଏପ୍ରିଲ ୬ରେ ଅଧିବାସ, ୭ରେ କଳସ ଶୋଭାଯାତ୍ରା ଓ ମହାଯଜ୍ଞର ଆରମ୍ଭ, ୮ରେ ପୂର୍ଣ୍ଣାହୁତି ଏବଂ ବିଶାଳ ନଗର ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି । ଗୋହିରାଟିକିରି ଆଶ୍ରମର ମହନ୍ତ ଜଗା ବାବା, ଅଶୋକ ପୁହାଣ, ମହେଶ୍ୱର ସ୍ୱାଇଁ, ଶରତ ମହାନ୍ତି, ରଘୁନାଥ ଲେଙ୍କା, ଚତୁର୍ଭୁଜ ନାୟକ, କୈଳାସ ମହାପାତ୍ର, ରସାନନ୍ଦ ମହାପାତ୍ର, ବୁଦ୍ଧଦେବ ଜେନା, ଉମାମଣୀ ସାହୁ, ଚିତ୍ତରଞ୍ଜନ ଦାସ, ମାନସ ମହାପାତ୍ର, ଦେବେନ୍ଦ୍ର ପୁହାଣ, ବୀରେନ୍ଦ୍ର ଜେନା, ଦୀପ୍ତିରଞ୍ଜନ ଜେନା ପ୍ରମୁଖଙ୍କ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନର ଶତାଧିକ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ । ଆବାହକ ସରୋଜ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## କୃତୀ ଛାତ୍ରଛାତ୍ରୀ ପୁରସ୍କୃତ




**ବାରିକପୁର,୭ ।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଣଜିତ୍ ବଳଦେବଜୀଉ ସରକାରୀ ଉପ୍ରା ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ପ୍ରଧାନ ଶିକ୍ଷକ ସୁନୀଲ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଆରସି ଅକ୍ଷୟ ଜେନା, ସିଆରସିସି ରାଧାଶ୍ୟାମ ମଲ୍ଲିକ, ଶିକ୍ଷୟିତ୍ରୀ ମୋନାଲିସା କର, ମିନତୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାର୍ଥୀମାନଙ୍କ ସାଂସ୍କୃତିକ, ସାମାଜିକ, ଆଧ୍ୟାତ୍ମିକ, ସାଙ୍ଗଠନିକ ଆଦି ଗୁଣାବଳୀ ସମ୍ପର୍କରେ ପ୍ରଶଂସା କରିବା ସହିତ ସେମାନଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ତପନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ନିରୂପମା ନାୟକ ବିବରଣୀ ପାଠ ଓ ଶିକ୍ଷକ ବିବେକାନନ୍ଦ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସରସ୍ୱତୀ ମହାନ୍ତି, ରଶ୍ମିଲତା ପାତ୍ର, ସଂଯୁକ୍ତା ମହାନ୍ତି, ମୋନାଲିସା ରାୟ ପ୍ରମୁଖ ପରିଚାଳନା କରିଥିଲେ ।

ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ମନମାନୀ ବିରୁଦ୍ଧରେ ଉଠିଲା ସ୍ୱର

# ବିକାଶ ବଦଳରେ ଟ୍ରକ ଚକାତଳେ ଯାଉଛି ଜୀବନ

**ବାସୁଦେବପୁର,୭।୩(ସମିସ)**

ଧାମରା ବନ୍ଦରର ବେଧଡ଼କ ମାଲ ପରିବହନ ବାସୁଦେବପୁରବାସୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏହି ବନ୍ଦର ଜରିଆରେ ଜଳପଥରେ ସାମଗ୍ରୀ ଆମ ଦେଶରୁ ରପ୍ତାନୀ ଓ ବାହାର ଦେଶରୁ ଆମଦାନୀ ପାଇଁ ଟ୍ରକ ହିଁ ମାଧ୍ୟମ ପାଲଟିଛି । ଆଉ ବଡ଼ ବଡ଼ ଟ୍ରକ ବେଧଡ଼କ ସଂକୁଚିତ ସହର ରାସ୍ତାର ଛାତି ଚିରି ଗଡ଼ି ଚାଲିଛି । ହେଲେ ଏହି ବନ୍ଦରକୁ ନେଇ ସୁନେଲି ସ୍ୱପ୍ନ ଦେଖିଥିବା ବାସୁଦେବପୁର ମାଟି ବିକାଶ ବଦଳରେ ଖାଲି ମୁଣ୍ଡ ଦେଇଚାଲିଛି । ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢି ବଢି ଚାଲିଥିବା ବେଳେ ଗତକାଲି ରାତିରେ ସହରର ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁକୁ ନେଇ ଆଜି ବିଭିନ୍ନ ସଂଗଠନ ଧାମରା ବନ୍ଦରର ମନମାନୀ ବିରୁଦ୍ଧରେ ଆଗକୁ ଆସିଛନ୍ତି । ବାସୁଦେବପୁର ପ୍ରଶାସନ ଜରିଆରେ ଜିଲ୍ଲାପାଳଙ୍କୁ ଲୋକଙ୍କ ସୁରକ୍ଷା ପାଇଁ ଦାବି ଉଠାଇଛନ୍ତି । ସହର ମଧ୍ୟରେ ଭିଡ଼ ସମୟରେ ଗାଡି ଚଳାଚଳରେ କଟକଣା ଲଗାଇବାକୁ ତମାମ ପ୍ରଶାସନ ଉପରେ ଚାପ ପକାଇଥିବା ସୂଚନା ମିଳିଛି ।

- ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ପରେ ତେଜିଲା ଅସନ୍ତୋଷ
- ସହର ଜାମ୍ ବେଳେ ଗାଡ଼ି ଚଳାଚଳ ବନ୍ଦ ପାଇଁ ଦାବି

ଦିନକୁ ଦିନ ବହୁ ସଂଖ୍ୟାରେ ଗାଡ଼ି ଚଳପ୍ରଚଳ ଯୋଗୁ ଲୁହାପଥର ଓ କୋଇଲା ଗୁଣ୍ଡ ପ୍ରଭାବରେ ସାରା ବାସୁଦେବପୁରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ତା' ସହିତ ସଂକୁଚିତ ସହର ରାସ୍ତା ଅନେକବେଳେ ଟ୍ରାଫିକ୍ ଜାମର ଶିକାର ହେଉଛି । ବନ୍ଦର ଗଢି ଉଠିବା ବେଳେ ଯେଉଁ ମହତ ଲକ୍ଷ ନେଇ ଅବସ୍ଥାପିତ ହୋଇଥିଲା ତାହା ଏଠି ଦିଗହରା ହୋଇଛି । ବାସୁଦେବପୁର ଛାତି ଉପରେ ଚଢି ଧାମରା ବନ୍ଦର ନୂଆ ରୂପ ପାଇଲା । ଆଉ ଏଥିପାଇଁ ବାସୁଦେବପୁର ଅଞ୍ଚଳର ଅନେକ ଧନ ଜୀବନ ବି ହରାଇବାକୁ ପଡିଛି । ତାସହିତ ଅନେକ ଲୋକଙ୍କୁ ବି ଭିଟାମାଟି ହରାଇବାକୁ ପଡିଲା । ହେଲେ ବନ୍ଦର ନିର୍ମାଣ ବେଳେ ବାସୁଦେବପୁରବାସୀଙ୍କୁ ଦିଆ ଯାଇଥିବା ବିକାଶର ପ୍ରତିଶ୍ରୁତି ବଦଳରେ ବିନାଶ ଛିଟାର ଲମ୍ବା ତାଲିକା ଦେଖା ଦେଇଚାଲିଛି । ସ୍ଥାନୀୟ ଅଞ୍ଚଳର ବେକାର ଶିକ୍ଷିତ ଯୁବକମାନଙ୍କର ଲକ୍ଷଥିଲା, ଧାମରା ବନ୍ଦର ଦ୍ୱାରା ଅର୍ଥନୀତିରେ ସୁଧାର ଆସିବା ସହିତ ବିକାଶ ମଧ୍ୟ ହେବ । ଧାମରା ବନ୍ଦରକୁ ଚଳାଚଳ କରୁଥିବା ବଡ ବଡ ଟ୍ରକ ଚକ ତଳେ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । ଅନ୍ୟପଟେ ଏହାର ସଂଖ୍ୟା ବେସରକାରୀ ଭାବେ ଶହେ ଟପିଲାଣି । ତେବେ ବେଳ ଥାଉଁ ଥାଉଁ ପ୍ରଶାସନ ତତ୍ପର ହେବାକୁ ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି । ଆଗ ଲୋକମାନଙ୍କୁ ସୁରକ୍ଷା ଦିଅ ପରେ ଧାମରା ବନ୍ଦର ବୋଲି କଡ଼ା ଶବ୍ଦରେ ତାଗିଦ କରିଛନ୍ତି । ଯଦି ତାହା ପ୍ରଶାସନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଚେତେଇ ନଦିଏ ତେବେ ଲୋକମାନେ ମିଶି ଉଚିତ ଜବାବ ଆଗାମୀ ଦିନରେ ଦେବେ ବୋଲି ଚେତାବନୀ ଦେଇଛନ୍ତି ।

● ବିଜେପି କର୍ମୀଙ୍କ ଗୁଣ୍ଡାରାଜ

## ଥାନା ଆଗରେ ମଦ ପିଇ ପୁଲିସକୁ ଗାଳିଗୁଲଜ



**ଧାମନଗର,୭।୩(ସମିସ):** ଧାମନଗର ଅଞ୍ଚଳର ବରିଷ୍ଠ ବିଜେପି ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକଙ୍କ ଭାଇ ଯଶକେତନ ମଲ୍ଲିକ ଓ ବିଦ୍ୟୁତ ବିଭାଗର କାର୍ଯ୍ୟରତ ଡ୍ରାଇଭର ଦୀନବନ୍ଧୁ ସାହୁ ଉଭୟ ଧାମନଗର ଥାନା ଆଗରେ ବିଳମ୍ବିତ ରାତିରେ ଗାଡ଼ି ରଖି ମଦ୍ୟପାନ କରିବା ସହ ଗାଳି କରୁଥିବାବେଳେ ପୁଲିସ ପହଞ୍ଚି ତାଙ୍କ ଉପରକୁ ଟର୍ଚ୍ଚ ଲାଇଟ ପକାଇବାରୁ ଉଭୟ ଉତ୍କ୍ଷିପ୍ତ ହୋଇ ପୁଲିସକୁ ମଧ୍ୟ ଗାଳି ଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିବା ଅଭିଯୋଗ ହୋଇଛି । ପରେ ପୁଲିସ ସେମାନଙ୍କୁ ସେଠାରୁ ଘଉଡ଼ାଇଦେଇଥିଲା । ଏହି ଘଟଣା ଆଜି ଧାମନଗର ଅଞ୍ଚଳରେ ପ୍ରଘଟ ହେବାପରେ ଏହାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି । କାର୍ଯ୍ୟରତ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା କେତେଦୂର ଠିକ୍ ବୋଲି ଚର୍ଚ୍ଚା ହେଉଛି । ଏନେଇ ଧାମନଗର ଥାନା ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି, ଥାନା ଆଗରେ ବିଚ୍ ରାସ୍ତାରେ ଗାଡ଼ି ରଖି ମଦ୍ୟପାନ କରୁଥିଲେ । ପଚାରିବାରୁ ପୁଲିସକୁ ଅସଭ୍ୟ ଭାଷାରେ ଗାଳି କରିଥିଲେ । ସେଥିପାଇଁ ତାଙ୍କୁ ଧମକ ଚମକ ଦେବା ସହ ଘରକୁ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା । କିନ୍ତୁ ସେମାନେ ଓଲଟା ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଧମକ ଦେବାବେଳେ ଓଲଟା ପୁଲିସ ମାଡ଼ ମାରିଥିବା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପୁଲିସ ତରଫରୁ ଉକ୍ତ ୩ ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରାଯାଇଥିବା ଜଣାପଡିଛି ।

**ଉଭୟ ପକ୍ଷରୁ ଥାନାରେ ଅଭିଯୋଗ**

## ଧାମନଗରରେ ହେବ ଦୁଃସାହସିକ କ୍ରୀଡ଼ାବିତ୍ ଚୟନ ଶିବିର

**ଦୋବଲ,୭ ।୩(ସମିସ):** ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମରେ ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ କଣ୍ଟାପାରିଠାରେ ମାର୍ଚ୍ଚ ୮ରୁ ଏକ ସପ୍ତାହ ପର୍ଯ୍ୟନ୍ତ ଦୁଃସାହସିକ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଆୟୋଜନ ହେଉଛି । ସ୍କୁବା ଡାଇଭିଂ, ୱିଣ୍ଡ ସର୍ଫିଂ, କାଇଟ୍ ସର୍ଫିଂ, ସେଲିଂ ଭଳି କ୍ରୀଡ଼ାର ପ୍ରଶିକ୍ଷଣ ଶିବିର ହେଉଛି । ଏହିସବୁ ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପିଲାମାନେ ଏହି ଶିବିରରୁ ତାଲିମ ନେଇପାରିବେ । ପ୍ରଥମ ପର୍ଯ୍ୟାୟରେ ଏହା ୭ ଦିନ ପାଇଁ କରାଯିବ । ଏହି ଶିବିରରୁ ମନୋନୀତ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟସ୍ତରରେ ତାଲିମ ଦେବାକୁ ବ୍ୟବସ୍ଥା କରାଯିବ । ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗରେ ଓଡ଼ିଶା ୟାଟିଂ ଆସୋସିଏସନ ଏହି ଶିବିର ଆୟୋଜନ କରୁଛି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୁଃସାହସିକ କ୍ରୀଡ଼ାରେ ପ୍ରତିଷ୍ଠା ଅର୍ଜନ କରିଥିବା ଖେଳାଳି ଓ କୋଚ୍ ୭ ଦିନ ପାଇଁ ଏଠାରେ ରହି ଇଚ୍ଛୁକ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ । ଏଥିଲାଗି ଇଚ୍ଛୁକ ପିଲାମାନେ କଣ୍ଟାପାରି ବରଗଛ ପାଖ ପଡ଼ିଆରେ ପହଞ୍ଚି ନିଜର ଆଧାର କାର୍ଡ ପ୍ରଦାନ କରି ରେଜିଷ୍ଟ୍ରେସନ କରିପାରିବେ । ରେଜିଷ୍ଟ୍ରସନ କରିଥିବା ପିଲାଙ୍କୁ ସେମାନଙ୍କ ଚୟନ ଅନୁସାରେ ସମ୍ପୃକ୍ତ କ୍ରୀଡ଼ାର କୋଚ୍ ତାଲିମ ଦେବେ । ୭ ଦିନ ଧରି ତାଲିମ ନେବାପରେ ନିଜ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପିଲାଙ୍କୁ ରାଜ୍ୟସ୍ତରରେ ତାଲିମ ପ୍ରଦାନ କରାଯିବ ।

## ପୂର୍ବ ଫଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅସୁରାଳି,୭ ।୩(ସମିସ):** ଧାମନଗର ବ୍ଲକ ଭଟ୍ଟସାହି ପଞ୍ଚାୟତ ପୂର୍ବ ଫଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭଟ୍ଟସାହି ସରପଞ୍ଚ ସୀତାକାନ୍ତ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ନାରଣ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା, ସିଆରସିସି ଅଭୟ କୁମାର ସାହୁ ଓ ସଞ୍ଜୟ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୋଳଗୋବିନ୍ଦ ପୃଷ୍ଟି, ସାମ୍ବାଦିକ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମହାନ୍ତି, ଶିକ୍ଷକ ସୁବ୍ରତ କୁମାର ଧଳ, ପଙ୍କଜ ସାମଲ, ପ୍ରତିଜ୍ଞା ଦିଦି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଶିବପ୍ରସାଦ ମଲିକ, ବିଜୟ ଦାସ, ନନ୍ଦକିଶୋର ଦଳାଇ, ଦେବେନ୍ଦ୍ର ମଲିକ, ବିନୋଦ ମଲିକ, ଜନପ୍ରିୟା ମାଝି, ସବିତା ମଲିକ, ପୂଜା ପୃଷ୍ଟିଙ୍କ ସମେତ ଏସ୍‌ଏମ୍‌ସି କମିଟିର ସଭ୍ୟସଭ୍ୟା, ଅଭିଭାବକ ଓ ଫଳପୁର ଗ୍ରାମବାସୀ ସହଯୋଗ କରିଥିଲେ । ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



## ବହୁ ପ୍ରତୀକ୍ଷିତ ଶୌଚାଳୟ ଚାବି ଖୋଲିଲା



**ବନ୍ତ/ଆଗରପଡ଼ା,୭ ।୩(ସମିସ):** ଦୀର୍ଘଦିନର ପ୍ରତୀକ୍ଷା ପରେ ଆଗରପଡ଼ା ବଜାରରେ ନିର୍ମିତ ଶୌଚାଳୟ ଏବଂ ଥଣ୍ଡାପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ବିଧାୟକ ସଞ୍ଜୀବ ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ, ବିଜେଡି ନେତା ପ୍ରଶାନ୍ତ ଦାଶ, ବିଜ୍ଞାନ ଭୂଷଣ ମହାନ୍ତି, ସତ୍ୟସାଧନ ବେଜ, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ସରପଞ୍ଚ ପ୍ରତିନିଧି ଦୀପକ ମହାନ୍ତି, ପଦ୍ମଲୋଚନ ନାଥଶର୍ମା, ବ୍ରଜମୋହନ ମହାନ୍ତି, ହିମାଦ୍ରୀ ମହାନ୍ତି, ସନ୍ତୋଷ ବାରିକ, ହରିହର ପାଣିଗ୍ରାହୀ, ମାନସ ପଟ୍ଟନାୟକ, ସୁକାନ୍ତ ଦାଶ, ସଞ୍ଜୟ ନାଥ, ମନୋଜ ନାରାୟଣ ମହାନ୍ତି, ଲଳିତ ମହାନ୍ତି, ଗଜେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯେ, ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ଅନୁଦାନରେ ପଞ୍ଚାୟତ ପକ୍ଷରୁ ଏହି ଶୌଚାଳୟ ଆର୍ଥିକ ବର୍ଷ ୨୦୨୦-୨୧ରେ ଆଗରପଡ଼ା ବଜାରରେ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା । ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏବେ ଏହା କାର୍ଯ୍ୟକ୍ଷମ ହେବା ସହ ବହୁ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି । ଏଥିସହ ଏହା ସଂଲଗ୍ନରେ ଏକ ଥଣ୍ଡାପାନୀୟ ଜଳ କେନ୍ଦ୍ର ମଧ୍ୟ ଉଦଘାଟିତ ହୋଇଛି ।

# ଧାମନଗର ବ୍ଲକରେ ଗ୍ରାମୀଣ ପାର୍କ ଯୋଜନା ବାଟବଣା

**ଦୋବଲ,୭ ।୩(ସମିସ)**

ପୂର୍ବ ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ସହରର ଅନୁଭୂତି ଦେବା ଓ ଗାଁରେ ରହୁଥିବା ପିଲାମାନେ ସହରର ପିଲାଙ୍କ ଭଳି ଆମୋଦ ପ୍ରମୋଦ କରିବାର ସୁବିଧା ସୁଯୋଗ ପାଇବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଗ୍ରାମୀଣ ପାର୍କ ଯୋଜନା ଧାମନଗରରେ ବିଫଳ ହୋଇଛି । ପାର୍କ ନିର୍ମାଣ ନାଁରେ ଗାଁର କେତେକ ମାଲେମାଲ୍ ହୋଇଥିବାବେଳେ ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିନାହିଁ । ଧାମନଗର ବ୍ଲକରେ ୩୧ଟି ପଞ୍ଚାୟତରୁ ପ୍ରାୟ ୨୮ଟି ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି । ସେଥିମଧ୍ୟରୁ ମାତ୍ର ୩ଟି ପାର୍କ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ତାହା ପୁଣି ୨ଟି ପଞ୍ଚାୟତରେ । ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀରେ ଡିଗି ପାର୍କ ଓ ଅନହରପୁର ଶିବ ମନ୍ଦିର ପାଖରେ ଗୋଟିଏ ପାର୍କ ସମ୍ପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ଖୋଲାଯାଇଛି । ସେହିପରି ପଧାନୀ ପଞ୍ଚାୟତରେ ନିର୍ମିତ ପାର୍କ ଲୋକଙ୍କ କାମରେ ଲାଗୁଛି । ଏହି ତିନିଟି ପାର୍କ ଛାଡ଼ିଦେଲେ ଅନ୍ୟସବୁ ପଞ୍ଚାୟତରେ କେବଳ ଆରମ୍ଭ ପର୍ଯ୍ୟାୟରେ ରହିଯାଇଛି ।

ଆନନ୍ଦପୁର, କୋଠାର ଓ ଧାମନଗର କଲେଜ ପରିସରରେ ପାର୍କ ପାଇଁ ବାଉଣ୍ଡରୀ ୱାଲ ନିର୍ମାଣ ହୋଇଛି । ଆଉ ମନରେଗା ଯୋଜନାରେ ଲ୍ୟାଣ୍ଡ ଡେଭଲପମେଣ୍ଟ ନାଁରେ ମାଟି ପଡ଼ିଛି । ଏ ତିନିଟି ଜାଗାରେ କାମ ଆଉ ଆଗେଇ ନାହିଁ । ପ୍ରାୟ ଦେଢ଼ ବର୍ଷ ହେଲା କାମ ବନ୍ଦ ରହିଛି । ତେବେ ଖପରପଦା, କଟସାହି ପଞ୍ଚାୟତରେ ପାର୍କ ପାଇଁ ସ୍ଥାନ ଚିହ୍ନଟ ହୋଇ ମାଟି ପଡ଼ିଛି । ହେଲେ ଏଠାରେ ପୋଚରି କରାଯାଇନି । ଅନ୍ୟପକ୍ଷରେ ରଇପୁର ଓ ଧୁଷୁରୀରେ ପାର୍କ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଗ୍ରାମାଞ୍ଚଳରେ ଆମୋଦ ପ୍ରମୋଦର ଭିତ୍ତିଭୂମି ବିକାଶ ଲାଗି ୨୦୧୮ ଅକ୍ଟୋବର ପହିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମୀଣ ପାର୍କ ନିର୍ମାଣ ଲାଗି ନିୟମାବଳୀ ଜାରି କରାଯାଇଥିଲା । ଏହାପରେ କ୍ରିୟାନ୍ୱୟନ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି ହୋଇଥିଲା । ସବୁଜ ପରିବେଶ, ଆକର୍ଷଣୀୟ ଫୁଲ, ମର୍ଣ୍ଣିଂୱାକ ଓ ଇଭିନିଂ ୱାକ ପାଇଁ ପାଦଚଲା ରାସ୍ତା, ଲୋକେ ବସିବା ଲାଗି ସିମେଣ୍ଟ ବେଞ୍ଚ, ସୁନ୍ଦର ଆଲୋକର ବ୍ୟବସ୍ଥା, ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ରହିବ ବୋଲି ଏହି ନିୟମାବଳୀରେ ରହିଥିଲା । ସେହିପରି ପିଲାଙ୍କ ପାଇଁ ସି-ସ, ସ୍ଲାଇଡ୍, ମଙ୍କି ବାର୍, ସ୍ୱିଙ୍ଗ, କ୍ରିପି କ୍ରଲି ଓ ଓପନ ଜିମର ବ୍ୟବସ୍ଥା ରହିବା କଥା । ଏସବୁକୁ କାର୍ଯ୍ୟକାରୀ କରିବାକୁ ପ୍ରତ୍ୟେକ ପାର୍କ ପାଇଁ ୩୦ରୁ ୩୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ସ୍ଥଳ ବିଶେଷରେ ଏହା ଖୁବ୍ ଅଧିକ ମଧ୍ୟ ହେଉଥିଲା । ତେବେ ଉପକରଣ କ୍ରୟ ବ୍ୟତୀତ ଅନ୍ୟ ସବୁ କାମ ମନରେଗା ଯୋଜନାରେ କରିବାକୁ ସରକାର ନିଷ୍ପତି ନେଇଥିଲେ । ଏହାର ସୁଯୋଗ ନେଇ ଧାମନଗରରେ ଅଧିକାଂଶ ପଞ୍ଚାୟତରେ ପାର୍କ ନିର୍ମାଣ ପାଇଁ ପଦକ୍ଷେପ ନିଆଗଲା । ଅଧିକାଂଶ ପଞ୍ଚାୟତରେ ସରପଞ୍ଚ ଓ ସେମାନଙ୍କ ଦଳର କର୍ମୀମାନେ ଏହି ପାର୍କ ନିର୍ମାଣ କାମ କଲେ । କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କେବଳ କାର୍ଯ୍ୟାଦେଶ ନିଜ ନାଁରେ ରଖି କାମର ତଦାରଖ କଲେ । ପ୍ରଥମ ପର୍ଯ୍ୟାୟରେ ପାର୍କ ସ୍ଥଳରେ ମନରେଗାର ଲ୍ୟାଣ୍ଡ ଡେଭଲପମେଣ୍ଟ କାର୍ଯ୍ୟ କରି ଅଳ୍ପ କିଛି ମାଟି ପକାଇଦେଲେ । ତା ପରେ କିଛି ସ୍ଥାନରେ ମନରେଗା ଯୋଜନାରେ ବାଉଣ୍ଡରୀ ୱାଲ ମଧ୍ୟ କରିଦେଲେ । ତେବେ ଦିନକୁ ଦିନ ମନରେଗା ଯୋଜନାରେ କାମ କରିବା ବିଶେଷ କରି ଲ୍ୟାଣ୍ଡ ଡେଭଲପମେଣ୍ଟ କାମ କରିବାରେ ଅନେକ କଟକଣା ଜାରି ହେଲା । ତା'ପରେ ପାର୍କ କାମ କରିବାକୁ କର୍ମୀମାନେ ଟାଳଟୁଳ ନୀତି ଆପଣାଇଲେ । ଯାହା ଫଳରେ ପାର୍କ ସବୁ ଅଧପନ୍ତରିଆ ହୋଇ ପଡ଼ି ରହିଲା । ଏନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି ଯେ, ଅର୍ଦ୍ଧ ନିର୍ମିତ ପାର୍କକୁ ସମ୍ପୂର୍ଣ୍ଣ କରିବାକୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ।

**୩୧ ପାର୍କରୁ ୨୮ ଅଧପନ୍ତରିଆ**



## ସହିଦ ଭବନ ସମ୍ମୁଖରୁ ହଟିଲା ମଲା ନଡ଼ିଆ ଗଛ

**ଭଦ୍ରକ,୭ ।୩(ସମିସ):** ଭଦ୍ରକ ପୌରପାଳିକା ଅଧିନରେ ଥିବା ସହିଦ ସ୍ମୃତି ଭବନ ସମ୍ମୁଖରେ ଦୀର୍ଘଦିନ ହେବ ଏକ ମଲା ନଡିଆ ଗଛ ବିପଦକୁ ଆମନ୍ତ୍ରଣ କରୁଥିଲା । ଉଭୟ ସରକାରୀ ଓ ବେସରକାରୀ ସଭା ସମିତି ଠାରୁ ଆରମ୍ଭ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଏହି ଟାଉନ ହଲରେ ପାଳିତ ହେବା ସହ ପ୍ରବଳ ଜନଗହଳି ହୁଏ । ତେବେ ଦୀର୍ଘଦିନ ହେବ ଏହି ଭବନ ସମ୍ମୁଖରେ ଛିଡା ହୋଇଥିବା ଏକ ବିରାଟ ମଲା ନଡିଆଗଛ ନେଇ ବିପଦ ସୃଷ୍ଟି କରୁଥିଲା । ଏନେଇ ଗତ ୧ତାରିଖରେ "ସକାଳ'ରେ "ସହିଦ ଭବନ ସମ୍ମୁଖରେ ବିପଦକୁ ଡାକୁଛି ମଲା ନଡିଆ ଗଛ: ପୌର ପ୍ରଶାସକଙ୍କ ନିଘା ନାହିଁ ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଆଜି ପୌରପାଳିକା ତରଫରୁ ଜେସିବି ମେସିନ୍‌ରେ ଉକ୍ତ ମଲା ନଡିଆ ଗଛକୁ କାଟି ସଫା କରାଯାଇଛି । ଏଥିସହ ସହିଦ ଭବନ ସମ୍ମୁଖ ଡ୍ରେନ୍‌ରୁ ଅଳିଆ ଆବର୍ଜନାକୁ ସଫା କରାଯାଇଛି ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୪
- ପାଉଣ୍ଡ ୧୧୨.୪୯
- ୟୁରୋ ୯୪.୭୫
- ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୦୦୦(ଭୁବନେଶ୍ୱର)
- ରୁପା : ୧,୦୧,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 	୭୪,୩୩୨.୦୦
- ନିଫ୍ଟି 	୨୨,୫୫୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଅଶୋଧିତ ତୈଳ ଦର ୬୭ ଡଲାରକୁ ହ୍ରାସ

# କମୁନି ପେଟ୍ରୋଲ, ଡିଜେଲ ଦର

- ମୁନାଫା କମାଇବାରେ ବ୍ୟସ୍ତ ସରକାରୀ ତେଲ କମ୍ପାନୀ
- ଖାଉଟି ଅସନ୍ତୋଷ ଚରମ ସୀମାରେ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**




ଖସୁଛି ଅଶୋଧିତ ତୈଳ ଦର। ଅନ୍ତର୍ଜାତୀୟ ବଜାରରେ ତେଲ ଦର ଏବେ ବ୍ୟାରେଲ ପିଛା ୭୦ରୁ ଖସି ୬୭ ଡଲାରରେ ପହଞ୍ଚିଲାଣି। ବିଭିନ୍ନ ବୈଶ୍ୱିକ କାରଣ ଯୋଗୁ ଅଶୋଧିତ ତୈଳ ମୂଲ୍ୟରେ ଏଭଳି ହ୍ରାସ ଧାରା ଜାରି ରହିଛି। ବିଦେଶ ବଜାରରେ ତେଲ ଦସର କମୁଥିଲେ ସୁଦ୍ଧା ଘରୋଇ ବଜାରରେ ଏବେ ବି ପେଟ୍ରୋଲ ଏବଂ ଡିଜେଲ ଦର ଖୁବ୍ ଉପରେ ରହିଛି। ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୬୭ ଡଲାରକୁ ଖସିଆସିଥିଲେ ସୁଦ୍ଧା ଖୁଚୁରା ବଜାରରେ ସାଧାରଣ ଲୋକଙ୍କ କଷ୍ଟ ଦୂର ହେଉନାହିଁ। ବର୍ତ୍ତମାନ ପେଟ୍ରୋଲ ଲିଟର ପିଛା ୧୦୧ ଟଙ୍କା ୩୭ ପଇସା ଏବଂ ଡିଜେଲ ଲିଟର ପିଛା ୯୨ ଟଙ୍କା ୮୬ ପଇସା ରହିଛି। କେନ୍ଦ୍ର ଓ ରାଷ୍ଟ୍ରାୟତ୍ତ ତୈଳ ବିପଣନକାରୀ କମ୍ପାନୀ ଦର କମାଇ ଲୋକଙ୍କୁ ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ଦେବାକୁ ଏବେ ସର୍ବସାଧାରଣରେ ଜୋରେ ଦାବି ଉଠିଲାଣି।

ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲର ଉଚ୍ଚ ଦରରେ ଖାଉଟି ଅଣନିଶ୍ୱାସୀ। ବିଗତ ମାସେ ହେବ ଅଶୋଧିତ ତୈଳ ଦର ତଳକୁ ଖସିବାରେ ଲାଗିଛି। ଏବେ ବ୍ୟାରେଲ ୬୭ ଡଲାର ଥିବା ସତ୍ତ୍ୱେ କମୁନି ପେଟ୍ରୋଲ ଓ ଡିଜେଲର ଖୁଚୁରା ଦର। ବିଜେପି ସରକାର ବିରୋଧୀରେ ଥିବାବେଳେ ଭାଟ୍ କମାଇବାକୁ ହୋ ହ ଲ୍ଲା କରୁଥିଲେ। ଏବେ ରାଜ୍ୟରେ କ୍ଷମତାକୁ ଆସିବା ପରେ ଭାଟ୍ କମାଇବାକୁ ଭୁଲିଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏବେ ପେଟ୍ରୋଲ ଉପରେ ଲିଟର ପିଛା ରାଜ୍ୟ ସରକାର ୨୧ ଟଙ୍କା ୮୫ ପଇସା ଓ ଡିଜେଲ ଲିଟର ପିଛା ୧୭ ଟଙ୍କା ୯୨ ପଇସା ଭାଟ୍ ନେଉଛନ୍ତି। ଭାଟ୍ କମ୍ କଲେ ଲୋକେ ଶସ୍ତାରେ ପେଟ୍ରୋଲ ଓ ଡିଜେଲ ପାଇପାରନ୍ତେ। ଅନ୍ତର୍ଜାତୀୟ ବଜାରରେ ଯେପରି ଭାବେ ଅଶୋଧିତ ତୈଳ ଦର ଶସ୍ତା ହୋଇଛି ଯଦି କେନ୍ଦ୍ର ସରକାର ଓ ବିପଣନ କମ୍ପାନୀ ଚାହାଁନ୍ତେ ତା'ହେଲେ ପେଟ୍ରୋଲ-ଡିଜେଲର ଖୁଚୁରା ଦର ୭୦ ଟଙ୍କାକୁ ଖସିଆସିପାରନ୍ତା। ଦେଶର ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକୁ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ଅପର୍ଯ୍ୟାପ୍ତ ଲାଭ କରୁଛନ୍ତି। ହେଲେ ବିଦେଶ ବଜାରାରରେ ଦର କମିଲେ ଘରୋଇ ବଜାରରେ ଦର କମ୍ କରୁନାହାଁନ୍ତି, ଯାହା କି ଏକ ବିଡ଼ମ୍ବନାର ବିଷୟ।

ସମ୍ପ୍ରତି ଲୋକେ ମହଙ୍ଗା ବଜାର ଦରକୁ ମୁକାବିଲା କରି ନୟାନ୍ତ ହେଲେଣି। ପେଟ୍ରୋଲ-ଡିଜେଲ ଖୁଚୁରା ମୂଲ୍ୟ ଅଧିକ ଯୋଗୁଁ ପରିବହନ ଖର୍ଚ୍ଚ ବି ମହଙ୍ଗା ହେଉଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଓଲଟା ଯୁକ୍ତି ଦେଶର ବିକାଶ ପାଇଁ ପେଟ୍ରୋଲ ଓ ଡିଜେଲର ଖୁଚୁରା ଦର କମ୍ କରାଯାଉନି। ଲୋକେ ମହଙ୍ଗା ମାଡ଼ରେ ଷଡ୍ଡୁଛନ୍ତି। ଦେଶ ବିକାଶର ନାରା କାହା ପାଇଁ ବୋଲି ପ୍ରଶ୍ନ ଉଠିଛି।

## ସିଏମ୍‌ଏ ଟିକସ କନ୍‌କ୍ଲେଭ୍ ଆଜି




**ଭୁବନେଶ୍ୱର,୭।୩ (ସମିସ):** ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ) - ଭୁବନେଶ୍ୱର ଚାପ୍ଟର ଏବଂ ଟିକସ ଗବେଷଣା ବିଭାଗ, ଆଇସିଏମ୍‌ଏଆଇ-କଲକାତାର ମିଳିତ ସହଯୋଗରେ "ଟିକସ ପରିଚାଳନା ଏବଂ ବିବାଦକୁ ଏଡାଇବା" ବିଷୟ ସମ୍ପର୍କୀତ ଦୁଇ ଦିନିଆ ଟିକସ କନ୍‌କ୍ଲେଭ ଚଳିତ ମାସ ଶନିବାରଠାରୁ ଆଇସିଏମ୍‌ଆର-ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଦୁଇଟି ଉଦ୍‌ଘାଟନୀ ଅଧିବେସନ ଓ ୪ଟି ବୈଷୟିକ ଅଧିବେସନ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ଅବସରରେ ଟିକସ କ୍ଷେତ୍ରରେ ନୂତନ ସଂଶୋଧନ ଓ ଗୁରୁତ୍ୱପୂର୍ଣ୍ଣ ଆଇନ ସମ୍ପର୍କରେ ଗୁରୁତ୍ୱାରୋପ କରାଯିବ। ଏଥିରେ ଟିକସ ବିଶେଷଜ୍ଞ ,କର୍ପୋରେଟ୍ ନେତୃବୃନ୍ଦ ଓ ସରକାରୀ ଅଧିକାରୀମାନଙ୍କ ସମେତ ଜାତୀୟ ସ୍ତରରେ ପ୍ରସିଦ୍ଧ ପ୍ୟାନେଲିଷ୍ଟମାନେ ମଧ୍ୟ ଯୋଗଦେବେ। ଭୁବନେଶ୍ୱରର ସିଏମ୍‌ଏ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଇସିଏମ୍‌ଏଆଇ, ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର, ସିଏମ୍‌ଏ ଦାମୋଦର ମିଶ୍ର, ସେକ୍ରେଟାରୀ, ଆଇସିଏମ୍‌ଏଆଇ-ଇଆଇଆର୍‌ସି, କୋଲକାତା, ସିଏମ୍‌ଏ ବରଦା ପ୍ରସନ୍ନ ନାୟକ, ସେକ୍ରେଟାରୀ ଆଇସିଏମ୍‌ଏଆଇ-ଭୁବନେଶ୍ୱର ଚାପ୍ଟର, ସିଏମ୍‌ଏ ସୌମ୍ୟ ରଞ୍ଜନ ଜେନା, ଚେୟାରମ୍ୟାନ୍, ପିଡି କମିଟି, ସିଏମ୍‌ଏ ଅବିନାଶ କୋଟ୍‌ନି , କୋଷାଧ୍ୟକ୍ଷ ଏବଂ ଚେୟାରମ୍ୟାନ୍, ସିସି ଆଣ୍ଡ ଏସ୍‌ଏଫ୍ କମିଟି, ଶୁଭାଶିଷ ସାହୁ, ସଦସ୍ୟ, ମ୍ୟାନେଜିଂ କମିଟି ପ୍ରମୁଖ ସୂଚନାଦ୍ଇଛେନ୍ତି।

# ଖାଲି ହେଉଛି ଭାରତର ରାଜକୋଷ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଭାରତର ରାଜକୋଷ ଉପରେ କାହାର ଖରାପ ନଜର ପଡିଯାଇଛି। କାରଣ ଏଥିରେ ଏବେ କ୍ରମାଗତ ଭାବରେ ହ୍ରାସ ଧାରା ଜାରି ରହିଛି। ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ପରେ,

**ବୈଦେଶିକ ମୁଦ୍ରା ଭଣ୍ଡାର ଭାରତର କମୁଛି, ପାକିସ୍ତାନର ବଢୁଛି**



ଏଥିରେ ପୁଣି ଏଥିରେ ହ୍ରାସ ଘଟିବା ଆରବମ୍ଭ କରିଛି, କିନ୍ତୁ ଏଥର ହ୍ରାସ ଗତଥରର ବୃଦ୍ଧି ଅପେକ୍ଷା କମ୍। ବିଶେଷଜ୍ଞଙ୍କ ମତରେ, ରିଜର୍ଭ ବ୍ୟାଙ୍କ ଘରୋଇ ମୁଦ୍ରା 'ଟଙ୍କା'ର ପରିଚାଳନା ପାଇଁ ନିରନ୍ତର ବିଦେଶୀ ମୁଦ୍ରା ବ୍ୟବହାର କରୁଛି, ଏଥିଯୋଗୁଁ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସ ପାଉଛି।ଅନ୍ୟପକ୍ଷରେ, ପଡ଼ୋଶୀ ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଘଟିଛି। ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାର ପ୍ରାୟ ୧୬ ବିଲିୟନ ଡଲାରରେ ପହଞ୍ଚିଛି। ଭାରତର ବିଦେଶୀ ମୁଦ୍ରା ସଂରକ୍ଷଣ ୧.୭୮ ବିଲିୟନ ଆମେରିକୀୟ ଡଲାର ହ୍ରାସ ପାଇ ୬୩୮.୬୯୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଫେବୃଆରୀ ୨୮ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧.୭୮୧ ବିଲିୟନ ଆମେରିକୀୟ ଡଲାର ହ୍ରାସ ଘଟି ୬୩୮.୬୯୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିବା ଶୁକ୍ରବାର ଆର୍‌ବିଆଇ କହିଛି। ପୂର୍ବ ସପ୍ତାହରେ ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ୪.୭୫୮ ବିଲିୟନ ଆମେରିକୀୟ ଡଲାର ବୃଦ୍ଧି ପାଇ ୬୪୦.୪୭୯ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା।

### ସ୍କୋୟାର ୟାର୍ଡସ୍ ରିପୋର୍ଟ

# ମହିଳାଙ୍କ ଘର ମାଲିକ ହେବା ରୁଚି ବଢୁଛି

- ୨୦୨୪ରେ ଘର କିଣିବାରେ ୧୪% ବୃଦ୍ଧି
- ଷ୍ଟାମ୍ପ୍ ଡ୍ୟୁଟି , ପଞ୍ଜିକରଣ ଫି'ରେ ରିଆଡି ବଡ଼ କାରଣ
- ଅଭିବୃଦ୍ଧି ହାର ପୁରୁଷଙ୍କଠାରୁ ମଧ୍ୟ ଅଧିକ



**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଦେଶରେ ମହିଳା ଘର କ୍ରେତାଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ପୁରୁଷମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା ଘର ସଂଖ୍ୟା ଅପେକ୍ଷା ମହିଳାମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା ଘର ସଂଖ୍ୟାରେ ବୃଦ୍ଧି ଅଧିକ।

ସ୍କୋୟାର ୟାର୍ଡସର ରିପୋର୍ଟ ଅନୁଯାୟୀ, ୨୦୨୪ରେ ପୁଣେ, ଠାଣେ , ମୁମ୍ବାଇ, ନାଭି ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ନୋଏଡା, ଗ୍ରେଟର ନୋଏଡା, ଗାଜିଆବାଦ ଭଳି ପ୍ରମୁଖ ସହରରେ ମହିଳାମାନେ ୧.୨୯ ଲକ୍ଷ ଘର କିଣିଛନ୍ତି, ଯାହା ୨୦୨୩ ମସିହାରେ କିଣାଯାଇଥିବା ୧.୧୪ ଲକ୍ଷ ଘର ତୁଳନାରେ ୧୪ ପ୍ରତିଶତ ଅଧିକ। ଗତ ବର୍ଷ ପୁରୁଷମାନେ ୨.୧୮ ଲକ୍ଷ ଘର କିଣିଥିଲେ, ଯାହା ୨୦୨୩ ମସିହାରେ ସେମାନେ କିଣିଥିବା ୧.୯୬ ଲକ୍ଷ ଘର ତୁଳନାରେ ୧୧ ପ୍ରତିଶତ ଅଧିକ। ଏହି ପରିସଂଖ୍ୟାନରୁ ଏହା ସ୍ପଷ୍ଟ ଯେ ୨୦୨୪ରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ଦ୍ୱାରା କିଣାଯାଇଥିବା ଘର ସଂଖ୍ୟାରେ ଅଭିବୃଦ୍ଧି ହାର ଅଧିକ ରହିଛି। ସେହିପରି, ମୋଟ ଘର କ୍ରୟ କ୍ଷେତ୍ରରେ ମହିଳାମାନଙ୍କ ଅଂଶ ୨୦ରୁ ୨୨ ପ୍ରତିଶତକୁ ବୃଦ୍ଧି ପାଇଛି। ପୁରୁଷ କ୍ରେତାଙ୍କ ଅଂଶ ମଧ୍ୟ ୩୫ ପ୍ରତିଶତରୁ ୩୮ ପ୍ରତିଶତକୁ ବୃଦ୍ଧି ପାଇଛି। କିନ୍ତୁ ଏହି ସମୟ ମଧ୍ୟରେ, ପୁରୁଷ ଏବଂ ମହିଳାଙ୍କ ଦ୍ୱାରା ମିଳିତ ଭାବରେ କିଣାଯାଇଥିବା ଘର ସଂଖ୍ୟା ୭ ପ୍ରତିଶତ ହ୍ରାସ ପାଇଛି ଏବଂ ମୋଟ ବିକ୍ରିରେ ସେମାନଙ୍କର ଅଂଶ ୪୫ ପ୍ରତିଶତରୁ ୪୦ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୪ରେ ମୋଟ ୫.୭୭ ଲକ୍ଷ ଘର ବିକ୍ରି ହୋଇଥିଲା।

ମହିଳାମାନଙ୍କ ଦ୍ୱାରା ଘର କ୍ରୟରେ ଅଧିକ ବୃଦ୍ଧି ସରକାରୀ ପ୍ରୋତ୍ସାହନ, ଆର୍ଥିକ ଲାଭ ଏବଂ ଡିଜିଟାଲ୍ ଉନ୍ନତିର ମିଶ୍ରଣ ଦ୍ୱାରା ପରିଚାଳିତ। ଅନେକ ରାଜ୍ୟ ସରକାର ମହିଳା କ୍ରେତାଙ୍କ ପାଇଁ ଷ୍ଟାମ୍ପ ଡ୍ୟୁଟିରେ ୧ରୁ ୩ ପ୍ରତିଶତ ରିଆଡି ଏବଂ ପଞ୍ଜିକରଣ ଫି ୦.୫-୧ ପ୍ରତିଶତ କମ୍ କରୁଛନ୍ତି। ଏହା ସହିତ, ପ୍ରମୁଖ ଋଣଦାତାମାନେ ମହିଳାମାନଙ୍କ ପାଇଁ ଗୃହ ଋଣ ସୁଧ ହାରରେ ୦.୦୫ ପ୍ରତିଶତ ରିଆଡି ପ୍ରଦାନ କରୁଛନ୍ତି। ଏହା ସହିତ, ଧାରା ୮୦ସି ଏବଂ ୮୦ଇଇ ଅଧୀନରେ ଟିକସ ଲାଭ ସୁଲଭତାକୁ ଆହୁରି ବୃଦ୍ଧି କରୁଛି, ଯାହା ମହିଳାଙ୍କ ପାଇଁ ସମ୍ପତ୍ତି ମାଲିକାନା ଅଧିକ ସୁଲଭ କରିଥାଏ।

## ଲୁଇ ଫିଲିପ୍‌ର 'ମୁଡ୍‌ସ୍ ଅଫ ସମର'

**ମୁମ୍ବାଇ,୭।୩ :** ଆଦିତ୍ୟ ବିର୍ଲା ଫ୍ୟାଶନ୍ ଆଣ୍ଡ ରିଟେଲ ଲିମିଟେଡର ପ୍ରିମିୟମ ପୁରୁଷ ପରିଧାନ ଲୁଇ ଫିଲିପ୍, 'ମୁଡସ୍ ଅଫ ସମର କଲେକ୍ସନ' ଆଣିଛି। ଏହା ନିରଳସ ସୌନ୍ଦର୍ଯ୍ୟ ଏବଂ ମାର୍ଜିତ ଗ୍ରୀଷ୍ମକାଳୀନ ପୋଷାକ ପ୍ରତି ଏକ ଛନ୍ଦମୟ କବିତା ସଦୃଶ ହୋଇଛି। ସୂର୍ଯ୍ୟସ୍ନାତ ଛାୟା, ମୃଦୁ ବାୟୁ ପ୍ରବାହିତ ସନ୍ଧ୍ୟା ଏବଂ ସମ୍ଭ୍ରାନ୍ତପୂର୍ଣ୍ଣ ଅବସର ସମୟ ଦ୍ୱାରା ଅନୁପ୍ରେରିତ ଏହି କଲେକ୍ସନ ସ୍ୱାଚ୍ଛନ୍ଦ୍ୟ ଏବଂ ବର୍ଗର ତ୍ରୁଟିଶୂନ୍ୟ ସମ୍ମିଶ୍ରଣ ଘଟାଇ ଋତୁକାଳୀନ ଷ୍ଟାଇଲ ସଂଜ୍ଞା ପୁନଃ ନିର୍ଦ୍ଧାରଣ କରୁଛି। ସାବଲୀଳ ସମ୍ଭ୍ରାନ୍ତପୂର୍ଣ୍ଣ ଭାବରେ ଆଗକୁ ବଢୁଥିବା ଆଧୁନିକ ପୁରୁଷମାନଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି କଲେକ୍ସନ ହାଲ୍‌କା ଏବଂ ଜୀବନର ଜୀବନ୍ତ ଦିଗକୁ ଆପଣେଇବାକୁ ଏକ ଆମନ୍ତ୍ରଣ ହୋଇଛି। ଏୟାରୀ ଲିନେନସ୍, ବ୍ରିଜି କଟନ ଏବଂ ନିଖୁଣ ଭା ରେ ସିଲେଇ ହୋଇଥିବା ସିଲୋହଏଟ୍‌ଗୁଡିକ ଏଭଳି ଏକ ଲାଇନଅପ୍ ପ୍ରସ୍ତୁତ କରୁଛି ଯାହା ପୁଲ୍‌ସାଇଡ ଅପରାହ୍ଣରୁ ଷ୍ଟାରଲିଟ୍ ସନ୍ଧ୍ୟାକୁ ନିରଳସ ଭାବରେ ପରିବର୍ତ୍ତିତ ହେଉଥିବା ଏହାର ଶୁଭାରମ୍ଭ ଅବସରରେ ଫରିଦା କାଲିୟାଦାନ, ଚିଫ୍ ଅପରେଟିଂ ଅଫିସର, ଲୁଇ ଫିଲିପ୍ କହିଛନ୍ତି।

### ● ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍ ୯୦୦୦ ଟଙ୍କାକୁ ବୃଦ୍ଧିରେ ଟାଳଟୁଳ ନୀତି

## ୧୮ରେ ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର,୭।୩(ସମିସ):** ଅଲ ଓଡିଶା ଇପିଏଫ ପେନସନ୍‌ଭୋଗୀ ସଂଘର କୋର କମିଟି ବୈଠକ ଆଜି ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ. ବିଜୟ କୁମାର ଜେନା ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାର ଇପିଏଫ ପେନସନଧାରୀଙ୍କ ଦାବି ମୁତାବକ ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ କର୍ତ୍ତୃପକ୍ଷଙ୍କ ଅହେତୁକ ବିଳମ୍ବକୁ ବୈଠକରେ ସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘ ୧୦ ବର୍ଷ ଧରି ସର୍ବନିମ୍ନ ପେନସନ ୧୦୦୦ ଟଙ୍କାକୁ ବୃଦ୍ଧି କରା ନ ଯିବା ଅତ୍ୟନ୍ତ ବିଡମ୍ବନାର ବିଷୟ। ଏଣୁ କେନ୍ଦ୍ରୀୟ ଇପିଏଫ ପେନସନ୍‌ଭୋଗୀ ସଂଘର ଦେଶବ୍ୟାପୀ ଆନ୍ଦୋଳନ ଡାକରାରେ ଚଳିତ ମାସ ୧୮ରେ ଆରଡିସିଙ୍କ କାର୍ଯ୍ୟାଳୟ ଓ ଭୁବନେଶ୍ୱର ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ମୁଖ୍ୟଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, କୃଷ୍ଣଚନ୍ଦ୍ର ସାହୁ, ଧୀରେନ୍ଦ୍ର ପ୍ରତାପ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର, ରାମବାବୁ ଦୋରା ଓ ବିନାୟକ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆମେରିକା ସାମଗ୍ରୀ ଉପରେ ଶୁଳ୍କ କମାଅ, ବଡ଼ ସୁଯୋଗ ଦେବୁ: ଟ୍ରମ୍ପ ପ୍ରଶାସନ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଟ୍ରମ୍ପ ପ୍ରଶାସନ ଭାରତ ଉପରେ ପାଲଟା ଶୁଳ୍କ ଲଗାଇବା ପରେ ପ୍ରତିକ୍ରିୟା ଦେଇ ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଛନ୍ତି ଯେ, ଭାରତ ଆମେରିକା ସାମଗ୍ରୀ ଉପରେ କମ୍ ଶୁଳ୍କ ଲଗାଉ, ଆମେ ଭାରତକୁ ସ୍ୱାଗତ କରିବୁ। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କ ଘନିଷ୍ଠ କରିବ। ଲୁଟନିକ୍ କହିଛନ୍ତି ଆମେରିକା ଭାରତ ସହିତ ସମସ୍ତ ପ୍ରମୁଖ ଦିଗରେ ଏକ ବ୍ୟାପକ, ବୃହତ ପରିମାଣର ବାଣିଜ୍ୟ ଚୁକ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ ଅଛି। ଉଭୟ ରାଷ୍ଟ୍ରଙ୍କୁ ସେମାନଙ୍କର ବାଣିଜ୍ୟିକ ସମ୍ପର୍କକୁ ପୁନଃ ରୂପ ଦେବାକୁ ଦୁଇ ପକ୍ଷ ଆଲୋଚନା କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କ କଥାକୁ ଦୋହରାଇ, ଲୁଟିନିକ କହିଛନ୍ତି ଯେ ଭାରତରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ସର୍ବାଧିକ ଶୁଳ୍କ ଲଗାଉଛି। ତେଣୁ ୱାଶିଂଟନ ଓ ନୂଆ ଦିଲ୍ଲୀ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ମଜଭୁତ କରିବା ପାଇଁ ଏହାର ପୂନଃ ମୂଲ୍ୟାୟନର ଆବଶ୍ୟକତା ରହିଛି।

## ୧୨,୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି ଟାଟା ପାୱାର



**ଭୁବନେଶ୍ୱର,୭।୩(ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡିକ ଗୋଷ୍ଠୀକୁ ସଶକ୍ତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ରହିଛି, ଯେଉଁଥିରେ ମହିଳା ସଶକ୍ତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଟାଟା ପାୱାର ୧,୨୨୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ୧୨,୦୦୦ରୁ ଅଧିକ ସ୍ଥାନୀୟ ମହିଳାଙ୍କୁ ପ୍ରଶିକ୍ଷଣ, ଆର୍ଥିକ ସହାୟତା ଏବଂ ବଜାର ସଂଯୋଗ ମାଧ୍ୟମରେ ସଶକ୍ତ କରିଛି। ଏହି ଏସଏଚଜି ଗୁଡ଼ିକ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ଏବଂ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ସାରା ରାଜ୍ୟରେ ୧,୯୧୩ ମହିଳାଙ୍କୁ ଆଭାଶକ୍ତି ମାଧ୍ୟମରେ ସଫଳତାର ସହିତ ସାମିଲ କରିଛି, ଯାହା ସେମାନଙ୍କୁ ଆତ୍ମନିର୍ଭରଶୀଳତା ଯାତ୍ରାରେ ସହାୟତା କରୁଛି। ସହରୀ ଏବଂ ଗ୍ରାମୀଣ ଓଡ଼ିଶାରେ ଶକ୍ତି ସଂରକ୍ଷଣ ସଚେତନତା ବୃଦ୍ଧି କରିବା ସହିତ ଏହି ପଦକ୍ଷେପ ମହିଳାମାନଙ୍କୁ ବିଦ୍ୟୁତ୍ ମିଟରିଂ, ବିଲିଂ ଏବଂ ସଂଗ୍ରହ ଭଳି ବୈଷୟିକ କ୍ଷେତ୍ରରେ ପ୍ରଶିକ୍ଷଣ ଉପରେ କେନ୍ଦ୍ରୀଭୂତ ରହିଛି। ଶିକ୍ଷା ହେଉଛି ସଶକ୍ତୀକରଣର ମୂଳଦୁଆ ତେଣୁ ଟାଟା ପାୱାର ୫୫ଟି ମହିଳା ସାକ୍ଷରତା କେନ୍ଦ୍ର ପ୍ରତିଷ୍ଠା କରିଛି ଯାହା ୨,୦୦୦ରୁ ଅଧିକ ମହିଳାଙ୍କୁ ମୌଳିକ ଶିକ୍ଷା ହାସଲ କରିବାରେ ସାହାଯ୍ୟ କରିଛି।

### ଷ୍ଟେସନରେ ଭିଡ଼ କମାଇବାକୁ ରେଳବାଇର ସ୍ୱତନ୍ତ୍ର ଯୋଜନା

# କନ୍‌ଫର୍ମ ଟିକଟ ଥିଲେ ଷ୍ଟେସନ୍‌ରେ ପ୍ରବେଶ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**



ମହାକୁମ୍ଭ ସମୟରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ହୋଇଥିବା ଦଳାଚକଟା ଘଟଣା ପରେ ରେଳବାଇ ବେଶ ସତର୍କ ହୋଇଯାଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ଏକ ଉଚ୍ଚ ସ୍ତରୀୟ ବଡ଼ ବୈଠକ କରିଥିଲେ। ଏହି ବୈଠକରେ ରେଳ ଷ୍ଟେସନଗୁଡ଼ିକରେ ଭିଡ଼ ହ୍ରାସ କରିବା ପାଇଁ ନୂତନ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ପର୍ବପର୍ବାଣୀ ଏବଂ ମହାକୁମ୍ଭର ଅଭିଜ୍ଞତାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଦେଶର ୬୦ଟି ପ୍ରମୁଖ ରେଳ ଷ୍ଟେସନରେ ସର୍ବଦା ବହୁତ ଭିଡ଼ ଥାଏ। ଏବେ ଏହି ଷ୍ଟେସନ ବାହାରେ ସ୍ଥାୟୀ ପ୍ରତୀକ୍ଷା କ୍ଷେତ୍ର ପ୍ରତିଷ୍ଠା କରାଯିବ। ଯାତ୍ରୀମାନଙ୍କୁ କେବଳ ସେମାନଙ୍କ ଟ୍ରେନ୍ ଆସିବାକୁ ଥିବା ସମୟରେ ପ୍ଲାଟଫର୍ମକୁ ଯିବାକୁ ଅନୁମତି ଦିଆଯିବ। ଏହା ଷ୍ଟେସନରେ ଭିଡ଼ କମ୍ କରିବ ଏବଂ ଯାତାୟାତ ସହଜ କରିବ। ଏହି ଯୋଜନାର ପରୀକ୍ଷଣ ନୂଆଦିଲ୍ଲୀ, ଆନନ୍ଦ ବିହାର, ବାରାଣସୀ, ଅଯୋଧ୍ୟା ଏବଂ ପାଟନା ଷ୍ଟେସନରେ ଆରମ୍ଭ ହୋଇଛି। ଏହି ୬୦ଟି ଷ୍ଟେସନରେ ସମ୍ପୂର୍ଣ୍ଣ ପ୍ରବେଶ ନିୟନ୍ତ୍ରଣ ରହିବ। ଅର୍ଥାତ୍, କେବଳ କନ୍‌ଫର୍ମ ବା ନିଶ୍ଚିତ ଟିକେଟ୍ ଥିବା ବ୍ୟକ୍ତିମାନେ ପ୍ଲାଟଫର୍ମ ଭିତରକୁ ପ୍ରବେଶ କରିପାରିବେ। ସୁରକ୍ଷା ବୃଦ୍ଧି ଏବଂ ଗତିବିଧିକୁ ସହଜ କରିବା ପାଇଁ, ସମସ୍ତ ବେଆଇନ ରାସ୍ତା ବନ୍ଦ କରାଯିବ। ଏହା ବିନା ଟିକଟ୍ ଯାତ୍ରୀ ସଂଖ୍ୟା ହ୍ରାସ କରିବ ଏବଂ ଷ୍ଟେସନରେ ସୁରକ୍ଷା ମଧ୍ୟ ବୃଦ୍ଧି କରିବ।ମହାକୁମ୍ଭରେ ଦୁଇ ନୂତନ ପ୍ରକାରର ଫୁଟ ଓଭର ବ୍ରିଜ୍ ବହୁତ ଉପଯୋଗୀ ଥିଲା। ଗୋଟିଏ ୧୨ ମିଟର (୪୦ ଫୁଟ) ଓସାର ଏବଂ ଅନ୍ୟଟି ୬ ମିଟର (୨୦ ଫୁଟ) ଓସାର। ଏହି ଏଫଓବିଗୁଡ଼ିକ ଏବେ ସମସ୍ତ ପ୍ରମୁଖ

**● ଉଚ୍ଚସ୍ତରୀୟ ବୈଠକରେ ରେଳ ମନ୍ତ୍ରୀଙ୍କ ସୀମକ୍ଷା**

ଷ୍ଟେସନରେ ନିର୍ମାଣ କରାଯିବ। ଏହା ଯାତ୍ରୀମାନଙ୍କ ପାଇଁ ଯାତ୍ରା କରିବା ସହଜ କରିବ ଏବଂ ସୁରକ୍ଷା ମଧ୍ୟ ବୃଦ୍ଧି କରିବ। ଷ୍ଟେସନ ଏବଂ ଆଖପାଖ ଅଞ୍ଚଳରେ ବହୁତ କ୍ୟାମେରା ଲଗାଯିବ। ଏହି କ୍ୟାମେରାଗୁଡ଼ିକ ଭିଡ଼ ଉପରେ ନଜର ରଖିବ ଏବଂ ଯେକୌଣସି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସାହାଯ୍ୟ କରିବ। ଏହା ବ୍ୟତୀତ, ବଡ଼ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଯୁଦ୍ଧ କୋଠରୀ ନିର୍ମାଣ କରାଯିବ। ଏଠାରେ ସମସ୍ତ ବିଭାଗର ଅଧିକାରୀମାନେ ଏକାଠି କାମ କରିବେ। ସମସ୍ତ ପ୍ରମୁଖ ରେଳ ଷ୍ଟେସନରେ ଷ୍ଟେସନ ନିର୍ଦ୍ଦେଶକ ଭାବରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ କ୍ଷମତା ସେମାନଙ୍କପାଖରେ ରହିବ। ସେମାନେ ଷ୍ଟେସନ ଏବଂ ଟ୍ରେନର କ୍ଷମତା ଅନୁସାରେ ଟିକଟ ବିକ୍ରିକୁ ନିୟନ୍ତ୍ରଣ କରିପାରିବେ।

# ଋତୁମାନଙ୍କ ସଭା



ଥରେ ନନ୍ଦନବନରେ ଋତୁମାନଙ୍କର ସଭା ବସିଥିଲା। ସବୁଋତୁ ନିଜ ନିଜର ବାହାଦୁରୀ ବିଷୟରେ କହୁଥାନ୍ତି। ଗ୍ରୀଷ୍ମର ତ ଗର୍ବ ବହୁତ। ପ୍ରଥମେ ସିଏ ଆରମ୍ଭ କଲା। କହିଲା,“ ମୁଁ ସବୁଠାରୁ ଭଲ। ଅନ୍ୟ ସବୁ ଋତୁଙ୍କଠାରୁ ମୁଁ ବଡ଼। ମୁଁ ଆସିଲେ ପିଲାମାନେ ବହୁତ ଖୁସି ହୋଇଥାନ୍ତି। ସେମାନଙ୍କୁ ଲମ୍ବା ଛୁଟି ମିଳିଥାଏ। କିଏ ମାମୁଘରକୁ ବୁଲିଯାଏ ତ କିଏ, କିଏ ମାଉସୀ ଘର। ବୁଲାବୁଲିରେ ଯେମିତି ମଜା। ଖିଆପିଆରେ ବି ସେମିତି। କାହାକୁ ଆଇସ୍‌କ୍ରିମ୍ ଭଲ ଲାଗେ ତ ଆଉ କିଏ କିଏ ଥଣ୍ଡା ପିଇବାକୁ ପସନ୍ଦ କରନ୍ତି। ଆମ୍ବ, ପଣସ, ତରଭୁଜ ଖାଇ ବହୁତ ମଜା କରନ୍ତି। ତେଣୁ ମୋତେ ସମସ୍ତେ ଭଲ ପାଆନ୍ତି, ଆଉ ମୁଁ ସବୁ ଋତୁଙ୍କ ଭିତରେ ସାର।”



ଡକ୍ଟର ରବିନାରାୟଣ ସାହୁ

ଗ୍ରୀଷ୍ମର ଗର୍ବଭରା କଥା ଶୁଣି ବର୍ଷା କି ଆଉ ଚୁପ୍ ହୋଇ ପାରନ୍ତା ! ତହୁଁ ସେ କହିଲା, “ତୁ କ’ଣ ବାହାଦୂରୀ ମାରୁଛୁ ମ ! ମୁଁ ତୋ ଠାରୁ କେତେ ଗୁଣରେ ଭଲ। ମୁଁ ଆସିଲେ ଭୂମିଠାରୁ ଭୂମା ସମସ୍ତେ ଖୁସି ହୋଇଯାଆନ୍ତି। ସାରା ପୃଥିବୀ ଗରମରେ ତ୍ରାହି ତ୍ରାହି ଡାକୁଥିବା ବେଳେ ମୁଁ ଯେତେବେଳେ ଝରି ଯାଏନା, ସବୁଆଡ଼ ଶାନ୍ତ ପଡ଼ିଯାଏ। ଶୁଖିଲା ନଈ ନାଳ ଜଳପୂର୍ଣ୍ଣ ହୋଇଯାଆନ୍ତି। ଟାଙ୍ଗରା ଭୂଇଁରେ ଦୂବଘାସ କଅଁଳ ଚାରିଆଡ଼ ସବୁଜିମାରେ ଭରିଯାଏ। କୃଷକ ଭାଇ ଯେମିତି ଖୁସି ହୋଇଥାଏ, ପିଲାମାନେ ବି ତା’ ଠାରୁ ଅଧିକ ଖୁସି ହୋଇଯାଆନ୍ତି। କିଏ ବର୍ଷାରେ ଭିଜିଭିଜି ମଜା ନେଇଥାଏ ତ ଆଉ କିଏ, ଗାଁ ଦାଣ୍ଡ ବା ଅଗଣାରେ କାଗଜ ଡଙ୍ଗା ଭସାଇ ଖୁବ୍ ଆନନ୍ଦ ପାଇଥାଏ। ଆକାଶରେ ରଙ୍ଗିନ ଇନ୍ଦ୍ରଧନୁ ଦେଖି ବି ସମସ୍ତେ ଖୁସି ହୋଇଯାଆନ୍ତି। ତେଣୁ ମୋ ଭଳିଆ କେହି ବି ହେବେ ନାହିଁ।”

ପାଖରେ ବସିଥାଏ ଶୀତ। ଗ୍ରୀଷ୍ମ ଓ ବର୍ଷାଙ୍କ କଥା ଶୁଣି ଶୀତ କହିଲା, “ମୁଁ ବି କୋଉ କମ୍ କି! ପିଲମାନେ ମତେ ବି ଭାରି ଭଲପାଆନ୍ତି। ମୁଁ ଆସିଲେ ଆରମ୍ଭ ହୋଇଯାଏ ପିକନିକ୍। ପିଲମାନେ ବଣଭୋଜି କରି ବହୁତ ମଜା ନେଇଥାନ୍ତି। ବଡ଼ଦିନ ହେଉ କି ନୂଆ ବର୍ଷ, ସମସ୍ତେ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ନାନା ରକମର ଗରମ ପୋଷାକ ପିନ୍ଧି ପିଲାମାନେ ଖୁବ୍ ସୁନ୍ଦର ଦେଖାଯାଇଥାନ୍ତି। ତେଣୁ ମୁଁ ବି ସମସ୍ତଙ୍କର ପ୍ରିୟ।”

ଶୀତର କଥାଶୁଣି ଗ୍ରୀଷ୍ମ ଛିଗୁଲେଇ ହୋଇ କହିଲା, “ହଁ ହଁ, ତୁ ତ ସବୁଠାରୁ ଭଲ। ତୋରି ସମୟରେ ଗଛ ସବୁ ପତ୍ରଝଡ଼ା ଦିଅନ୍ତି। ଲଣ୍ଡା ହୋଇ ଥୁଣ୍ଟା ଦେଖାଯାଆନ୍ତି। ସେଇଥି ପାଇଁ ତତେ ସବୁ ପତ୍ରଝଡ଼ା ଋତୁ ବୋଲି କୁହନ୍ତି। ଏଇଟା ତୋର କୋଉ ଭଲଗୁଣ କହ ତ ? ଏଇଥିରେ କହୁଛୁ ମୁଁ ସମସ୍ତଙ୍କର ପ୍ରିୟ। ବର୍ଷା ଋତୁ ବି ଗ୍ରୀଷ୍ମ ସାଙ୍ଗରେ ମିଶିଗଲା। କହିଲା ଠିକ୍ କଥା ତ। ଏ ଶୀତ ଆସୁଆସୁ ଗଛମାନେ ଥୁଣ୍ଟା ହୋଇ ଶ୍ରୀହୀନ ଦିଶନ୍ତି। ଏଇଟା ଜମା ଭଲ ନୁହେଁ। ଗଛମାନଙ୍କୁ ଲଣ୍ଡା କରିଦିଏ। ଛି !ଛି! ”

ଗ୍ରୀଷ୍ମ, ବର୍ଷାର କଥା ଶୁଣି ବସନ୍ତ ଋତୁ ଆଉ ଚୁପ୍ ହୋଇ ରହି ପାରିଲା ନାହିଁ। ସେତେବେଳୁ ଶୀତଋତୁ ବିଚରା ଗୁମ୍ ମାରି ବସିଥାଏ। ଦୁଇ ଋତୁଙ୍କ କଥା ଶୁଣି ତା’ ମନଦୁଃଖ ହୋଇ ଯାଇଥାଏ। ବସନ୍ତ ଋତୁ ପତ୍ରଝଡ଼ା ଶୀତକୁ ସାନ୍ତ୍ୱନା ଦେଇ କହିଲା, “ଆଲୋ ଭଉଣୀ ଏମାନଙ୍କ କଥା ଶୁଣି ଏମିତି ମନଦୁଃଖ କଲେ ହେବ। ଆରେ ମୁଁ ପରା ତୋ ସାଥିରେ ଅଛି। ତୋ ଆସିବାରେ ଗଛରୁ ପତ୍ର ଝଡ଼ିଗଲେ କ’ଣ ହେଲା ମୁଁ ଆସୁ ଆସୁ ଗଛମାନଙ୍କରେ ନବ କିଶଳୟ ହସି ଉଠେ। ନୂଆ ନୂଆ ଫୁଲ ଫଳ ସହ ଧରଣୀ ରାଣୀ ସୁନ୍ଦର ଦିଶେ। ଗଛରେ ଗଛରେ ନୂଆ ପତ୍ର କଅଁଳି ସବୁଜିମାରେ ଭରିଯାଏ। ଆ’ ମୋ ପାଖକୁ ଆ, ଦୁଃଖ ପରେ ସୁଖ ଆସେ। ଆଉ ତୁ ଏମାନଙ୍କ କଥା ଶୁଣି ମନଦୁଃଖ କରୁଛୁ। ମୋ ଉପରେ ଭରସା ରଖ, ସବୁ ଠିକ୍ ହୋଇଯିବ”। ଏତିକିବେଳେ ବସନ୍ତ ଋତୁ ଗ୍ରୀଷ୍ମ, ବର୍ଷା ଶୀତକୁ ଚାହିଁ କହିଲା, “ତମେମାନେ କେମିତି ସାଙ୍ଗ କେଜାଣି । ଜଣଙ୍କ ମନରେ ଯଦି ଖୁସି ଦେଇପାରୁନ, ଦୁଃଖ ଦେଉଛ କାହିଁକି ? କାହାକୁ ପଦେ ମିଠା କଥା କହି ତ ଜାଣିନ ବରଂ ସମାଲୋଚନା ଓ ଥଟ୍ଟାକରି ମଜା ନେଉଛ। ଏଇଟା କ’ଣ ତମର ମହତପଣିଆ। ଆରେ, ମନଦୁଃଖ ଥିବାବେଳେ ଯିଏ ଟିକେ ଭଲ କଥା କହି କହି କଷ୍ଟ ଲାଘବ କରେ ନା, ସେହିଁ ମହାନ। ତମେ ତା’ ନ କରି ଓଲଟା ଖୁସିରେ ଥିବା ଜଣେ ସାଙ୍ଗ ମନରେ ଆଘାତ ଦେଉଛ । ପୁଣି ନିଜକୁ ବଡ଼ ବୋଲି କହୁଛ ।” ବସନ୍ତ କଥା ଶୁଣି ଶୀତ ମନରେ ଟିକିଏ ସାହସ ଆସିଲା। ଗ୍ରୀଷ୍ମ ଆଉ ବର୍ଷା ଶୀତକୁ ଚିଡ଼େଇବେ କ’ଣ ବସନ୍ତ ଋତୁ କଥା ଶୁଣି ଦିହେଁ ମୁଣ୍ଡ ତଳକୁ ନଇଁଦେଲେ। ■

ସ୍ମୃତିନଗର, ବରଗଡ଼
ମୋ-୯୮୬୧୦୮ ୯୩୪୮

## କୁନି ତାରକା



ସ୍ପନ୍ଦିତା

## ବହୁ ପ୍ରତିଭାର ଅଧିକାରୀ
# ଦିବ୍ୟାଂଶୀ

**ବାଲେଶ୍ୱର ସହର ଚାନ୍ଦମାରି ପଡ଼ିଆ ଅଞ୍ଚଳର ଦିବ୍ୟାଂଶୀ ଖିଲାର। ବର୍ତ୍ତମାନ ସେ କିଡ୍‌ସ ହାଇ ଇଣ୍ଟରନ୍ୟାସନାଲ ପ୍ଲେ ସ୍କୁଲରେ ଏଲ୍‌କେଜିରେ ପାଠ ପଢୁଛନ୍ତି। ବୟସ ମାତ୍ର ୪ ବର୍ଷ। ଏହି ବୟସରେ ଏହି କୁନି ବାଳିକା ଜଣକ ଆଙ୍କରିଂ, ନାଚ, ଗୀତ, ମଡେଲିଂ, ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ୍ ସବୁଥିରେ ଅତି ଚମତ୍କାର ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଶ୍ଳୋକ, ହନୁମାନ ଚାଳିଶା ଆଦିକୁ ସେ ଅତି ନିର୍ଭୁଲ୍ ଭାବେ ମଧ୍ୟ ଆବୃତ୍ତି କରିପାରନ୍ତି। ତାଙ୍କର ଏହି ବିଚକ୍ଷଣ ପ୍ରତିଭା ପାଇଁ ସେ ଅନେକ ସ୍ଥାନରୁ ପୁରସ୍କୃତ ମଧ୍ୟ ହୋଇସାରିଛନ୍ତି।**






ଦିବ୍ୟାଂଶୀଙ୍କ ନିଜ ଘର ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ନରସିଂହପୁରରେ ହୋଇଥିବାବେଳେ ତାଙ୍କ ବାପା, ମା’ ଏବଂ ବଡ଼ ଭଉଣୀଙ୍କ ସହ ସେ ଚାନ୍ଦମାରି ପଡ଼ିଆ ନିକଟରେ ଏକ ଭଡ଼ା ଘରେ ରହୁଛନ୍ତି। ତାଙ୍କ ବାପା ବୀରେନ୍ଦ୍ର ଖିଲାର ଟ୍ୟୁସନ କରି ଘର ଚଳାନ୍ତି। ଏହାରି ଭିତରେ ଦିବ୍ୟାଂଶୀ ଅନେକ ପ୍ରତିଭାର ଅଧିକାରୀ ହୋଇ ଚାରିଆଡ଼ୁ ପ୍ରଶଂସା ସାଉଁଟୁଛନ୍ତି। ଏହି କୁନି ବୟସରେ ସେ ବଡ଼ ବଡ଼ ଆଙ୍କରମାନଙ୍କ ଭଳି ଅନବରତ ଭାବେ କହି ଚାଲିଥାନ୍ତି। ଖାଲି ସେତିକି ନୁହେଁ, ମନୋ ଆକ୍ଟନ, ରାଇମ୍ସ, ନାଚ, ଫ୍ୟାନ୍ସି ଡ୍ରେସ୍, ରାମ୍ପ ୱାକ୍ ପ୍ରତିଟି କ୍ଷେତ୍ରରେ ସେ ବେଶ୍ ଭଲ ପ୍ରଦର୍ଶନ କରନ୍ତି। ତେବେ ଦିବ୍ୟାଂଶୀଙ୍କ ପ୍ରତିଭାକୁ ଆଗକୁ ନେବା ପାଇଁ ମା’ ଦେବଯାନୀ ବାରିକ ଏବଂ ଭଉଣୀ ସରଗମ ଦିନରାତି ଲାଗିଛନ୍ତି। ମୋବାଇଲରୁ ବିଭିନ୍ନ ପ୍ରକାରର ଭିଡିଓ ଦେଖି ଦେବଯାନୀ ଝିଅକୁ ଅଭିନୟ ଶିଖାଇଥାନ୍ତି। କେତେବେଳେ ଝାନ୍ସି ରାଣୀ ତ କେତେବେଳେ ମା’ ଦୁର୍ଗା, ପୁଣି କେବେ କନ୍ୟାରତ୍ନ ସୁରକ୍ଷା ନେଇ ବେଶ୍ ନିଖୁଣ ଅଭିନୟ କରି ପାରୁଛନ୍ତି ଦିବ୍ୟାଂଶୀ। ଖାଲି ସେତିକି ନୁହେଁ ନାଚ, ରାମ୍ପ୍ ୱାକ୍ ଆଦି ତାଙ୍କ ବଡ଼ ଭଉଣୀ ସରଗମ ତାଙ୍କୁ ଭଲଭାବେ ବୁଝାଇ ଶିଖାଇ ଥାଆନ୍ତି। ମାତ୍ର ଦୁଇବର୍ଷ ବୟସରେ ତାଙ୍କ ଭିତରେ ଥିବା ପ୍ରତିଭା ସମ୍ପର୍କରେ ଜାଣିବାକୁ ପାଇଥିଲେ ପରିବାର ଲୋକେ। ବିଶେଷ କଥା ହେଲା, ଏ କୋମଳ ବୟସରେ ଦିବ୍ୟାଂଶୀ ପୂଜାବେଳେ ମା’ ଯେଉଁ ଯେଉଁ ମନ୍ତ୍ର ଉଚ୍ଚାରଣ କରିଥାନ୍ତି, ସେସବୁ ମନେ ରଖି ଠାକୁରଙ୍କ ଆଗରେ ନିଜେ ପାଠ କରିଥାନ୍ତି। ହନୁମାନ ଚାଳିଶା ହେଉ କିମ୍ବା ମହାମୃତ୍ୟୁଞ୍ଜୟ ମନ୍ତ୍ର, ସବୁକିଛି ଦିବ୍ୟାଂଶୀ ମୁଖସ୍ଥ କରି ଦେଇଛନ୍ତି। ସେ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକବାର ପୁରସ୍କୃତ ମଧ୍ୟ ହୋଇଛନ୍ତି। ତେବେ ଦିବ୍ୟାଂଶୀଙ୍କ ପରିବାର ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବାରୁ ସେ କଳା କ୍ଷେତ୍ରରେ କୌଣସିପ୍ରକାର ତାଲିମ ନେଇପାରୁ ନାହାନ୍ତି। ପ୍ରଶିକ୍ଷଣ ନେଲେ ସେ ଆହୁରି ଆଗକୁ ଯାଇପାରନ୍ତା ବୋଲି ଦିବ୍ୟାଂଶୀଙ୍କ ବାପା-ମା’ କୁହନ୍ତି। ଅନ୍ୟ ପକ୍ଷରେ ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବା ପାଇଁ ସ୍ୱପ୍ନ ଦେଖିଛନ୍ତି ଦିବ୍ୟାଂଶୀ। ■

ରିପୋର୍ଟ:
ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି
ବାଲେଶ୍ୱର

## ପ୍ରହେଳିକା



- ଆସିଲେ ସିଏ ଏ ଧରା ହସେ
ଆମ୍ବଗଛ ଡାଳେ ବଉଳ ବାସେ
ଗଛରେ ଫୁଲ ବି ମୁରୁକି ହସେ
ପ୍ରକୃତିରାଣୀଟି ସୁନ୍ଦର ଦିଶେ
କୋଇଲି ଗାଏ ଡାଳରେ ବସି
ରଙ୍ଗ ଖେଳ ପୁଣି ଦିଅଇ ଖୁସି
ସରସ ସୁନ୍ଦର ମାସଟି ସିଏ
`ନାମଟି ତାହାର କହିବ କିଏ ?
ଉ-ଫଗୁଣ



- ଫଗୁଣ ମାସରେ ଆସଇ ସିଏ
ରଙ୍ଗର ପୁନେଇଁ ଦୁନିଆଁ କୁହେ
ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି
ଦୋଳରେ ବସିବା ରହିଛି କୀର୍ତ୍ତି
ପୂଜ୍ୟପୂଜ୍ୟାର ପୁର୍ଣ୍ଣିମାଟିଏ
ନାମଟି ତାହାର କହିବ କିଏ ?
ଉ-ଦୋଳ ପୂର୍ଣ୍ଣିମା

- ସେ ପରା ଅଟଇ ଏମିତି ରଙ୍ଗ
ଖେଳନ୍ତି ସଭିଏଁ ହୋଇକି ସାଙ୍ଗ
ଉଡୁଥାଏ ଯେବେ ଆସଇ ହୋଲି
ବୁଲୁଥାନ୍ତି ସବୁ ମୁହଁରେ ବୋଳି
ଭାଇଚାରାର ରଙ୍ଗ ଅଟଇ ସିଏ
ନାମଟି ତାହାର କହିବ କିଏ ?
ଉ-ଅବିର

- ଆସିଛି ଦୋଳ ହେବ ମେଳଣ
ବୁଲିବେ ଯୁଗଳମୂର୍ତ୍ତି
ଗାଆଁରୁ ଗାଆଁ ଦ୍ୱାରକୁ ଦ୍ୱାର
ବୁଲିବା ଅଛି କୀର୍ତ୍ତି
କେଡ଼େ ସୁନ୍ଦରେ ବୁଲିବେ ସିଏ
ମୁହେଁ ଅବିର ମାଖି
କେଉଁଥିରେ ବସି ବୁଲନ୍ତି ସିଏ
ନାମ କହିଲ ଦେଖି ?
ଉ-ଦୋଳବିମାନ

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮ ୩୪୫



## ସକାଳ ଶିଶୁ କୁଇଜ୍-୧୫୬

(୧) ଅଜନ୍ତା ଗୁମ୍ଫା ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ________
(୨) ବିଦ୍ୟୁତ୍ ବଲ୍‌ବର ଫିଲାମେଣ୍ଟ କେଉଁ ଧାତୁରେ ତିଆରି ହୋଇଥାଏ?
ଉତ୍ତର : ________
(୩) ‘ମୁଦ୍ରାରାକ୍ଷସ’ର ରଚୟିତା କିଏ?
ଉତ୍ତର : ________
(୪) ଜର୍ମାନୀର ରାଜଧାନୀର ନାମ କ’ଣ?
ଉତ୍ତର : ________
(୫) ଜନ୍ତର ମନ୍ତରର ନିର୍ମାଣ କିଏ କରିଥିଲେ?
ଉତ୍ତର : ________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା
- ତାରାରଞ୍ଜନ ମାଝି, ଚନ୍ଦାହାଣ୍ଡି, ନବରଙ୍ଗପୁର
- ଲୋପାମୁଦ୍ରା ମହାନ୍ତି, ମଙ୍ଗଳପୁର, ଯାଜପୁର
- ଅରୋସ୍ମିତା ମିଶ୍ର, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ହୋଲିଖେଳଟି ବଢ଼ିଆ



କୁଞ୍ଜ ବିହାରୀ ସାହୁ

ଦେ ଦେଏରେ ଦେଏ ରେ ସାଙ୍ଗ
ନାଲି, ନେଳିଆ, ଶାଗୁଆ ରଙ୍ଗ ।
ଶୁଣିଯା ଗୀତ ଯାଉଛି ବୋଲି
ହସିହସିକି ଖେଳିବା ହୋଲି ।
ନେ ନେଏରେ ନେଏରେ ସାଙ୍ଗ
ଦେଏରେ ବୋଳି ମୁହଁରେ ରଙ୍ଗ ।
ଗାଇଦେଲୁ ତୁ ସୁରିଲା ଗୀତ
ଲାଗିଲା ଭଲ ସତରେ ମିତ ।
ନାଲି, ନେଳିଆ, ଶାଗୁଆ ରଙ୍ଗ
ବୋଲି ହୋଇଲେ ଦୁଇଟି ସାଙ୍ଗ ।
ବୁଲିଲେ ଦୁହେଁ ସାହିକି ସାହି
ସାଙ୍ଗସାଥୀଙ୍କୁ ରହିଲେ ଚାହିଁ ।
ରଙ୍ଗ ଲଗେଇ କରିଲେ ମଜା
ନାଚିଲେ ଗାଇ ବଜେଇ ବାଜା ।
ମନଖୁସିରେ ଆଦର କରି
ଖେଳିଲେ ହାତେ ଅବିର ଧରି ।■

ପାତ୍ରପଡ଼ା ଭୁବନେଶ୍ୱର
ମୋ- ୭୦୦୮୧୪୨୦୪୦



## ଆସିଛି ଆଜି ହୋଲି



ସୁହଂସ ଭୋଇ

ରଙ୍ଗର ଝୋଡ଼ି ମୁଣ୍ଡରେ ବୋହି
ଆସିଛି ଆଜି ହୋଲି
ସଭିଏଁ କଳି କଜିଆ ଭୁଲି
ଖେଳିବା ଆମେ ମିଳି
ଏମିତି ରଙ୍ଗ ଆଣିବା ଯାହା
ସହଜେ ଯିବ ଧୋଇ
ଆଖି କାନକୁ ଅବା ଦେହକୁ
କ୍ଷତି କରିବ ନାହିଁ
ଏକାଠି ହୋଇ ଅଳପ କରି
ହେବାରେ ବୋଳାବୋଳି
ହସ ଖୁସିରେ ବଡ଼ ମଜାରେ
ସମୟ ଯିବ ଚାଲି
ଭକତି ଭରେ ଗୁରୁଜନଙ୍କୁ
ଅବିର ଦେବା ବାଡ଼ି
ଜୁହାର ହୋଇ ଆଶିଷ ନେବା
ବିନୟେ ହାତ ଯୋଡ଼ି
ପୋଖରୀ ଘାଟେ ଗାଧୁଆ ବେଳେ
ରହିବା ସାବଧାନ
ପାଣିରେ ଯଦି ଖସିବ ଗୋଡ଼
ବିପଦ ଅଛି ଜାଣ
ବାର ମାସକୁ ତେର ପରବ
ପଛକୁ ପଛ ଆସେ
ଆଉ କେଉଁଠି ପାଇବା ନାହିଁ
ମିଳିବ ଆମ ଦେଶେ ।■

ପହଣ୍ଡି, ବିଜେପୁର, ବରଗଡ଼
ମୋ- ୯୪୩୭୫୭୨୪୫୫



## କୁନି ହାତରେ ତୂଳୀ




ସାଇ ଶ୍ରୀ
ପଞ୍ଚମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା





ମାନସ ରଞ୍ଜନ ଆଚାର୍ଯ୍ୟ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ହର୍ଷବର୍ଦ୍ଧନ ମଣ୍ଡଳ
ଦ୍ୱିତୀୟ ଶ୍ରେଣୀ
ସେଣ୍ଟ ଜୋସେଫ୍ ହାଇସ୍କୁଲ
ୟୁନିଟ୍- ୯, ଭୁବନେଶ୍ୱର





ନବ୍ୟା ନବେଲି ମହାନ୍ତି
ନବମ ଶ୍ରେଣୀ
ସଲ୍ଟଲେକ୍ ଶିକ୍ଷା ନିକେତନ
କଲିକତା



### ଚାମ୍ପିଅନ୍ସ ଟ୍ରଫି ଫାଇନାଲ ରବିବାର

# କୋହଲି, ଗିଲ୍, ବରୁଣ ଭାରତର ବଳ

**ନୂଆଦିଲ୍ଲୀ,୭ ।୩(ଏଜେନ୍ସି):** ଆଉ ଗୋଟିଏ ଦିନ ପରେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି ଚାମ୍ପିଅନ୍ସ ଟ୍ରଫି ୯ମ ସଂସ୍କରଣର ଫାଇନାଲ ମୁକାବିଲା। ଦୀର୍ଘ ୨୫ ବର୍ଷ ପରେ ଭାରତ ଓ ନ୍ୟୁଜିଲାଣ୍ଡ ପୁଣି ଥରେ ଟାଇଟଲ ପାଇଁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ଭାରତ ଏହି ମ୍ୟାଚ୍ ଜିତି ତୃତୀୟଥର ପାଇଁ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ଫାଇନାଲ ମୁକାବିଲା ପୂର୍ବରୁ ଦୁଇ ଦଳର ଦକ୍ଷତା ଓ ଦୁର୍ବଳତା ସମ୍ପର୍କରେ ଆଲୋଚନା କରିବା।





## ■ ଭାରତକୁ ୩ଟି ଫାଇଦା

**୧. କୋହଲି, ଗିଲ୍, ଆୟର:** ଏପର୍ଯ୍ୟନ୍ତ ଭାରତ ୪ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇଛି। ଦଳ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଜବରଦସ୍ତ ପ୍ରଦର୍ଶନ କରିଛି। କୋହଲି ଓ ଗିଲ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଲେଖାଏଁ ଶତକ ଅର୍ଜନ କରିଛନ୍ତି। ଶ୍ରେୟସ ଆୟର, ଅକ୍ଷର ପଟେଲ ଓ ଲୋକେଶ ରାହୁଲ ମିଡଲ ଅର୍ଡରରେ ଭଲ ଖେଳିଛନ୍ତି। ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। କୋହଲି ଏପର୍ଯ୍ୟନ୍ତ ୪ ମ୍ୟାଚ୍‌ରୁ ୨୧୭, ଆୟର ୧୯୫ ଓ ଗିଲ୍ ୧୫୭ ରନ ସଂଗ୍ରହ କରିଛନ୍ତି।

**୨. ସାମି ଓ ବରୁଣ:** ବୋଲିଂରେ ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀଙ୍କ ନଜର ରହିବ। ବରୁଣ ଦୁଇଟି ମ୍ୟାଚ୍ ଖେଳି ୭ ଓ ସାମି ୪ ମ୍ୟାଚ୍ ଖେଳି ୮ ୱିକେଟ ନେଇଛନ୍ତି। ଗୋଟିଏ ପାଳିରେ ଦୁହେଁ ୫ ୱିକେଟ ସଫଳତା ମଧ୍ୟ ପାଇଛନ୍ତି। ସେହିପରି ସ୍ପିନର ଅକ୍ଷର ପଟେଲ ୪ ମ୍ୟାଚ୍ ଖେଳି ୪ ୱିକେଟ ନେଇଛନ୍ତି। ଭାରତୀୟ ବୋଲର ଏପର୍ଯ୍ୟନ୍ତ ୩୭ଟି ୱିକେଟ ନେଇସାରିଛନ୍ତି। ଏଥିରୁ ସ୍ପିନରମାନେ ୨୧ ଓ ଦ୍ରୁତ ବୋଲର ୧୬ଟି ୱିକେଟ ନେଇଛନ୍ତି। ତେଣୁ ଫାଇନାଲରେ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ।

**୩. ଗୋଟିଏ ଭେନ୍ୟୁରେ ଖେଳୁଛି ଭାରତ:** ଭାରତ କେବଳ ଦୁବାଇରେ ଗୋଟିଏ ହୋଟେଲରେ ରହି ଗୋଟିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳୁଛି। ତେଣୁ ଭ୍ରମଣଜନିତ କ୍ଲାନ୍ତି ଭାରତୀୟ ଖେଳାଳିଙ୍କୁ ପ୍ରଭାବିତ କରିବ ନାହିଁ। ପଡିଆର ସବୁ ପ୍ରକାର ପରିସ୍ଥିତି ସହ ଭାରତୀୟ ଖେଳାଳି ପରିଚିତ। ତେଣୁ ଦୁବାଇର ଏହି ମନ୍ଥର ପିଚ୍‌ରୁ ଭାରତ ଫାଇଦା ପାଇବା ସ୍ୱାଭାବିକ।

## ■ ଭାରତର ୩ଟି ଦୁର୍ବଳତା

ସବୁ ୪ଟି ମ୍ୟାଚ୍ ଜିତିଥିଲେ ମଧ୍ୟ ଭାରତର କେତୋଟି ଦୁର୍ବଳତା ପଦାରେ ପଡିଛି। ଭାରତୀୟ ଖେଳାଳିଙ୍କ ଫିଲ୍ଡିଂ ଆଶାନୁରୂପ ହୋଇ ପାରିନାହିଁ। ଖରାପ ଫିଲ୍ଡିଂ କାରଣରୁ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଭାରତକୁ ବେଶ୍ କଷ୍ଟ କରିବାକୁ ପଡିଥିଲା।

**୧. ରୋହିତ ବଡ଼ ଇନିଂସ ଖେଳିନାହାନ୍ତି:** ରୋହିତ ଶର୍ମା ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରି ନପାରି ଏପର୍ଯ୍ୟନ୍ତ ଅର୍ଦ୍ଧଶତକ ଅର୍ଜନ ହାସଲ କରିନାହାନ୍ତି। କୌଣସି ମ୍ୟାଚ୍ ପ୍ରଥମ ପାୱାର ପ୍ଲେ'ରେ ସେ ପୂରା ବ୍ୟାଟିଂ କରିପାରି ନାହାନ୍ତି। ଟୁର୍ଣ୍ଣାମେଣ୍ଟରେ ତାଙ୍କ ଉଚ୍ଚତମ ସ୍କୋର ୪୧ ରହିଛି। ୪ଟି ମ୍ୟାଚ୍ ଖେଳି ସେ ୨୬ ହାରରେ ୧୦୪ ରନ ସଂଗ୍ରହ କରିଛନ୍ତି।

**୨. ନ୍ୟୁଜିଲାଣ୍ଡ ସ୍ପିନର ସମସ୍ୟାରେ ପକାଇବେ:** ଭାରତୀୟ ବ୍ୟାଟରଙ୍କୁ ନ୍ୟୁଜିଲାଣ୍ଡ ସ୍ପିନର ସମସ୍ୟାରେ ପକାଇବେ। ବାମହାତୀ ସ୍ପିନର ସାଣ୍ଟନର ଖାସ୍ କରି କୋହଲିଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବେ। ସେହିପରି ମାଇକେଲ ବ୍ରେସ୍‌ୱେଲ ମଧ୍ୟ ଉପଯୋଗୀ ସାବ୍ୟସ୍ତ ହେବେ।

**୩. ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ସାମିଙ୍କୁ ସହାୟତା ଦେବାକୁ ଅଭିଜ୍ଞ ଦ୍ରୁତ ବୋଲର ନାହାନ୍ତି:** ବୋଲିଂରେ ସାମିଙ୍କୁ ସହାୟତା ଦେବାକୁ ଅଭିଜ୍ଞ ପେସ୍ ବୋଲର ନାହାନ୍ତି। ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦଳରେ ରହିଛନ୍ତି। ହର୍ଷିତ ଓ ପାଣ୍ଡ୍ୟା ୪ଟି ଲେଖାଏ ୱିକେଟ ନେଇଛନ୍ତି।

## ■ ନ୍ୟୁଜିଲାଣ୍ଡର ଦକ୍ଷତା ଓ ଦୁର୍ବଳତା

ନ୍ୟୁଜିଲାଣ୍ଡ ୱାର୍ମଅପ୍ ସହ ୫ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଥିବା ଗୋଟିଏରେ ଭାରତଠାରୁ ହାରିଛି। ଦଳ ଦୁଇଥର ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛି। ରାଚିନ ଦୁଇଟି ଶତକ ଓ ୱିଲିମୟସନ, ଟମ୍ ଲାଥମ ଓ ୱିଲ ୟଙ୍ଗ୍ ଗୋଟିଏ ଲେଖାଏ ଶତକ ଅର୍ଜନ କରିଛନ୍ତି। ସେହିପରି ବୋଲିଂରେ ମ୍ୟାଟ ହେନରୀ ଟୁର୍ଣ୍ଣାମେଣ୍ଟରେ ୧୦ ୱିକେଟ ନେଇଛନ୍ତି। ତେଣୁ ସେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବେ। ଦୁବାଇରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଖେଳିବାର ଅନୁଭବ ରହିଛି। ନ୍ୟୁଜିଲାଣ୍ଡର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ବରୁଣଙ୍କ ସ୍ପିନ୍। ତାଙ୍କ ବଲକୁ ବୁଝିବାରେ ବ୍ୟାଟରମାନେ ବିଫଳ ହେବେ। କୁଲଦୀପ ଯାଦବ ମଧ୍ୟ ବିପଦ ସୃଷ୍ଟି କରିବେ। ଦଳର ମଧ୍ୟକ୍ରମ ଭାରତ ଆଗରେ ଫିକା ପଡିବାର ଆଶଙ୍କା ରହିଛି। ଦୁବାଇର ମନ୍ଥର ପିଚ୍ ନ୍ୟୁଜିଲାଣ୍ଡ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ।

## ବରୁଣ ଆମ ଲାଗି ବଡ଼ ବିପଦ: ନ୍ୟୁଜିଲାଣ୍ଡ ହେଡ୍ କୋଚ୍

**ଦୁବାଇ, ୭।୩ (ଏଜେନ୍ସି):** ସାମ୍ପ୍ରତିକ ଦିନିକିଆ ମାନ୍ୟତା ହେଉ କିମ୍ବା ଭାରତର ଫର୍ମ ଆମକୁ ବିବ୍ରତ କରିନାହିଁ। ବାରମ୍ବାର ଲାହୋର ଓ କରାଚିରୁ ଦୁବାଇ ଯିବାଆସିବାକୁ ନେଇ ମଧ୍ୟ ଆମେ ଚିନ୍ତିତ ନୁହେଁ। ଭାରତ ବିପକ୍ଷ ଫାଇନାଲ ପୂର୍ବରୁ ଯଦି କେହି ଆମ ଚିନ୍ତା ବଢ଼ାଇଥାଏ, ସେ ହେଉଛନ୍ତି ଭାରତ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ। ଦୁବାଇରେ ଖେଳାଳି ରହୁଥିବା ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ନ୍ୟୁଜିଲାଣ୍ଡ କୋଚ୍ ଗ୍ୟାରୀ ଷ୍ଟେଡ୍। ଗତ ରବିବାର ଦୁବାଇରେ ଯେଉଁ ଲିଗ୍ ମ୍ୟାଚ୍ ହୋଇଥିଲା, ସେଥିରେ ବରୁଣ ୪୨ ରନ୍ ଦେଇ ୫ଟି ୱିକେଟ ନେଇଥିଲେ। ଆମେ ଭଲ ସ୍ଥିତିରେ ଥିଲେ ମଧ୍ୟ ବରୁଣଙ୍କ ସଫଳତା ଯୋଗୁଁ ୨୦୫ ରନ୍‌ରେ ଆଉଟ ହୋଇଥିଲୁ। ଏଣୁ ଫାଇନାଲରେ ସେ ଆମପ୍ରତି ବଡ଼ ବିପଦ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ହେଡ୍ କୋଚ୍ ଷ୍ଟେଡ୍। ସୂଚନାଯୋଗ୍ୟ ଦୀର୍ଘ ୨୫ ବର୍ଷ ପରେ ନ୍ୟୁଜିଲାଣ୍ଡ ଆଇସିସି ଦ୍ୱାରା ଆୟୋଜିତ ଦିନିକିଆ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳିବାକୁ ଯାଉଛି। ବରୁଣଙ୍କ ଉପସ୍ଥିତି ନ୍ୟୁଜିଲାଣ୍ଡର ଟାଇଟଲ ଜିତିବାରେ ସନ୍ଦେହ ସୃଷ୍ଟି କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ କୌଣସି କ୍ଷେତ୍ରରେ ପଛୁଆ ନାହିଁ। କେବଳ ବରୁଣଙ୍କ ବୋଲିଂ ଉଭୟ ଦଳ ମଧ୍ୟରେ ଫରକ ଆଣିବ ବୋଲି ଷ୍ଟେଡ୍ ସୂଚନା ଦେଇଛନ୍ତି।

## ହେନରୀଙ୍କ ଖେଳିବା ନେଇ ଆଶଙ୍କା



**ଦୁବାଇ,୭।୩ (ଏଜେନ୍ସି):** ଭାରତ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡର ନଂ-୧ ଫାଷ୍ଟ ବୋଲର ମ୍ୟାଟ ହେନରୀଙ୍କର ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବୁଧବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲ ମୁକାବିଲାରେ ଏକ କ୍ୟାଚ୍ ଧରିବାକୁ ଯାଇ ତଳେ ପଡ଼ିଯାଇଥିଲେ ଓ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଯଦିଓ ଏହି ଆଘାତ ସମସ୍ୟାରୁ ସେ ମୁକୁଳିଯିବେ ବୋଲି ହେଡ୍ କୋଚ୍ ଗ୍ୟାରୀ ଷ୍ଟେଡଙ୍କର ଆଶା ରହିଛି, ତଥାପି ସେ ସୁସ୍ଥ ହୋଇପାରି ନାହାନ୍ତି। ଆଘାତ ସ୍ଥାନରେ ସ୍କାନ୍ କରାଯାଇ ତାଙ୍କର ଚିକିତ୍ସା ଚାଲିଛି ଓ ସେ ସୁସ୍ଥ ହେବାରେ ଲାଗିଛନ୍ତି। କିନ୍ତୁ ମ୍ୟାଚ୍ ଖେଳିପାରିବେ କି ନାହିଁ ତାହା ରବିବାର ସକାଳେ ଜଣାପଡ଼ିବ।

## ଜିଓଷ୍ଟାରରେ ପ୍ରସାରଣ; ଭାରତ-ପାକ୍ ମ୍ୟାଚ୍ ସମସ୍ତ ରେକର୍ଡ ଭାଙ୍ଗିଲା

**ଦୁବାଇ, ୭।୩ (ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୨୩ ତାରିଖ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ମୁକାବିଲାକୁ ଜିଓଷ୍ଟାରରେ ଉଭୟ ଟିଭି ଓ ଡିଜିଟାଲ ଆପ୍‌ରେ ରେକର୍ଡ ଦର୍ଶକ ଉପଭୋଗ କରିଛନ୍ତି। ଏହା ୨୦୨୩ରେ ଅନୁଷ୍ଠିତ ଭାରତ-ପାକିସ୍ତାନ ମ୍ୟାଚ୍ ଏବଂ ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ର ରେକର୍ଡକୁ ଅତିକ୍ରମ କରିଯାଇଛି। ଏହି ମୁକାବିଲାକୁ ଜିଓଷ୍ଟାରରେ ୨୦.୬ କୋଟି ଦର୍ଶକ ସିଧାସଳଖ ମ୍ୟାଚ୍‌କୁ ଟେଲିଭିଜନରେ ଦେଖିଛନ୍ତି ବୋଲି ବିଏଆରସି (ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍ସିଲ) ପକ୍ଷରୁ କୁହାଯାଇଛି। ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ବିଶ୍ୱକପ୍ ଫାଇନାଲଠାରୁ ଏହି ମ୍ୟାଚ୍‌କୁ ୧୧ ଶତକଡ଼ା ଅଧିକ ଦର୍ଶକ ଦେଖିଛନ୍ତି ବୋଲି ବିଏଆରସି ସୂଚନା ଦେଇଛି।

## ଜ୍ୟୋତିଷଙ୍କ ଭବିଷ୍ୟବାଣୀ; ରୋହିତ ଜିତିବେ ଚାମ୍ପିଅନ୍ସ ଟ୍ରଫି

**ଦୁବାଇ,୭।୩ (ଏଜେନ୍ସି):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ମୁକାବିଲା ଆସନ୍ତା ରବିବାର ଅନୁଷ୍ଠିତ ହେବ। ଏହି ଫାଇନାଲ ମୁକାବିଲାକୁ କିଏ ଜିତିବ, କାହିଁକି ଓ କିପରି ଜିତିବ ତାହାର ଜୋରଦାର ଆକଳନ ଚାଲିଛି। ଦକ୍ଷତା ଓ ଫର୍ମ ଦୃଷ୍ଟିରୁ ଉଭୟ ସମାନ ଦଳ ଭାବେ ବିବେଚନା କରାଯାଉଛି। କିନ୍ତୁ ରୋହିତ ଶର୍ମାଙ୍କ ଭାଗ୍ୟରେଖା ତାଙ୍କୁ ଆଉ ଏକ ବିଶ୍ୱଟାଇଟଲ ଦେବ ବୋଲି ଜ୍ୟୋତିର୍ବିଦ୍‌ମାନେ ସୂଚନା ଦେଇଛନ୍ତି। ପ୍ରତିଷ୍ଠିତ ଜ୍ୟୋତିର୍ବିଦ୍ ଗ୍ରୀନ୍‌ଷ୍ଟୋନ୍ ଲୋବୋଙ୍କ ମତରେ ରୋହିତ ଶର୍ମାଙ୍କ କୁଣ୍ଡଳୀରେ ଏବେ ଉଚ୍ଚକୋଟୀର ସଫଳତା ରହିଛି। ୨୯ ଡିଗ୍ରିରେ ୟୁରାନସ ଓ ୧୫ ଡିଗ୍ରିରେ ନେପଚ୍ୟୁନ୍ ରହିଛି। ପ୍ଲାନେଟ୍ ଏକ୍ସ ଓ ଜେଡ୍‌ରେ ମଧ୍ୟ ତାଙ୍କ ରାଶି ଖୁବ୍ ଶକ୍ତିଶାଳୀ ରହିଛି। ଏହାର ରୋହିତଙ୍କୁ କିମ୍ବଦନ୍ତୀରେ ପରିଣତ କରିବ। ଏଣୁ ରବିବାର ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଫାଇନାଲ ଜିତିବ ବୋଲର ଲୋବୋ ସ୍ପଷ୍ଟ ଭାବେ ସୂଚନା ଦେଇଛନ୍ତି। ଉଭୟ ଦଳରେ ଏକାଧିକ ମ୍ୟାଚ୍ ବିଜେତା ରହିଛନ୍ତି। କେବଳ ଭାରତୀୟ ଦଳରେ ଅଧିକ କ୍ୱାଲିଟି ସ୍ପିନର ଅଛନ୍ତି। ଦୁବାଇ ପିଚ୍ ସ୍ପିନରଙ୍କୁ ସୁହାଉଛି। ଏହି ଗୋଟିଏ ବିଭାଗରେ ନ୍ୟୁଜିଲାଣ୍ଡଠାରୁ ଭାରତ ସାମାନ୍ୟ ଆଗରେ ରହିଛି। ଏହାକୁ ଦଳ କିପରି କାମରେ ଲଗାଇବ ତାହା ଉପରେ ହାରଜିତ ନିର୍ଭର କରୁଛି।

### ● ଚତୁର୍ଥ ମହିଳା ଏସିଆ କପ୍ ବେସ୍‌ବଲ

## ଜାତୀୟ ଚୟନ ଶିବିରରେ ୩ ଓଡ଼ିଆ

**ଭୁବନେଶ୍ୱର,୭।୩(ସମିସ):** ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଏପ୍ରିଲ ୩ରୁ ୨୯ ତାରିଖଯାଏ ବେସ୍‌ବଲ ଫେଡେରେସନ ଅଫ୍ ଏସିଆ ଆନୁକୂଲ୍ୟରେ ଚତୁର୍ଥ ମହିଳା ଏସିଆ କପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଦଳ ଚୟନ ଲାଗି ପଞ୍ଜାବର ସାଙ୍ଗରୁରଠାରେ ଜାତୀୟ ଚୟନ ପ୍ରକ୍ରିୟା ଶିବିର ଆୟୋଜିତ ହେବ। ଏହି ଶିବିରରେ ପ୍ରଶିକ୍ଷଣ ଦେବା ପରେ ଚୂଡାନ୍ତ ଭାରତୀୟ ଦଳ ଚୟନ କରାଯିବ ବୋଲି ବେସ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା ସଭାପତି ପ୍ରବୋଧ ମହାନ୍ତି କହିଛନ୍ତି। ଓଡ଼ିଶାରୁ ୩ଜଣ ଖେଳାଳି ଯଥା ଦୀପା ମାଝୀ, ଧରିତ୍ରୀ ସିଂ ଓ ମମତା ସିଂଙ୍କୁ ଏହି ପ୍ରଶିକ୍ଷଣ ଓ ଚୟନ ଶିବିରରେ ସାମିଲ କରାଯାଇଛି। ସଭାପତି ପ୍ରବୋଧ ମହାନ୍ତି ଖେଳାଳିଙ୍କର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ସମ୍ପାଦକ ଶିବାନନ୍ଦ ପ୍ରଧାନ, ବରିଷ୍ଠ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଓ ଯୁଗ୍ମ ସଚିବ ସୁବାସ ସ୍ୱାଇଁ ସମସ୍ତ ୩ଜଣ ଯାକ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତ ଖେଳାଳି କିଟ୍ ଓ କିସ୍‌ର ଛାତ୍ରୀ ଅଟନ୍ତି। ସଫଳତା ଲାଗି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି।

### ମହିଳା ପ୍ରିମିୟର ଲିଗ୍

## ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଲେ ହର୍ଲିନ୍

**ଲକ୍ଷ୍ନୌ, ୭।୩ (ଏଜେନ୍ସି):** ହର୍ଲିନ ଦେଓଲଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ମହିଳା ପ୍ରିମିୟର ଲିଗ୍‌ର ୧୭ଶ ମ୍ୟାଚ୍‌ରେ ଗୁଜରାଟ ଜ୍ୟାଣ୍ଟସ ୫ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମେଗ୍ ଲାନିଂଙ୍କ ୯୨ ଓ ଶେଫାଳି ବର୍ମାଙ୍କ ୪୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟରେ ୧୭୭ ରନ୍ କରିଥିଲା। ଜବାବରେ ହର୍ଲିନ ୪୯ ବଲ୍‌ରେ ଅପରାଜିତ ୭୦ ରନ୍ (୯ ଚୌକା, ୧ଛକା), ବେଥ୍ ମୁନୀଙ୍କ ୩୫ ବଲ୍‌ରେ ୪୪, ଆଶଲେ ଗାର୍ଡନରଙ୍କ ୧୩ ବଲ୍‌ରେ ୨୨ ଓ ଡିଆଣ୍ଡ୍ରା ଡଟିନଙ୍କ ୧୦ ବଲ୍‌ରେ ୨୪ ରନ୍ ବଳରେ ଗୁଜରାଟ ଶେଷ ଓଭରରେ ୫ ୱିକେଟରେ ୧୭୮ ରନ୍ କରି ମ୍ୟାଚ୍ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ହାରିଥିଲେ ମଧ୍ୟ ଦିଲ୍ଲୀ ୧୦ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ୭ଟି ମ୍ୟାଚ୍‌ରୁ ଗୁଜରାଟ ଓ ୬ଟି ମ୍ୟାଚ୍‌ରୁ ମୁମ୍ବାଇ ୮ ପଏଣ୍ଟ ଲେଖାଏଁ ପାଇ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଦୁଇ ନିର୍ଭଯୋଗ୍ୟ ଓପନରଙ୍କ ଦ୍ରୁତ ରନ୍ ସଂଗ୍ରହ ବଳରେ ପ୍ରଥମ ୱିକେଟରୁ ୯ ଓଭରରେ ୮୩ ରନ୍ ଉଠାଇଥିଲା। ଏହି ସମୟରେ ଶେଫାଳି ଆଉ ଏକ ବଡ଼ ସଟ୍ ମାରିବାକୁ ଯାଇ ଆଉଟ ହୋଇଥିଲେ। ସେ ୨୭ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୪୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଲାନିଂଙ୍କୁ ଆଉ ସହାୟତା ମିଳି ନ ଥିଲା। ସେ ଏକାକୀ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରି ୫୭ ବଲ୍‌ରୁ ୧୫ ଚୌକା ଓ ୧ ଛକା ସହ ୯୨ ରନ୍ କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଲାନିଂଙ୍କର ଏହା ତୃତୀୟ ଅର୍ଦ୍ଧଶତକ। ପୂର୍ବରୁ ସେ ୟୁପି ୱାରିୟର୍ଜ ବିପକ୍ଷରେ ୬୯ ଓ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅପରାଜିତ ୬୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନ୍ନାବେଲ ସଦରଲାଣ୍ଡ (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ନ ଥିଲେ। ଗୁଜରାଟ ପକ୍ଷରୁ ମେଘନା ସିଂ ୩ଟି ଓ ଡିଆଣ୍ଡ୍ରା ଡଟିନ ୨ଟି ୱିକେଟ ପାଇଥିଲେ।



### ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

## ପାରାମାଉଣ୍ଟ- ପ୍ରଗତି ଫାଇନାଲ

**ଭୁବନେଶ୍ୱର,୭ ।୩(ସମିସ):** ପାରାମାଉଣ୍ଟ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡିଆରେ ଚାଲିଥିବା ପ୍ରଥମ ମହେନ୍ଦ୍ର କୁମରା ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ରବିବାର ଟାଇଟଲ ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୩୨ ରନରେ ଆୟୋଜକ ଟାଉନ୍ କ୍ଲବକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଗତି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ରଘୁନାଥ ମଲ୍ଲ ୬୪ ବଲରୁ ସର୍ବାଧିକ ୫୯, ଅଂଶୁମାନ ବେଜ ୨୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଟାଉନ କ୍ଲବର ବାଦଲ ଭୋଳ, ଶୁଭସଙ୍କେତ ଧଳ ଓ ଦୀପକ ମାଝୀ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଟାଉନ୍ କ୍ଲବ୍ ୨୯ ଓଭରରେ ୧୪୯ ରନରେ ଅଲଆଉଟ ହୋଇଥିଲା। ଦଳର ରାକେଶ କୁମାର ବାରିକ ୩୩, ଅଶ୍ୱିନ ମହାପାତ୍ର ୨୯ ରନ ସଂଗ୍ରହ କରିଥିଲେ। ପ୍ରଗତିର ରଘୁନାଥ ମଲ୍ଲ ହ୍ୟାଟ୍ରିକ ନେବା ସହ ୫ ଓଭର ବୋଲିଂ କରି ୧୪ ରନ ଦେଇ ୫ ୱିକେଟ ଅକ୍ତିଆର କରିଥିଲେ। ରଘୁନାଥଙ୍କୁ ମହେନ୍ଦ୍ର ଜେନାଙ୍କ ପୁତ୍ର ତଥା ଉଦ୍ୟୋଗପତି ଦିଲୀପ କୁମାର ଜେନା ଓ କର୍ପୋରେଟର ଶିବପ୍ରସାଦ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



### ● ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ୍

## ଜୟପ୍ରକାଶଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର,୭।୩(ସମିସ):** ଦ୍ୱିତୀୟ ସିଡ୍ ତାମିଲନାଡୁର ଓଟି ଜୟପ୍ରକାଶ ଏଠାରେ ଶୁକ୍ରବାର ଶେଷ ହୋଇଥିବା ୨.୫ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ସର୍ବଭାରତୀୟ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ଟେନିସ ଟୁର୍ଣ୍ଣାମେଣ୍ଟରେ ଡବଲ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ଏକକ ଫାଇନାଲରେ ଜୟପ୍ରକାଶ ୨-୧ ସେଟ୍‌ରେ ଟପ୍ ସିଡ୍ ହରିୟାଣାର ଉଦିତ କାମ୍ବୋଜଙ୍କୁ ପରାସ୍ତ କରିଥିଲେ। ଗୁରୁକୂଳ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଜୟପ୍ରକାଶ ଏହି ମ୍ୟାଚ୍‌କୁ ୬-୨, ୩-୬, ୬-୩ ସେଟ୍‌ରେ ଜିତିନେଇଥିଲେ। ଏହା ପରେ ଯୁଗଳ ଫାଇନାଲ ମ୍ୟାଚ୍ ଖେଳାଯିବାର ଥିଲା। ଏଥିରେ ଆଘାତ ଯୋଗୁଁ ଓଡ଼ିଆ ଖେଳାଳି ଚିନ୍ମୟ ପ୍ରଧାନ ଓ କାଭିନ କାର୍ତ୍ତିକ ଓହରିଯିବାରୁ ଜୟପ୍ରକାଶ ଓ ତାଙ୍କ କର୍ଣ୍ଣାଟକ ପାର୍ଟନର ଶେଖ ମହମ୍ମଦ୍ ଇଫତିକର ୱାକ୍‌ଓଭର ପାଇ ଟାଇଟଲ ଜିତିଥିଲେ।



ଖେଳ ଶେଷରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ଲିଃର ସଭାପତି ପ୍ରବୋଧ ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟ ପ୍ରାୟୋଜକ ତଥା ମେଜର ସନ୍ଦୀପଙ୍କ ବଡ଼ ଭାଇ ସଞ୍ଜୀବ ମହାପାତ୍ର, ଗୁରୁକୂଳ ରିସର୍ଟ ଆଣ୍ଡ କଣ୍ଟ୍ରି କ୍ଲବ୍‌ର ପ୍ରତିଷ୍ଠାତା ଡାକ୍ତର ପ୍ରତାପ କୁମାର ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ପୁଷ୍ପିତା ପଣ୍ଡା ପ୍ରଧାନ ଓ ଏଆଇଟିଏ ସୁପରଭାଇଜର ପ୍ରବୀଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଫେବୃଆରୀର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ଦୌଡ଼ରେ ଗିଲ୍

**ଦୁବାଇ,୭ ।୩(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ଭାରତୀୟ ଯୁବ ଓପନର ଶୁବମାନ ଗିଲ୍ ସାମିଲ ହୋଇଛନ୍ତି। ଫେବୃଆରୀ ମାସର ଶ୍ରେଷ୍ଠ କ୍ରିକେଟ ପୁରସ୍କାର ଦୌଡ଼ରେ ଗିଲ୍‌ଙ୍କ ସମେତ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ଓ ନିକଟରେ ଅବସର ନେଇଥିବା ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ସାମିଲ ହୋଇଛନ୍ତି। ଗିଲ୍ ଗତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ଦିନିକିଆ ର୍‌ୟାଙ୍କିଙ୍ଗରେ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଥିଲେ। ସେହିପରି ଫିଲିପ୍ସ ଗତ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସ୍ମିଥ୍ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ସିରିଜରେ କ୍ରମାଗତ ଦୁଇଟି ଶତକ ଅର୍ଜନ କରିଥିଲେ।

## ଆନ୍ତଃ-ଜିଲ୍ଲା କଳାହାଣ୍ଡି କପ୍ ୧୮ରୁ

**କଟକ,୭।୩(ସମିସ):** ଆସନ୍ତା ୧୮ରୁ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ 'କଳାହାଣ୍ଡି କପ୍' ଆରମ୍ଭ ହେବ। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଟୁର୍ଣ୍ଣାମେଣ୍ଟ କମିଟି ବୈଠକରେ ଆଜି ଏହି ଘୋଷଣା ହୋଇଛି। ୩୮ଟି ଦଳକୁ ୬ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ-ଏରେ ପୂର୍ବତଟ ରେଳବାଇ, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, କନ୍ଧମାଳ, ଯାଜପୁର, ଗ୍ରୁପ-ବିରେ କଟକ-ଏ, କେନ୍ଦୁଝର, ବୌଦ୍ଧ, ନୂଆପଡା, ଜଗତସିଂହପୁର, ଖୋର୍ଦ୍ଧା, ଗ୍ରୁପ-ସିରେ ନୟାଗଡ, ଭୁବନେଶ୍ୱର-ବି, ପାରାଦୀପ, ଗଜପତି, କଳାହାଣ୍ଡି, ସୁନ୍ଦରଗଡ, ଗ୍ରୁପ-ଡିରେ ଭୁବେନଶ୍ୱର-ଏ, ଅନୁଗୋଳ, ପୁରୀ, ବଲାଙ୍ଗୀର, ଦେବଗଡ, ରାଉରକେଲା, ଗ୍ରୁପ-ଇରେ ବାଲେଶ୍ୱର, ବରଗଡ, କେନ୍ଦ୍ରାପଡା, ସୋନପୁର, ମାଲକାନଗିରି, ସମ୍ବଲପୁର-ଏ, ଝାରସୁଗୁଡା, ଗ୍ରୁପ-ଏଫରେ ଭଦ୍ରକ, କିଟ୍, ସମ୍ବଲପୁର-ବି, ଗଞ୍ଜାମ, ରାୟଗଡା, କଟକ-ବି ଏବଂ ଢେଙ୍କାନାଳ ଦଳ ସ୍ଥାନ ପାଇଛନ୍ତି। ଏକଦିବସୀୟ ଫର୍ମାଟରେ ସମସ୍ତ ମ୍ୟାଚ୍ ଖେଳାଯିବ। ଖେଳସୂଚୀ ଏବଂ ଭେନ୍ୟୁ ତାଲିକା ପରବର୍ତ୍ତୀ ପର୍ଯ୍ୟାୟରେ ଘୋଷଣା ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

### ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ

## ୧୨ ରନ୍‌ରେ ହାରିଲା ଓଡ଼ିଶା

**କଟକ,୭।୩(ସମିସ):** ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୧୨ ରନ୍‌ରେ ସୌରାଷ୍ଟ୍ର ଠାରୁ ପରାସ୍ତ ହୋଇଛି। ପଣ୍ଡିଚେରୀର ସିଏପି ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭି ହୀରାଭଙ୍କ ୬୯ରନ ଏବଂ ପି ଆୟୁଷିଙ୍କ ୪୭ରନ ସହାୟତାରେ ସୌରାଷ୍ଟ୍ର ୬ ୱିକେଟ ବିନିମୟରେ ୧୯୦ରନ ସଂଗ୍ରହ କରିଥିଲା। ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୩ଟି ୱିକେଟ ଅକ୍ତିଆର କରିଥିଲେ। ଧିମା ଗତିରେ ରନ୍ ସଂଗ୍ରହ ସହ ନିୟମିତ ବ୍ୟବଧାନରେ ୱିକେଟ ପତନ ଯୋଗୁଁ ଓଡ଼ିଶା ୧୭୮ରନରେ ସୀମିତ ରହିଥିଲା। କୁସୁମ ତିରିଆ ସର୍ବାଧିକ ୩୧ ରନ କରିଥିଲେ। ବିଜୟୀ ସୌରାଷ୍ଟ୍ର ପକ୍ଷରୁ ରିଦ୍ଧି ଜାରୁ ଏବଂ ଟି ଧରଣୀ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ। ଆସନ୍ତା ୯ରେ ହରିୟାଣା ବିପକ୍ଷରେ ଓଡ଼ିଶା ୩ୟ ଲିଗ୍ ମ୍ୟାଚ୍ ଖେଳିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS